

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
E-mail : sambadkalikanews@gmail.com
The Sambad Kalika
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୨୮୨ ● ୧୧ ନଭେମ୍ବର ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-282 ● 11th November 2024, Monday ● Bhubaneswar | Licensed to post without pre-payment of postage No- BN-60/25-27

# ଓଡ଼ିଶାକୁ ମିଲେଟ୍ ହବ୍ କରାଯିବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୦।୧୧**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟର ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଦୁଇ ଦିନିଆ ଅନ୍ତର୍ଜାତୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟରେ ମିଲେଟ ଜାତୀୟ ଫସଲର ଉତ୍ପାଦନ ଏବଂ ବ୍ୟବହାରକୁ ବୃଦ୍ଧି କରିବା ସହ ଓଡ଼ିଶାକୁ ଭାରତର ମିଲେଟ ହବ୍‌ରେ ପରିଣତ କରାଯିବ । ଏଥିପାଇଁ ଚଳିତ ବର୍ଷ ବଜେଟରେ ୬୪୯ କୋଟି ଟଙ୍କାର ପ୍ରାବଧାନ କରାଯାଇଛି ବୋଲି ସେ କହିଥିଲେ। ଏହା ସହିତ ମାଣବସା ଗୁରୁବାରରେ ମାଣ୍ଡିଆକୁ ଭୋଗ ଲାଗି କରିବା ପାଇଁ ମୁଖ୍ୟମନ୍ତ୍ରୀ ମା'ମାନଙ୍କୁ ଅନୁରୋଧ କରିଥିଲେ।

ସୂଚନାଯୋଗ୍ୟ ଯେ, ବିସ୍ମୃତ ଖାଦ୍ୟଶସ୍ୟର ପୁନରୁଦ୍ଧାର ପାଇଁ ଆୟୋଜିତ




ଏହି ସମ୍ମିଳନୀରେ ମିଳିତ ଜାତିସଂଘର ପ୍ରତିନିଧି, କୃଷି ବିଜ୍ଞାନୀ, ଗବେଷକ, ବିଶେଷଜ୍ଞ, ବୁଦ୍ଧିଜୀବୀ, ବିଭିନ୍ନ ଜିଲ୍ଲାର କୃଷକ ଓ ଅଗ୍ରଣୀ ମହିଳା ଚାଷୀମାନେ ଯୋଗ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ପୁଷ୍ଟିଶସ୍ୟ ଓ ଚାଷ ପ୍ରଣାଳୀ ଆମ ଆଦିବାସୀ ଜନଜାତି ସମ୍ପ୍ରଦାୟଙ୍କ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି। ପୁଷ୍ଟିଶସ୍ୟର ପ୍ରାଚୀନତା ଏବଂ ଆମ ସଂସ୍କୃତି ଓ ଐତିହ୍ୟ ସହିତ ଏହାର ନିବିଡତାକୁ ଦୃଷ୍ଟିରେ ରଖି ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଶ୍ରୀଅନ୍ନ ଭାବେ ନାମିତ କରିଛନ୍ତି । ପୁଷ୍ଟିଶସ୍ୟ ବା ଶ୍ରୀଅନ୍ନ ଜାତୀୟ ଫସଲ ଆମ ରାଜ୍ୟ କୃଷିର ଏକ ଅଭିନ୍ନ ଅଂଶବିଶେଷ। ଜଳବାୟୁ ସହିଷ୍ଣୁତା ଗୁଣ ସହ ମାଣ୍ଡିଆ ଏବଂ ଅନ୍ୟାନ୍ୟ ପୁଷ୍ଟିଶସ୍ୟଗୁଡିକ ପୁଷ୍ଟି ଏବଂ ଖାଦ୍ୟ ସୁରକ୍ଷା ଦୃଷ୍ଟିକୋଣରୁ ଗରୁତ୍ୱପୂର୍ଣ୍ଣ ଅଟେ। ଅବିଭକ୍ତ କୋରାପୁଟ ଜିଲ୍ଲାରୁ ଆରମ୍ଭ ହୋଇଥିବା ଏହି ଶ୍ରୀଅନ୍ନ ଚାଷ ଆଜି ସାରା ଦେଶରେ ଏକ ବିପ୍ଳବର ରୂପ ନେଇଛି ଏବଂ ଆଜି ସାରା ଓଡ଼ିଶାରେ ଶ୍ରୀଅନ୍ନ ଚାଷ ହେଉଛି। ପ୍ରାୟ ୧୭୭ ବ୍ଲକରେ ଏହି ଚାଷକୁ ସମ୍ପ୍ରସାରଣ କରାଯାଇଛି ।

ପୁଷ୍ଟିଶସ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭାରତରେ ପ୍ରାୟ ୧୪ ପ୍ରକାର ପୁଷ୍ଟିଶସ୍ୟ ଶ୍ରୀଅନ୍ନ ଭାବେ ମାନ୍ୟତା ପାଇଛି । ସେଥି ମଧ୍ୟରୁ ବାଜରା, ମାଣ୍ଡିଆ ସବୁଠାରୁ *(ପୃଷ୍ଠା ୭ରେ)*

# ବୁଲ୍‌ଡୋଜର ନ୍ୟାୟ ସ୍ୱୀକାର ଯୋଗ୍ୟ ନୁହେଁ: ସିଜେଆଇ

**ନୂଆଦିଲ୍ଲୀ, ୧୦।୧୧**

'ନାଗରିକଙ୍କ ସ୍ୱରକୁ ସେମାନଙ୍କ ସମ୍ପତ୍ତି। ନଷ୍ଟ କରିବାକୁ ଧମକ ଦେଇ ଦମନ କରାଯାଇପାରିବ ନାହିଁ । ଆଇନର ନିୟମ ଅନୁଯାୟୀ ବୁଲଡୋଜର ନ୍ୟାୟ ସମ୍ପୂର୍ଣ୍ଣ ଗ୍ରହଣୀୟ ନୁହେଁ । ଏହା ସଭ୍ୟ ସମାଜରେ ଅସ୍ୱୀକାର ଯୋଗ୍ୟ। ଅବସର ନେବା ପୂର୍ବରୁ ସିଜେଆଇ ଜଷ୍ଟିସ ଡି ୱାଇ ଚନ୍ଦ୍ରଚୂଡ ଏଭଳି କିଛି ଶେଷ ରାୟ ଶୁଣାଇଛନ୍ତି।

ଅବସର ନେଇଛନ୍ତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି । ରବିବାର ଅର୍ଥାତ ନଭେମ୍ବର ୧୦ରେ ସିଜେଆଇ ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ତେବେ ଏହା ପୂର୍ବରୁ ଶେଷ କାର୍ଯ୍ୟ ଦିବସରେ ୪୫ଟି ଗୁରୁତ୍ୱପର୍ଣ୍ଣ ମାମଲାରେ ଫଇସଲା ଶୁଣାଇଛନ୍ତି ସେ । ଏଥିରେ ସେ ବୁଲଡୋଜର ନ୍ୟାୟକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି।

ସିଜେଇଆ ଜଷ୍ଟିସ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେ ବି ପାରଦିବାଲା ଓ ଜଷ୍ଟିସ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ବୁଲଡୋଜର ମାଧ୍ୟମରେ ନ୍ୟାୟ ପ୍ରଦାନ କୌଣସି ସଭ୍ୟ ନ୍ୟାୟ ବ୍ୟବସ୍ଥାର ଅଂଶ ହୋଇପାରିବ ନାହିଁ ବୋଲି କହିଛନ୍ତି । ଆଇନର ଶାସନରେ ବୁଲଡୋଜର ନ୍ୟାୟ ସ୍ୱୀକାର ଯୋଗ୍ୟ ନୁହେଁ । ଯଦି ଏହାକୁ ଅନୁମତି ଦିଆଗଲା ତେବେ ଅନୁଚ୍ଛେଦ



୩୦୦(କ)ର ସମ୍ପତ୍ତିଗତ ଅଧିକାର। ସାମ୍ବିଧାନିକ ମାନ୍ୟତାରୁ ବାଦ ପଡିବ। ଏହି ଧାରାର କୌଣସି ମୂଲ୍ୟ ରହିବ ନାହିଁ।

ବେଞ୍ଚ ଆହୁରି କହିଛନ୍ତି, ରାଜ୍ୟରେ ବେଆଇନ ଜବରଦଖଲ କିମ୍ବା ବେଆଇନ ଭାବେ ନିର୍ମାଣ ହୋଇଥିବା ସଂରଚନାକୁ ହଟାଇବା ପାଇଁ ପଦକ୍ଷେପ ନେବା ପୂର୍ବରୁ ଆଇନର ଉଚିତ ପ୍ରକ୍ରିୟାକୁ ପାଳନ କରିବା ଉଚିତ । ବୁଲଡୋଜର ମାଧ୍ୟମରେ ନ୍ୟାୟ ନ୍ୟାୟଶସ୍ତ୍ରର କୌଣସି ସଭ୍ୟ ପ୍ରଣାଳୀ ପାଇଁ ଠିକ ନୁହେଁ । ଏହା ବିପଜ୍ଜନକ, ଯଦି ରାଜ୍ୟମାନଙ୍କର କୌଣସି ୱିଙ୍ଗ କିମ୍ବା ଅଧିକାରୀଙ୍କ ଦ୍ୱାରା ବୁଲଡୋଜର ନ୍ୟାୟକୁ ଅନୁମତି ଦିଆଯାଏ, ତେବେ ନାଗରିକଙ୍କ ସମ୍ପତ୍ତି ବାହ୍ୟ କାରଣରୁ ଭାଙ୍ଗି ଦିଆଯିବ ବୋଲି ସିଜେଆଇ ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ସାଧାରଣ ନାଗରିକଙ୍କ ସ୍ୱରକୁ ସେମାନଙ୍କ ସମ୍ପତ୍ତି ଏବଂ ଘରକୁ ନଷ୍ଟ କରି କିମ୍ବା ଧମକଚମକ ଦେଇ ଚାପି ଦିଆଯାଇପାରିବ ନାହିଁ । ଜଣେ ବ୍ୟକ୍ତିର ସର୍ବାଧିକ ସୁରକ୍ଷା ରୂପରେ ଯଦି କିଛି ରହିଛି ତେବେ ତାହା ତା'ର ଘର। ନ୍ୟାୟ ବ୍ୟବସ୍ଥା ସେସବୁର ସୁରକ୍ଷା ପାଇଁ ସର୍ବନିମ୍ନ ସୀମା ନିର୍ଦ୍ଧାରଣର ପ୍ରସ୍ତାବ ଦିଆଯାଇଛି। ସାଧାରଣ ଲୋକଙ୍କ ସମ୍ପତ୍ତି ଜବତ କରିବା ପୂର୍ବରୁ ସେମାନଙ୍କର ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାକୁ ପଡ଼ିବ ବୋଲି ଡିୱାଇ ଚନ୍ଦ୍ରଚୂଡ଼ କହିଛନ୍ତି।

## ରବିଋତୁ ଫସଲ ପାଇଁ କୃଷକ ପାଇବେ ୯ ହଜାର କୋଟି ଟଙ୍କାର ଋଣ



**ନୂଆଦିଲ୍ଲୀ, ୧୦।୧୧**

ରାଜ୍ୟରେ ଚଳିତ ୨୦୨୪-୨୫ ରବିଋତୁ ପାଇଁ ୯ ହଜାର କୋଟି ଟଙ୍କାର ଋଣ ପ୍ରଦାନ କରିବାକୁ ଯୋଜନା ରଖାଯାଇଛି ବୋଲି ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ କହିଛନ୍ତି। ଗତବର୍ଷ ତୁଳନାରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଚାଷୀମାନେ ଅଧିକ ପରିମାଣର ଋଣ ନେଇଥିବାରୁ ଚଳିତ ବର୍ଷ ଏହାକୁ ୯ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ବୋଲି ସେ କହିଛନ୍ତି।

ଏ ଋଣ ପ୍ରଦାନ ଯୋଜନାରେ କୃଷକମାନେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପାଇପାରିବେ। ସେହିପରି ୧ ଲକ୍ଷରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ଚାଷୀଙ୍କୁ ୨ ପ୍ରତିଶତ ସୁଧ ପରିଶୋଧ କରିବାକୁ ପଡ଼ିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ନୂଆଦିଲ୍ଲୀସ୍ଥିତ କାନାଡା ଦୂତାବାସ ବାରିକେଡ ଭାଙ୍ଗିଲେ ଲୋକେ

**ନୂଆଦିଲ୍ଲୀ, ୧୦।୧୧**

ହିନ୍ଦୁ ଓ ଶିଖ ସଂଗଠନର କର୍ମକର୍ତ୍ତାମାନେ ରବିବାର ନୂଆଦିଲ୍ଲୀସ୍ଥିତ କାନାଡା ହାଇକମିଶନ ସମ୍ମୁଖରେ ଦୃଢ଼ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । କାନାଡାର ବ୍ରାମ୍ପଟନରେ ଥିବା ଏକ ହିନ୍ଦୁ ମନ୍ଦିର ଉପରେ ହୋଇଥିବା ଆକ୍ରମଣ ବିରୋଧରେ ଏହି ବିରୋଧ ପ୍ରଦର୍ଶନ କରାଯାଇଥିଲା । ଗତ ନଭେମ୍ବର ୪ରେ ଖଲିସ୍ତାନ ସମର୍ଥକ ଗୋଷ୍ଠୀ ମନ୍ଦିର ବାହାରେ ଭଙ୍ଗାରୁଜା କରିବା ସହ ଶ୍ରଦ୍ଧାଳୁଙ୍କୁ ମାଡ଼ ମାରିଥିଲେ । ଏହାକୁ ନେଇ ଭାରତରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

ହିନ୍ଦୁ ଶିଖ ଗ୍ଲୋବାଲ ଫୋରମର ସଦସ୍ୟମାନେ ଦିଲ୍ଲୀସ୍ଥିତ କାନାଡା ହାଇକମିଶନ ଅଭିମୁଖେ ଯାତ୍ରା କରିଥିଲେ




ଏବଂ ହିନ୍ଦୁ ଏବଂ ଶିଖ ଏକ। ଭାରତ ତା'ର ମନ୍ଦିର ଅପମାନକୁ ବରଦାସ୍ତ କରିବ ନାହିଁ ଭଳି ସ୍ଲୋଗାନ ଦେଇ ପୁଲିସ ବ୍ୟାରିକେଡ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ରବିବାର ହୋଇଥିବା ବିକ୍ଷୋଭକୁ ଦୃଷ୍ଟିରେ ରଖି ଦିଲ୍ଲୀର ଚାଣକ୍ୟପୁରୀରେ ଥିବା କାନାଡା ଦୂତାବାସ ସମ୍ମୁଖରେ ସୁରକ୍ଷା ବଢ଼ାଇ ଦିଆଯାଇଥିଲା, ଯେଉଁଥିରେ ଦିଲ୍ଲୀ ପୁଲିସ ବହୁ ସଂଖ୍ୟକ ପୁଲିସ ମୁତୟନ କରିବା ସହ ବିଭିନ୍ନ ସ୍ତରରେ ବ୍ୟାରିକେଡ ଲଗାଇଥିଲା।

# କଶ୍ମୀର ଆତଙ୍କବାଦୀଙ୍କ ହାତରେ ଆମେରିକା ନିର୍ମିତ ଏମ୍-୪ ରାଇଫଲ

**ନୂଆଦିଲ୍ଲୀ, ୧୦।୧୧**

ଗତ କିଛି ମାସ ମଧ୍ୟରେ ଜମ୍ମୁ-କଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଏମ-୪ ରାଇଫଲ ବ୍ୟବହାର ପ୍ରତିରକ୍ଷା ବିଶେଷଜ୍ଞ ତଥା ସୁରକ୍ଷା ବାହିନୀର ଦୃଷ୍ଟି ଆକର୍ଷଣ କରିଛି । ପାକିସ୍ତାନରୁ ଆସୁଥିବା ଆତଙ୍କବାଦୀଙ୍କଠାରୁ କଶ୍ମୀରରେ ଏମ-୪ କାର୍ବାଇନ ବନ୍ଧୁକ କ୍ରମାଗତ ଭାବେ ଜବତ କରାଯାଉଛି।

ନିକଟରେ ଜମ୍ମୁ-କଶ୍ମୀରର ଗନ୍ଦରାଲରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆତଙ୍କବାଦୀମାନେ ସିସିଟିଭି ଫୁଟେଜରେ ଏମ-୪ ରାଇଫଲ ସହ ଦେଖାଯାଇଥିଲେ। ଆମେରିକାରେ ନିର୍ମିତ ଏହି ରାଇଫଲଗୁଡିକ ତାଲିବାନ କ୍ଷମତାରେ ଥିବା ଆଫଗାନିସ୍ତାନରୁ



କିଣାଯାଇଥିବା ଜଣାପଡିଛି । ଯଦିଓ ଏହି ବିଷୟ ଏତେ ସରଳ ନୁହେଁ, କଶ୍ମୀରରେ ପହଞ୍ଚିବା ପାଇଁ ଏକ ସ୍ୱତନ୍ତ୍ର ପାକିସ୍ତାନ ଲିଙ୍କ ରହିଥିବା କୁହାଯାଉଛି।

ଗାର୍ଡିଆନ ରିପୋର୍ଟ ଅନୁଯାୟୀ, କାବୁଲରେ କାର୍ଯ୍ୟ କରୁଥିବା ଆତଙ୍କବାଦୀ ଗୋଷ୍ଠୀ କାବୁଲରୁ ନୁହେଁ ବରଂ ଅନ୍ୟ ଉତ୍ସ (ପାକିସ୍ତାନ)ରୁ ଏମ୍-୪ ରାଇଫଲ ପାଇଛନ୍ତି। ତାଲିବାନ ସୂତ୍ରରୁ ପ୍ରକାଶ ଯେ ଯେତେବେଳେ ଆଫଗାନିସ୍ତାନରେ *(ପୃଷ୍ଠା ୭ରେ)*

# ଜାମିନ ନିଷ୍ପତ୍ତିରେ ଦିନେ ବିଳମ୍ବ ବି ମୌଳିକ ଅଧିକାରକୁ ପ୍ରଭାବିତ କରେ

**ନୂଆଦିଲ୍ଲୀ, ୧୦।୧୧**

ଜାମିନ ଆବେଦନ କରିବା ବ୍ୟକ୍ତିଗତ ସ୍ୱାଧୀନତା ଅଧିକାରର ଏକ ଅଂଶବିଶେଷ। ଅନୁରୂପ ଭାବେ ବ୍ୟକ୍ତିଗତ ସ୍ୱାଧୀନତା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ରେ ସୁନିଶ୍ଚିତ କରାଯାଇଥିବା ଜୀବନଧାରଣ ଅଧିକାରର ଏକ ଅଂଶ। ତେବେ ତଳ କୋର୍ଟଗୁଡ଼ିକରେ ଜାମିନ ପ୍ରଦାନରେ ନିଷ୍ପତ୍ତି ବେଳେ ଅହେତୁକ ବିଳମ୍ବ କରାଯାଉଥିବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି । ଫଳରେ ଅଭିଯୁକ୍ତମାନେ ଅକାରଣେ ଦୀର୍ଘଦିନ ଧରି ଜେଲ୍‌ରେ ଜୀବନ ବିତାଉଛନ୍ତି । ଏଭଳି ସ୍ଥିତିରେ ସୁପ୍ରିମ୍‌କୋର୍ଟ ୨୦୨୩ ଅଗଷ୍ଟରୁ ବିଚାରାଧୀନ ଥିବା ଏକ ମାମଲାର ଶୁଣାଣି କରି ଜାମିନ ଆବେଦନ ପ୍ରକ୍ରିୟା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଜଷ୍ଟିସ ବି.ଆର. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ଜାମିନ ପ୍ରଦାନରେ ଅଭ୍ୟାସଗତ ବିଳମ୍ବକୁ ନାପସନ୍ଦ କରି କହିଛନ୍ତି, ଜାମିନ



ପାଇବା ଅଭିଯୁକ୍ତଙ୍କ ମୌଳିକ ଅଧିକାର। ଏଥିରେ ଦିନଟିଏ ବି ବିଳମ୍ବ ହେଲେ ସମ୍ବିଧାନ ପ୍ରଦତ୍ତ ଏହି ଅଧିକାର କ୍ଷୁଣ୍ଣ ହେଉଛି।

ଅଦାଲତଗୁଡ଼ିକ ଜାମିନ ଆବେଦନକୁ ବର୍ଷ ବର୍ଷ ଧରି ପକାଇ ରଖୁଥିବାରୁ ସୁପ୍ରିମକୋର୍ଟ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଏପରିକି ଜାମିନ ଆବେଦନର ବିଚାର ଗୋଟିଏ ଦିନ ବିଳମ୍ବ ହେବା ଦ୍ୱାରା ନାଗରିକମାନଙ୍କ ମୌଳିକ ଅଧିକାର ଉପରେ ଏହା ପ୍ରତିକୂଳ ପ୍ରଭାବ ପକାଇଥାଏ ବୋଲି ଜଷ୍ଟିସ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି । ବ୍ୟକ୍ତିଗତ ସ୍ୱାଧୀନତାର ଗୁରୁତ୍ୱ *(ପୃଷ୍ଠା ୭ରେ)*

# ପିପିଲି ଚାନ୍ଦୁଆ ଶିଳ୍ପର ସଂରକ୍ଷଣ ପାଇଁ କେନ୍ଦ୍ର ସରକାରଙ୍କ ବଡ଼ ପଦକ୍ଷେପ

**ପୁରୀ, ୧୦।୧୧**
**ନ୍ୟୁଜ୍ ବ୍ୟୁରୋ**

ପୁରୀର ଐତିହ୍ୟ ପିପିଲି ଚାନ୍ଦୁଆ ଶିଳ୍ପର ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ପୁରୀ ଲୋକସଭା ସାଂସଦ ସମ୍ବିତ ପାତ୍ରଙ୍କ ଦ୍ୱାରା ଲୋକସଭାରେ ଉଠାଯାଇଥିବା ପ୍ରଶ୍ନର ଉତ୍ତରରେ କେନ୍ଦ୍ରୀୟ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ସେଖାୱତ ପିପିଲି ଚାନ୍ଦୁଆ ଶିଳ୍ପର ସଂରକ୍ଷଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି ।

ତାଙ୍କ ଘୋଷଣା ଅନୁଯାୟୀ, ସମସ୍ତ ସାତଟି ଆଞ୍ଚଳିକ ସାଂସ୍କୃତିକ କେନ୍ଦ୍ର ଚାନ୍ଦୁଆ ଶିଳ୍ପର ସଂରକ୍ଷଣରେ ସକ୍ରିୟ ଭୂମିକା ନେବେ। ରାଷ୍ଟ୍ରୀୟ ସାଂସ୍କୃତିକ ମହୋତ୍ସବରେ ଚାନ୍ଦୁଆ ଶିଳ୍ପୀମାନଙ୍କୁ ବିଶେଷ ସ୍ଥାନ ପ୍ରଦାନ କରାଯିବ। ଚାନ୍ଦୁଆ ଶିଳ୍ପୀମାନଙ୍କୁ ଆର୍ଥିକ ସହାୟତା ଦିଆଯିବ । ସେମାନଙ୍କ ପାଇଁ ନୂତନ ବଜାର



ସୁଯୋଗ ସୃଷ୍ଟି ହେବ। ଯୁବ ପିଢ଼ିଙ୍କୁ ଏହି ପାରମ୍ପରିକ ଶିଳ୍ପରେ ସାମିଲ କରିବା ପାଇଁ ସ୍ୱତନ୍ତ୍ର ଭାବେ ତାଲିମ ଓ ନିଯୁକ୍ତି ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ସେଖାୱତ କହିଛନ୍ତି।

୧୨ ଶତାବ୍ଦୀରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସହ ଜଡ଼ିତ ଏହି ଐତିହାସିକ ଶିଳ୍ପକଳା ତା'ର ସୂକ୍ଷ୍ମ କାରୁକାର୍ଯ୍ୟ ଏବଂ ଜୀବନ୍ତ ରଙ୍ଗ ପାଇଁ ବିଶ୍ୱ ପ୍ରସିଦ୍ଧ। ବାର୍ଷିକ ରଥଯାତ୍ରା ସମେତ ବିଭିନ୍ନ ଧାର୍ମିକ ଉତ୍ସବରେ ଏହି ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ଏବେ କେନ୍ଦ୍ର ସରକାର ଏହି ଶିଳ୍ପର ସଂରକ୍ଷଣ ପାଇଁ ପଦକ୍ଷେପ *(ପୃଷ୍ଠା ୭ରେ)*

## ଓଡ଼ିଶାର ପ୍ରକୃତ ଇତିହାସ ଜାଣିବାକୁ ହେବ ଗବେଷଣା: ଆଇନ ମନ୍ତ୍ରୀ

**ଭୁବନେଶ୍ୱର, ୧୦।୧୧**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଇତିହାସକୁ ନେଇ ହେବ ଗବେଷଣା। ଓଡ଼ିଆ ବରପୁତ୍ରଙ୍କ ସଂପର୍କରେ ଓ ଓଡ଼ିଶାର ପ୍ରକୃତ ଇତିହାସ ଜାଣିବାକୁ ହେବ ଗବେଷଣା । ଏନେଇ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ବିଶ୍ୱବିଦ୍ୟାଳୟର ଏକ ଚେୟାର ଓଡ଼ିଶାର ବରପୁତ୍ରଙ୍କ ନାଁରେ ପ୍ରତିଷ୍ଠା କରଯିବ । ଏଣେ ଓଡ଼ିଶାର ଏକ ପ୍ରମୁଖ ରାସ୍ତାକୁ ଜୟୀ ରାଜଗୁରୁଙ୍କ ନାଁରେ ନାମିତ କରାଯିବ।

ସେ ଆହୁରି କହିଛନ୍ତି, ଓଡ଼ିଶା ଇତିହାସକୁ ନେଇ ଗବେଷଣା ହୋଇନି, ଯାହାକି ଦୁର୍ଭାଗ୍ୟଜନକ । ବିଶ୍ୱବିଦ୍ୟାଳୟର ଏକ ଚେୟାର ଓଡ଼ିଶାର ବରପୁତ୍ରଙ୍କ ନାଁରେ ପ୍ରତିଷ୍ଠା କରଯିବ । ଏଣେ ଓଡ଼ିଶାର ଏକ ପ୍ରମୁଖ ରାସ୍ତାକୁ ଜୟୀ ରାଜଗୁରୁଙ୍କ ନାଁରେ ନାମିତ କରାଯିବ।

## ଏକାଳ ସକାଳ



ପାଣ୍ଡିଆ ବାବୁଙ୍କ ଅଡୁଆ ବଢ଼ିଲା
ବୁଲିଥିଲେ ଧରି ହେଲିକପ୍ଟର
ମନ୍ତ୍ରୀ କହିଲେଣି ତଦନ୍ତ ହେବ
ଖୋଳତାଡ ହେବ ଚାପ୍ଟର
ତାମିଲବାବୁ ହେବେଣି ହିଟର
ଦଶ୍ ହସାର୍ ଭୟଙ୍କର ସ୍ୱପ୍ନ
ବଜେଇବେଣି ଗିଟାର!!

# ସାକ୍ଷୀଗୋପାଳ ମନ୍ଦିରରେ ଅଁଳା ନବମୀ: ରାଧାପାଦ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ



**ସାକ୍ଷୀଗୋପାଳ, ୧୦।୧୧**
**ନ୍ୟୁଜ୍ ବ୍ୟୁରୋ**

କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥି ରବିବାର ସାକ୍ଷୀଗୋପାଳ ମନ୍ଦିରରେ ଅଁଳାନବମୀ ଉପଲକ୍ଷେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ଅବସରରେ ବର୍ଷକୁ ଗୋଟିଏ ଦିନ ଶ୍ରୀରାଧାଙ୍କ ଓଡ଼ିଆଣୀ ବେଶ ଦର୍ଶନ ସୁଯୋଗ ମିଳିଥିଲା । ପୂର୍ବ ରାତି ୧ ଟାରୁ ଦ୍ୱାର ଉନ୍ମୋଚନ କରାଯାଇ ମଙ୍ଗଳ ଆଳତି, ବେଶ, ମଇଲମ, ମର୍ଦ୍ଦନ, ଅବକାଶ, ଠାକୁରଙ୍କ ନଟବର ବେଶ ଏବଂ ଶ୍ରୀରାଧା ଓଡ଼ିଆଣୀ ବେଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳଧୂପ, ବାଲଧୂପ ଏବଂ ଆଳତି ପରେ ଭୋର ୪ ଠାରୁ ସେବାୟତ ପରିବାର ପ୍ରଥମେ ଦର୍ଶନ କରିଥିଲେ। ମନ୍ଦିର ସମ୍ମୁଖରୁ ରେଳ ଷ୍ଟେସନ ପର୍ଯ୍ୟନ୍ତ ଲମ୍ବା ଧାଡ଼ିରେ ଶ୍ରଦ୍ଧାଳୁ ମାନେ ୪ ଘଣ୍ଟାରୁ ଅଧିକ ସମୟ ଠିଆହୋଇ ରାଧାପାଦ ଦର୍ଶନ କରିଥିଲେ। ଅପରପକ୍ଷେ ମନ୍ଦିର ପଛପଟେ ଭିଆଇପି ଦର୍ଶନ ପାଇଁ ଠେଲାପେଲା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଉପସ୍ଥିତ ରହି ଯାତ୍ରା ପରିଚାଳନା ଅନୁଧ୍ୟାନ କରିଥିଲେ। ଆଇନ ଶୃଙ୍ଖଳା, ଟ୍ରାଫିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିବା ପୁରୀ ଏସପି କହିଛନ୍ତି । ବିଭିନ୍ନ *(ପୃଷ୍ଠା ୭ରେ)*

# ଖଲିସ୍ତାନୀଙ୍କୁ ସୁରକ୍ଷା ! ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରିଥିବା ଉଗ୍ରବାଦୀଙ୍କୁ ପୁଲିସ ତୁରନ୍ତ ମୁକ୍ତ କଲା

**ଅଟାୱା, ୧୦।୧୧**

କାନାଡାର ବ୍ରମ୍ପଟ୍ରେନ୍‌ରେ ଥିବା ଏକ ହିନ୍ଦୁ ମନ୍ଦିର ଉପରେ ହିଂସାତ୍ମକ ଆକ୍ରମଣ ମାମଲାରେ ପିଲ୍ ପୁଲିସ ଆଉ ଜଣଙ୍କୁ ଗିରଫ କରିଛି । ଖାଲିସ୍ତାନୀ ମୌଳବାଦୀ ଇନ୍ଦରଜିତ ଗୋସାଲଙ୍କୁ ପୁଲିସ ଗିରଫ କରିଛି।

ପିଲ ଆଞ୍ଚଳିକ ପୁଲିସ ଏହି ସୂଚନା ଦେଇଥିଲା। ପୁଲିସ ବିଭାଗର ଏକ ବିବୃତି ଅନୁଯାୟୀ, ୨୧ ଡିଭିଜନ କ୍ରାଇମବ୍ରାଞ୍ଚ ବ୍ୟୁରୋ ଏବଂ ଏସଆଇଟିର ଅନୁସନ୍ଧାନକାରୀମାନେ ବ୍ରମ୍ପଟନ ମନ୍ଦିରରେ ହୋଇଥିବା ହିଂସାକାଣ୍ଡରେ ସମ୍ପୃକ୍ତ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି।

ଆଶ୍ଚର୍ଯ୍ୟର କଥା, ଖାଲିସ୍ତାନୀ ମୌଳବାଦୀଙ୍କୁ ଗିରଫ ହେବାର କିଛି ସମୟ ପରେ ମୁକ୍ତ କରାଯାଇଥିଲା। ଏଥିରୁ ଏହା ସ୍ପଷ୍ଟ ହୋଇଛି ଯେ କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ସରକାର ଖୋଲାଖୋଲି ଭାବେ ଖଲିସ୍ତାନୀଙ୍କୁ ସୁରକ୍ଷା ଦେଉଛନ୍ତି।

ପୁଲିସର ସୂଚନାନୁସାରେ, ପ୍ରଦର୍ଶନ ସମୟରେ ଅନେକ ଘଟଣାର ତଦନ୍ତ କରାଯାଇଥିଲା। ଏଥିରେ ସେହି ଭିଡିଓଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯାଇଥିଲା। ଯେଉଁଥିରେ ଖାଲିସ୍ତାନୀ ପତାକା ଧରିଥିବା ଲୋକମାନେ ବାଡ଼ିରେ ଶ୍ରଦ୍ଧାଳୁଙ୍କୁ ଆକ୍ରମଣ କରୁଥିବା ଦେଖାଯାଇଥିଲା। *(ପୃଷ୍ଠା ୭ରେ)*





## ବେପରୁଆ ଭାବେ ମୋ' ବସ୍ ଚଳାଚଳକୁ ନେଇ ହାଇକୋର୍ଟଙ୍କ ଉଦବେଗ

# ଓଏସଆରଟିସିର ପରାମର୍ଶ ନିଅନ୍ତୁ କଟକ କର୍ତ୍ତୃପକ୍ଷ



**କଟକ, ନ୍ୟୁଜ ବ୍ୟୁରୋ**
ବେପରୁଆ ଭାବେ ମୋ ବସ ଚଳାଚଳକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି । ଯାତ୍ରୀଙ୍କ ସୁରକ୍ଷା ଏବଂ ଜନସାଧାରଣଙ୍କ ଧନ ଜୀବନକୁ ସୁରକ୍ଷା ଦେବା ଉପରେ ଗୁରୁତ୍ୱ ଦେବାଲାଗି କଟକ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ହୋଇଛି । ତେବେ ଶୃଙ୍ଖଳିତ ଭାବେ କିପରି ମୋ ବସ ଚଳାଚଳ କରିପାରିବ, ସେନେଇ କଟକ କର୍ତ୍ତୃପକ୍ଷ ରାଜ୍ୟ ସଡ଼କ ପରିବହନ ନିଗମ ସହ ପରାମର୍ଶ କରିବାକୁ କୁହାଯାଇଛି । ଯେମିତି ଗ୍ରାମୀଣ ଇଲାକାମାନଙ୍କରେ ଲକ୍ଷ୍ମୀ ବସ ଚଳାଚଳ କରୁଛି, ସେହି ଆକାରରେ ମୋ ବସ ଚଳାଚଳ କରୁ ବୋଲି ହାଇକୋର୍ଟ କହିଛନ୍ତି । ଏହି ମାମଲାର ଶୁଣାଣି ବେଳେ ଓଏସଆରଟିସି ଅଧ୍ୟକ୍ଷ ଏବଂ କଟକର ଅଧିକାରୀ ଆଭାସୀ ଜରିଆରେ ହାଜର ହୋଇଥିଲେ ।

## କଟକରେ ଡ୍ରଗ୍ସ ଓ ଅବକାରୀ ବିଭାଗର ମିଳିତ ଚଢ଼ଉ, ବିପୁଳ କଫ ସିରପ୍ ଜବତ : ୨ ଗିରଫ

**କଟକ, ନ୍ୟୁଜ ବ୍ୟୁରୋ**
ବେଆଇନ ମେଡ଼ିସିନ ଗଚ୍ଛିତ ରଖିବା ଓ ବିକ୍ରି କରିବା ଅଭିଯୋଗରେ ଡ୍ରଗ୍ସ ଓ ଅବକାରୀ ବିଭାଗର ମିଳିତ ଚଢ଼ଉ । ବିପୁଳ ପରିମାଣର କଫ ସିରପ ଜବତ । ଦୁଇଜଣଙ୍କୁ ବାନ୍ଧିଲା ଅବକାରୀ ପୋଲିସ । କଟକ ସଦରଅଞ୍ଚଳ ଶଙ୍ଖତ୍ରାଶ ସୁମାଣ୍ଡିରେ ଲାଇସେନ୍ସପ୍ରାପ୍ତ କୃଷ୍ଣା ମେଡ଼ିସିନ ଷ୍ଟୋର ଉପରେ ଚଢ଼ଉ କରି ୯୨ବୋତଲ କୋଡେନ ଯୁକ୍ତ ସିରପ୍ ଜବତ ହୋଇଛି । ପ୍ରଫୁଲ୍ଲ କୁମାର ଜେନା ନାମକ ବ୍ୟକ୍ତିଙ୍କ ଘରେ ଚଢ଼ଉ କରି ୬୭୬ ବୋତଲ କଫ ସିରପ ଓ ଗଚ୍ଛିତ ମେଡ଼ିସିନ ଜବତ କରାଯାଇଛି । ଅବକାରୀ ବିଭାଗ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏହାସହ ତଦନ୍ତ ଜାରି ରହିଥିବା ଡ୍ରଗ ଆସିଷ୍ଟାଣ୍ଟ କଣ୍ଟ୍ରୋଲର ଓ ଜିଲ୍ଲା ଅବକାରୀ ଅଧିକ୍ଷକ ସୂଚନା ଦେଇଛନ୍ତି ।

# ଶ୍ରୀମନ୍ଦିର ସୁରକ୍ଷାରେ ଅହେତୁକ ଅବହେଳା

## କେବଳ ରତ୍ନଭଣ୍ଡାରର ହେଲା ଲେଜର ସ୍କାନିଂ : ମୁଖ୍ୟ ମନ୍ଦିର ଓ ପାର୍ଶ୍ୱ ଦେବଦେବୀଙ୍କୁ ଭୁଲିଗଲେ

**ପୁରୀ, ନ୍ୟୁଜ ବ୍ୟୁରୋ**
ଶ୍ରୀମନ୍ଦିର ସୁରକ୍ଷାରେ ଅହେତୁକ ଅବହେଳା କରାଯାଉଛି । ରତ୍ନଭଣ୍ଡାରରେ ଫାଟ ଥିବା ଓ ଏଥିପ୍ରତି ବିପଦ ସୃଷ୍ଟି ହୋଇଥିବା ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିବାରୁ ତତ୍କାଳୀନ ସରକାର ଏହାର ଲେଜର ସ୍କାନିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ହାଇଦ୍ରାବାଦ୍‌ରୁ ଏକ ବିଶେଷଜ୍ଞ ଦଳ ରତ୍ନଭଣ୍ଡାର ସହ ଶ୍ରୀମନ୍ଦିରରେ ଥିବା ସମସ୍ତ ଛୋଟବଡ଼ ୧୩୪ଟି ପ୍ରାଚୀନ ମନ୍ଦିର ଲେଜର ସ୍କାନିଂ କରିବ ବୋଲି ଜଣାପଡ଼ିଥିଲା । ଲେଜର ସ୍କାନିଂ ହେଲେ ସମସ୍ତ ମନ୍ଦିରରେ ରହିଥିବା ଫାଟ ଓ ଅନ୍ୟାନ୍ୟ ତ୍ରୁଟି ଜଣାପଡ଼ିବ । ପରେ ମରାମତି ଓ ସଂରକ୍ଷଣ କରିବାରେ ଏଏସଆଇକୁ ସୁବିଧା ହେବ ବୋଲି କୁହାଯାଇଥିଲା । ମାସକ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବ । ହେଲେ କେବଳ ରତ୍ନଭଣ୍ଡାରର ଲେଜର ସ୍କାନିଂ କରାଗଲା । ବର୍ଷେରୁ ଅଧିକ ସମୟ ବିତିଥିଲେ ହେଁ ଶ୍ରୀମନ୍ଦିର ପରିସର ପାର୍ଶ୍ୱ ଦେବଦେବୀ ମନ୍ଦିର ଲେଜର ସ୍କାନିଂ ହେଲାନାହିଁ । ତେଣୁ କେବେ ଏହି କାର୍ଯ୍ୟ ହେବ ଏବଂ ମରାମତି ଓ ସଂରକ୍ଷଣ କାମ ଏଏସ୍‌ଆଇ ହାତକୁ ନେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଏସ୍‌ଆଇର ଜଣେ ଅଧିକାରୀ କହିଛନ୍ତି, ଆମ ପାଖରେ ଲେଜର ସ୍କାନିଂ ମେସିନ୍ ରହିଛି । ଏହାକୁ ବ୍ୟବହାର କରିବାକୁ ଶ୍ରୀମନ୍ଦିର ପ୍ରଶାସନ ଅନୁମତି ଦେଲେ କାମ ଆଗେଇବ । ଲେଜର ସ୍କାନିଂ ନିମନ୍ତେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଶ୍ରୀମନ୍ଦିର ପ୍ରଶାସନକୁ କରିବାକୁ ପଡ଼ିବ । ଯେହେତୁ ବଡ଼ଦେଉଳ ଓ ଏହାର ପାର୍ଶ୍ୱ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ସର୍ବଦା ରହୁଛି ତେଣୁ ଆବଶ୍ୟକ ସ୍ଥଳେ କିଛି ସମୟ ଦର୍ଶନ ବ୍ୟବସ୍ଥା ବନ୍ଦ କରି ଲେଜର ସ୍କାନିଂ ନିମନ୍ତେ ସବୁ ବନ୍ଦୋବସ୍ତ କରିବାକୁ ପଡ଼ିବ । ଶ୍ରୀମନ୍ଦିରରେ ନୀତି ସଅଳ କରିବାକୁ ମଧ୍ୟ ପଡ଼ିପାରେ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସହଯୋଗ ମିଳିଲେ ଏହି କାମ ହୋଇପାରନ୍ତା ବୋଲି ସେ ମତ ରଖିଛନ୍ତି । ସୂଚନାଥାଉକି, ଶ୍ରୀମନ୍ଦିର ଐତିହ୍ୟ ସୁରକ୍ଷା ଦାୟିତ୍ୱ ଏଏସ୍‌ଆଇ ନେଇଥିଲେ ହେଁ ଶ୍ରୀମନ୍ଦିର ପ୍ରଶାସନର ସମନ୍ୱୟର ଅଭାବରୁ ଏହି ପ୍ରାଚୀନ ଐତିହ୍ୟ ତଥା ଧର୍ମସ୍ଥଳୀର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଠିକ୍ ଭାବରେ ହୋଇପାରୁନାହିଁ । ୧୯୭୫ରେ ଶ୍ରୀମନ୍ଦିରକୁ ଜାତୀୟ ଐତିହ୍ୟ ଘୋଷଣା କରାଯିବା ପରେ ୧୯୮୫ରେ ଏଏସ୍‌ଆଇ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିଲା । ଏହା ଭିତରେ ୪୦ ବର୍ଷ ପୂରିବାକୁ ବସିଛି । ମାତ୍ର ଏହି ସମୟ ଭିତରେ ବଡ଼ଦେଉଳ ଓ ଏହାର ପାଶ୍ୱର୍ ଦେବଦେବୀ ମନ୍ଦିର, ମେଘନାଦ ପାଚେରି ପ୍ରଭୃତି ସ୍ଥାନରୁ ପଥର ଖସିବା ଉଦ୍‌ବେଗର କାରଣ ହୋଇଛି । ଗତ ମାର୍ଚ୍ଚ ୯ରେ ବଡ଼ଦେଉଳରୁ ୨କେଜି ଓଜନର ଏକ ପଥର ଖସିଥିଲା । ପଥର ପଡ଼ି ଶ୍ରୀମନ୍ଦିର କୁରୁମ ବେଢ଼ା ଭିତରେ ପଡ଼ିଥିଲା । ଏଥିରେ କେହି ଆହତ ହୋଇନଥିଲେ । ଏହି ଘଟଣାର ଯାଞ୍ଚ କରି କେଉଁଠୁ ପଥର ଖସିଛି ଚିହ୍ନଟ କରାଯିବ ବୋଲି ଏଏସ୍‌ଆଇର ସୁପରିଣ୍ଟେଣ୍ଡେଣ୍ଟ କହିଥିଲେ । ହେଲେ ଏପର୍ଯ୍ୟନ୍ତ ପଦକ୍ଷେପ ଶୂନ । ଇତିହାସ ପୃଷ୍ଠାରୁ ଜଣାପଡ଼େ ରକ୍ଷଣାବେକ୍ଷଣ ଅବହେଳାରୁ ୧୯୩୯ ମସିହାରେ ଗର୍ଭଗୃହ ସିଂହାସନ ଉପରୁ ଖସିଥିଲା ପଥର । ୧୯୬୧ରେ ଗର୍ଭଗୃହ ଚାନ୍ଦୁଆ ଉପରୁ ଖସିଥିଲା ପଥର । ସେହିପରି ୧୯୬୯, ୧୯୭୫, ୧୯୭୯ ଓ ୧୯୮୫ରେ ଶ୍ରୀମନ୍ଦିର ପରିସର ବିଭିନ୍ନ ମନ୍ଦିରରୁ ପଥର ଖସିଥିଲା । ୧୯୯୦ରେ ଶ୍ରୀମନ୍ଦିର ଭୋଗମଣ୍ଡପ ଉପରୁ ୨ଟା ପଥର ଓ ଅଁଳାଶ୍ରୀରୁ ଗୋଟିଏ ପଥର ଖସିଥିଲା । ୧୯୯୨ ଗର୍ଭଗୃହରୁ ୧୦ ଟନ୍ ଓଜନର ପଥର ଖସିଥିଲା । ୨୦୦୦ ମସିହାରେ ଜୟବିଜୟ ଦ୍ୱାର ଉପରୁ ପଥର ଖସିଥିଲା । ୨୦୧୯ରେ ଫୋନି ବାତ୍ୟା ବେଳେ ଶ୍ରୀମନ୍ଦିର ବାହାର ପାଶ୍ୱର୍ରେ ଲୁହା ଭାରା ଦିଆଯାଇଥିବାରୁ ପବନ ମାଡ଼ରେ ଲୁହାଭାରା ଖସିବାରୁ ଏକ ବିରାଟ ସିଂହମୂର୍ତ୍ତି ଉପରୁ ଭାଙ୍ଗି ଖସି ପଡ଼ିଥିଲା । ତଥାପି ଏଏସ୍‌ଆଇ, ଶ୍ରୀମନ୍ଦିର ପ୍ରଶାସନ ଓ ସରକାରଙ୍କର ଚେତା ପଶୁନି ।



# ଡିସେମ୍ବରରୁ ପୁରୀରେ ଅନ୍ତର୍ଜାତୀୟ ମହୋଦଧି ଦିବସ : ୧୦ ଦେଶର ୩୫ ପ୍ରତିନିଧି ହେବେ ସାମିଲ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଆସନ୍ତା ଡିସେମ୍ବର ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ପୁରୀ ବେଳାଭୂମିରେ ପ୍ରଥମ ଥର ପାଇଁ ଆୟୋଜିତ ହେବ ଅନ୍ତର୍ଜାତୀୟ ମହୋଦଧି ଦିବସ-୨୦୨୪ । ୩ ଦିନିଆ ଏହି ଦିବସ ପାଳନ ଅବସରରେ ସାମୁଦ୍ରିକ ଜଳକ୍ରୀଡ଼ା ଓ ବେଳାଭୂମି କ୍ରୀଡ଼ା ମୁଖ୍ୟ ଆକର୍ଷଣ ରହିବ । ଏଥିରେ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତାରେ ଦେଶ ବିଦେଶର ପ୍ରାୟ ୬୦୦ରୁ ଅଧିକ ପ୍ରତିଯୋଗୀଙ୍କ ସହ ୧୦ଟି ଦେଶରୁ ୩୫ ଜଣ ଅନ୍ତର୍ଜାତୀୟ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏ ନେଇ ସାମାଜିକ ସଙ୍ଗଠନ 'ଦି ବେଲ୍' ପକ୍ଷରୁ ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟଠାରେ ସୂଚନା ଦିଆଯାଇଛି । ପୁରୀ ବେଳାଭୂମିରେ କ୍ରମାଗତ ଚତୁର୍ଥ ବର୍ଷ ଲାଗି ଏହି ଉତ୍ସବ ଆୟୋଜିତ ହେଉଛି । ଚଳିତ ବର୍ଷ ସାଂସ୍କୃତିକ ପ୍ରଦର୍ଶନୀ ଏବଂ ସାମୁଦ୍ରିକ ସଂରକ୍ଷଣ ପ୍ରଦର୍ଶନୀ ଉପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସ୍ଥାନୀୟ ସ୍ୱାଦିଷ୍ଟ ବିବିଧ ଖାଦ୍ୟ ଓ ପାନୀୟ ସାଙ୍ଗକୁ ସକାଳ ୬ରୁ ରାତି ୧୦ ପର୍ଯ୍ୟନ୍ତ କ୍ରୀଡ଼ା ପ୍ରତିଯୋଗିତା ଚାଲିବ । ବିଶେଷକରି ସମୁଦ୍ରକୁ ଲାଇଫଲାଇନ୍ ମାନୁଥିବା ମତ୍ସ୍ୟଜୀବୀଙ୍କ ଲୁକ୍କାୟିତ୍ ପ୍ରତିଭାକୁ ବାହାରକୁ ଆଣିବାରେ ଏହି ଉତ୍ସବ ସହାୟକ ହେବ । ସେମାନଙ୍କ ମଧ୍ୟରୁ କିଛି ଦକ୍ଷତାଧାରୀ ଜଳ କ୍ରୀଡ଼ାବିତ୍‌ଙ୍କୁ ଖୋଜି କମନ୍‌ୱେଲ୍‌ଥ ଚାମ୍ପିଅନ୍‌ସିପ୍, ୨୦୩୨ ବ୍ରିସ୍‌ବେନ୍ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ କରିବା ଏବଂ ଖେଳରେ ଖେଳରେ ଜୀବନ ରକ୍ଷା ଓ ସାମୁଦ୍ରିକ ଏବଂ ବେଳାଭୂମି ସଂରକ୍ଷଣ ସମ୍ପର୍କରେ ସଚେତନତା କରିବା ଏହାର ମୂଳ ଲକ୍ଷ୍ୟ । ଆକର୍ଷଣୀୟ କାର୍ଯ୍ୟକ୍ରମ ମଧ୍ୟରେ ପ୍ରଥମ ଇଣ୍ଡୋ-ଶ୍ରୀଲଙ୍କା ଲାଇଫସେଭିଂ ସ୍ପୋର୍ଟସ୍ ଚାମ୍ପିଅନ୍‌ସିପ୍ ରହିଛି, ଯାହା ଜୀବନ ରକ୍ଷାକାରୀ କୌଶଳ ଏବଂ ଜଳ ନିରାପତ୍ତା ଉପରେ ଗୁରୁତ୍ୱାରୋପ କରିବ । ସେହିପରି ମହୋଦଧି ନାସନାଲ୍ ଚାମ୍ପିଅନ୍‌ସିପ୍‌ରେ ବିଭିନ୍ନ ଜଳକ୍ରୀଡ଼ା ଓ ବେଳାଭୂମି କ୍ରୀଡ଼ା ପ୍ରତିଯୋଗିତା କରାଯିବ । ମହୋଦଧି ଦିବସ ଭାରତର ଉପକୂଳ ପର୍ଯ୍ୟଟନ ଏବଂ ପରିବେଶ ସଚେତନତା ପଦକ୍ଷେପ ପାଇଁ ଏକ ଅଗ୍ରଗାମୀ ପଦକ୍ଷେପ ହେବ । ଭାରତୀୟ କାୟାକିଂ ଆଣ୍ଡ୍ କାନୋଇଂ ଆସୋସିଏସନ୍, ଭାରତର ରାଷ୍ଟ୍ରୀୟ ଲାଇଫ୍ ଗାର୍ଡ ସଂଗଠନ, ପୁରୀ ବିଚ୍ ଲାଇଫ୍ ଗାର୍ଡ ମହାସଂଘ, ଅନ୍ତର୍ଜାତୀୟ ସର୍ଫ ଲାଇଫ୍ ସେଭିଂ ଆସୋସିଏସନ୍ (ଆମେରିକା) ଏବଂ ଶ୍ରୀଲଙ୍କା ଲାଇଫ୍ ସେଭିଂ ସହଯୋଗରେ ଏହି ଉତ୍ସବ ଅନୁଷ୍ଠିତ ହେବ । ସାମ୍ବାଦିକ ସମ୍ମିଳନୀରେ ନାଲ୍‌କୋର ପୂର୍ବତନ ସିଏମ୍‌ଡି ଡ. ତପନ କୁମାର ଚାନ୍ଦ, ସର୍ବଭାରତୀୟ ଲାଇଫ୍ ସେଭିଂ ସ୍ପୋର୍ଟସ୍‌ର ସଭାପତି ପ୍ରଦୀପ ନାଇଡୁ, ବିଚ୍ କାୟାକିଂର ଚେୟାରମ୍ୟାନ୍ ଏମ୍. ରାମାନୁଜମ୍, ଏନ୍‌ଟିପିସିର ପୂର୍ବତନ ଆର୍ଥିକ ଚେୟାରମ୍ୟାନ୍ ତଥା ଆଇନଜୀବୀ କୁଳମଣି ବିଶ୍ୱାଳ, ଅଭ୍ୟର୍ଥନା କମିଟିର ଚେୟାରମ୍ୟାନ୍ ଜିତେନ୍ଦ୍ର ମହାପାତ୍ର, ପୃଷ୍ଠପୋଷକ ତାରିଣୀ ପ୍ରସାଦ ମହାନ୍ତି, 'ଦି ବେଲ୍'ର ସଭାପତି ଓ କାର୍ଯ୍ୟକ୍ରମ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ସଙ୍ଗଠନ ସମ୍ପାଦକ ପି. ହରି ପ୍ରମୁଖ ଉପସ୍ଥିତ ଥିଲେ ।

## ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଫର୍ମପୂରଣ

**କଟକ, ନ୍ୟୁଜ ବ୍ୟୁରୋ**
ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସଂସ୍କୃତ ମଧ୍ୟମା ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ (ପ୍ରଥମ) ବାର୍ଷିକ ପରୀକ୍ଷା ନିମନ୍ତେ ଫର୍ମପୂରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ମଧ୍ୟମା ଛାତ୍ରଛାତ୍ରୀଙ୍କ ଫର୍ମପୂରଣ ଅଫଲାଇନ ମାଧ୍ୟମରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ତରଫରୁ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟଠାରେ କରାଯିବ । ସେହିଭଳି ମୁକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅନଲାଇନ ମାଧ୍ୟମରେ ଫର୍ମ ପୂରଣ କରିବେ । ଫର୍ମପୂରଣ ପରେ ରୋଲ ସିଟ୍‌କୁ ପ୍ରଧାନ ଶିକ୍ଷକମାନେ ନିଜ ତତ୍ତ୍ୱାବଧାନରେ ରଖିବା ସହ ଏହାର ଏକ ନକଲ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟରେ ନଭେମ୍ବର ୨୦ ତାରିଖ ସୁଦ୍ଧା ଦାଖଲ କରିବେ । ଏହି ସମସ୍ତ ଫର୍ମପୂରଣ ପ୍ରକ୍ରିୟା ନଭେମ୍ବର ୧୮ ତାରିଖରେ ଶେଷ ହେବ ବୋଲି ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।



ଭୁବନେଶ୍ୱର : ୫୭ତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ବିଧାନସଭା ପରିସରରେ ଥିବା ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । (ଫଟୋ : ସମ୍ବାଦ କଳିକା)

## ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ ସମସ୍ତେ ଆଗେଇ ଆସିବା ଉଚିତ୍ :ବାଚସ୍ପତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ତାଙ୍କ ବିଦେଶ ଗସ୍ତ କାର୍ଯ୍ୟକ୍ରମ ଅବସରରେ ଅଷ୍ଟ୍ରେଲିଆର ସିଡନୀ ଠାରେ ଆୟୋଜିତ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘର ୬୭ତମ ସମ୍ମିଳନୀରେ ଯୋଗ ଦେଇଥିବାବେଳେ ସେଠାକାର ପ୍ରବାସୀ ଭାରତୀୟ ତଥା ଓଡିଆ ସମାଜ "ଓରିଓଜ୍"ପକ୍ଷରୁ ବାଚସ୍ପତିଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯିବା ସହ ଏକ ବନ୍ଧୁ ମିଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ସିଡନୀରେ ଥିବା ବହୁ ପ୍ରବାସୀ ଓଡିଆ ଯୋଗ ଦେଇଥିଲେ । ଏହି ଅବସରରେ ବାଚସ୍ପତି ପ୍ରବାସୀ ଓଡିଆ ମାନଙ୍କ ସହ ସାମାଜିକ, ସାଂସ୍କୃତିକ ଚଳଣି ଓ ଓଡିଆ ଅସ୍ମିତାକୁ ନେଇ ବଜାୟ ରଖିଥିବା ଭାବଧାରା ସମ୍ପର୍କରେ ଆଲୋଚନା କରିଥିଲେ । ସେଠାକାର "ଓରିଓଜ୍"ସାଂସ୍କୃତିକ ଶାଖାର ସମ୍ପାଦିକା ସ୍ମିତା ସାମନ୍ତରାୟଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରବାସୀ ଓଡିଆମାନେ କିପରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସହ ଏକତା ଓ ଭାଇଚାରା ଭାବଧାରାରେ ବାନ୍ଧି ହୋଇ ଓଡିଆ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିପାରିଛନ୍ତି ସେ ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ "ଓରିଓଜ୍" ର ପୂର୍ବତନ ସଭାପତି ସୁଜିତ୍ ଜେନା, ଉପସଭାପତି ତାପସ ସେନାପତି ସିଡନୀ ଠାରେ ପ୍ରଭୁ ଜଗନ୍ନାଥଙ୍କର ଏକ ମନ୍ଦିର ପ୍ରତିଷ୍ଠା କରିବାସହ ସେଠାରେ ରଥଯାତ୍ରା ଆୟୋଜନ କରିବାର ଯୋଜନା ସମ୍ପର୍କରେ ବାଚସ୍ପତିଙ୍କୁ ଅବଗତ କରିଥିଲେ । ବାଚସ୍ପତି ମଧ୍ୟ ସେଠାରେ ଥିବା "ଲିଟିଲ୍ ଇଣ୍ଡିଆ"ଅଂଚଳ ଗସ୍ତ କରିଥିଲେ ଓ ଉପସ୍ଥିତ ପ୍ରବସୀ ଓଡିଆମାନଙ୍କ ସହ ଭାବ ବିନିମୟ କରିଥିଲେ । ଏହି ଅବସରରେ ବାଚସ୍ପତି ସିଡନୀରେ ଓଡିଆ ସଂସ୍କୃତି,ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର, ଓ ଓଡିଆ ଅସ୍ମିତାର ପ୍ରତିଷ୍ଠା ଦିଗରେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବେ ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ "ଓରିଓଜ୍"ପକ୍ଷରୁ ରାଜିବ ପାତ୍ର, ଅଞ୍ଜଳି ପାତ୍ର, ଦେବ ପଟ୍ଟନାୟକ, ଅନୁରାଧା ପଟ୍ଟନାୟକ, ମିହିର ରାୟ, ଶୈବାଳିନୀ ସାହୁ, ନ୍ୟୁଟନ ଦାସ, ଭାଗ୍ୟଶ୍ରୀ ଜେନା, କୌଶଳ ନନ୍ଦନ, ଶୁଭମ ବେହାରା ଓ ଜୟ ବେହେରାଙ୍କ ସହ ଶ୍ରୀ ବିପିନ ପାଢୀ ଓ ବିଧାନସଭାର ସଚିବ ଶ୍ରୀ ଦାଶରଥୀ ଶତପଥୀ

## ମାଓ ସମସ୍ୟା ନେଇ ଡିଜିପିଙ୍କ ବୈଠକ

# ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀ ମୁକ୍ତ ହେବ ରାଜ୍ୟ

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**
ପୁଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି । ଏହି ସମୟରେ ମାଓ ମୁକାବିଲା ନେଇ ସମୀକ୍ଷା କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ମାର୍ଚ୍ଚ ୨୦୨୬ ସୁଦ୍ଧା ରାଜ୍ୟକୁ କିପରି ସମ୍ପୂର୍ଣ୍ଣ ମାଓ ମୁକ୍ତ କରାଯିବ ସେନେଇ ଆଗକୁ ରଣନୀତି ପ୍ରସ୍ତୁତ କରି ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଖୁରାନିଆ ପ୍ରକାଶ କରିଥିଲେ ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ଶ୍ରୀ ଖୁରାନିଆ ପ୍ରଥମେ ମାଓପ୍ରବଣ ଚିତ୍ରକୋଣ୍ଡା ବ୍ଲକସ୍ଥ ସ୍ୱାଭିମାନ ଆଞ୍ଚଳର ଗୋରାସେତୁ ବିଏସ ଏଫ କ୍ୟାମ୍ପ ପରିଦର୍ଶନ କରିଥିଲେ । ସେଠାରେ ଯବାନମାନଙ୍କ ସହ ମାଓ ଦମନକୁ ନେଇ ଆଲୋଚନା କରି ସେମାନଙ୍କ ମନୋବଳ ବଢାଇଥିଲେ । ଏହାସହ ବିଏସଏଫ ଅଧିକାରୀଙ୍କ ସହିତ ମାଓ ସମସ୍ୟା ନେଇ ଆଲୋଚନା କରିଥିଲେ । ପରେ ମାଲକାନଗିରି ଜିଲ୍ଲା ସଦରରରେ ଥିବା ଏମଭି ୩ ସ୍ଥିତ ବିଏସଏଫ କ୍ୟାମ୍ପରେ ପହଞ୍ଚି ବିଏସଏଫ ଆଇଜି ସି.ଡି ଅଗ୍ରୱାଲ, ଡିଆଇଜି ବିଜୟ ସିହ୍ନା ଓ ଅନ୍ୟ ଅଧିକାରୀଙ୍କ ସହ ମାଓବାଦୀ ଦମନର ରଣ ନୀତି ସମ୍ପର୍କରେ ଆଲୋଚନା କରିଥିଲେ । ପରେ ଜିଲ୍ଲା ପୁଲିସ କାର୍ଯ୍ୟାଳୟଠାରେ ଅନ୍ୟାନ ପୁଲିସ ଅଧିକାରୀଙ୍କ ସହିତ ମାଓ ଦମନର ରଣନିତି ସମ୍ପର୍କରେ ସମୀକ୍ଷା କରିଥିଲେ । ସ୍ଥାନୀୟ ଅଞ୍ଚଳରେ ଯାହା ସମସ୍ୟା ଅଛି ତାହାକୁ ସମାଧାନ କରାଯିବା ସହ ଗୃହ ମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ମାର୍ଚ୍ଚ ୨୦୨୬ ସୁଦ୍ଧା ରାଜ୍ୟକୁ କିପରି ସମ୍ପୂର୍ଣ ମାଓ ମୁକ୍ତ କରାଯିବ ସେନେଇ ଆଗକୁ ରଣନୀତି ପ୍ରସ୍ତୁତ କରି ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଖୁରାନିଆ ପ୍ରକାଶ କରିଥିଲେ । ମାଓବାଦୀଙ୍କ ପ୍ରୋତ୍ସାହନରେ ରାଜ୍ୟରେ ଗଞ୍ଜେଇ ଚାଷ ହେଉଥିଲା, ଏବେ ମାଓବାଦୀଙ୍କ ସଂଖ୍ୟା ହ୍ରାସ ପାଇଥିବାରୁ ବେଆଇନ ଗଞ୍ଜେଇ ଚାଷ ଓ ଚାଲାଣ ମଧ କମିଛି । ଆସନ୍ତା ୨୦୨୬ ମସିହା ମାର୍ଚ୍ଚ ମାସ ସୁଦ୍ଧା ଜିଲ୍ଲାରୁ ମାଓବାଦୀ ନିପାତ ହେବା ସହିତ ବେଆଇନ ଗଞ୍ଜେଇ ଚାଷକୁ ରୋକାଯିବ ବୋଲି ସେ ପ୍ରକାଶ କରିଛନ୍ତି । ତେବେ ଜିଲ୍ଲାରୁ ବିଏସଏଫ ଯବାନଙ୍କୁ ସ୍ଥାନାନ୍ତର ବିଷୟରେ ସେ ପ୍ରକାଶ କରିଛନ୍ତି ଯେ, ସ୍ୱାଭିମାନ ଅଞ୍ଚଳରେ ଯେଉଁ ଶାନ୍ତି ଫେରି ଆସିଛି ତାହା ସବୁବେଳେ ରହିବା ପାଇଁ ଆମର ପ୍ରୟାସ ରହିବ । ସ୍ୱାଭିମାନ ଅଞ୍ଚଳରେ ସବୁବେଳେ ସୁରକ୍ଷା ବଳର ସ୍ୱତନ୍ତ୍ର କ୍ୟାମ୍ପ ରହିବ, ତେଣୁ ଏହାକୁ ନେଇ ଚିନ୍ତିତ ହେବାର ଆବଶ୍ୟକତା ନାହି ବୋଲି ଶ୍ରୀ ଖୁରାନିଆ ଲୋକଙ୍କୁ ନିବେଦନ କରିଥିଲେ । ତେବେ ଡିଜିପିଙ୍କ ଏହି ଗସ୍ତ ସମୟରେ ଡିଆଇଜି ଅପରେସନ ଅଖିଳେଶ୍ୱର ସିଂ, ଡିଆଇଜି ଏସଆଇଡବ୍ଲ୍ୟୁ କେଡି ସିଂ, କୋରାପୁଟ ଏସପି ରୋହିତ ବର୍ମା, ମାଲକାନଗିରି ଅତିରିକ୍ତ ଏସପି ତପନ ନାରାୟଣ ରଥ ପ୍ରମୁଖଙ୍କ ସହ ଅନ୍ୟ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ ।




## ରାଜଧାନୀରେ ଆରମ୍ଭ ହେଲା ପୋଲିସ କନ୍‌ଭଏ ପାଟ୍ରୋଲିଂ : ଦମନ ହେବେ ଅପରାଧୀ ଏବଂ ଅପରାଧ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଅପରାଧ ଓ ଅପରାଧୀ ଦମନ ପାଇଁ ନୂଆ ପଦକ୍ଷେପ ନେଲା କମିଶନରେଟ ପୋଲିସ । ରାଜଧାନୀରେ ପ୍ରଥମ କରି ଆରମ୍ଭ ହେଲା ପୋଲିସ କନ୍‌ଭଏ ପାଟ୍ରୋଲିଂ । ସାଇରନ୍ ମାରିବା ସହ କାର୍କେଡ୍ କରି ବୁଲିଲା ପୋଲିସ କନ୍‌ଭଏ ପାଟ୍ରୋଲିଂ ଟିମ୍ । ଉଭୟ ଥାନା କର୍ମଚାରୀ ଏବଂ ପୋଲିସ କନ୍‌ଭଏ ପାଟ୍ରୋଲିଂ ଟିମ୍ କଲେ ରାଜରାସ୍ତା ଓ ଗଳିକନ୍ଦିରେ ପାଟ୍ରୋଲିଂ । କମିଶନରେଟ ପୋଲିସର ସେଫ୍ ସିଟି ଡ୍ରାଇଭ୍ ମାଧ୍ୟମରେ ପ୍ରଥମ କରି ନାଇଟ ପାଟ୍ରୋଲିଂକୁ ଆହୁରି କଡ଼ାକଡ଼ି କରାଯାଇଛି । ବିଶେଷ କରି ରାଜଧାନୀରେ ରାତି ଅଧିଆ ଘଟୁଥିବା ଛୋଟବଡ଼ ଅପରାଧକୁ ରୋକିବା ପାଇଁ ନୂଆ କରି ନିଆ ଯାଇଛି ପଦକ୍ଷେପ । ପୂର୍ବରୁ ପିସିଆର୍ ଏବଂ ଥାନା ପକ୍ଷରୁ ନାଇଟ ପାଟ୍ରୋଲିଂ ହେଉଥିବା ବେଳେ ଭୁବନେଶ୍ୱର ଡିସିପିଙ୍କ ନିର୍ଦ୍ଦେଶରେ ଏଥର ପୋଲିସ କନ୍‌ଭଏ ପାଟ୍ରୋଲିଂ ଟିମ୍‌କୁ ନିୟୋଜିତ କରାଯାଇଛି । ବଡଗଡ, ଲକ୍ଷ୍ମୀସାଗର, ଖାରବେଳନଗର ଏବଂ ଖଣ୍ଡଗିରି ଥାନା ଅଞ୍ଚଳରେ ପାଟ୍ରୋଲିଂ ହୋଇଥିବା ବେଳେ ଭରତପୁର, ତମାଣ୍ଡ, ଚନ୍ଦକା ଏବଂ ଇନଷ୍ଟିସିଟି ଥାନା ଅଞ୍ଚଳକୁ ଯାଇ ସେଠାକାର ଥାନା କର୍ମଚାରୀଙ୍କ ସହ ମିଶି କରିଛନ୍ତି ମାରାଥନ୍ ପାଟ୍ରୋଲିଂ ।




# ସମୁଦ୍ର କୂଳେ ଧାଡିକି ଧାଡି କଂକ୍ରିଟ ପିଲର ନିର୍ମାଣ

**ପୁରୀ, ନ୍ୟୁଜ ବ୍ୟୁରୋ**
ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର ପୁରୀ । ସ୍ୱର୍ଣ୍ଣାଭ ବେଳାଭୂମି ପର୍ଯ୍ୟଟକଙ୍କ ଭୂସ୍ୱର୍ଗ ପାଲଟିଛି । ଏବେ ବଳିଆପଣ୍ଡା କାମେଲିଆ ହୋଟେଲ ଠାରୁ ସୁଭ ପ୍ୟାଲେସ ସମ୍ମୁଖ ସମୁଦ୍ରକୂଳରେ ନିର୍ମାଣ ହେଉଛି ୬୦ରୁ ଉର୍ଦ୍ଧ୍ୱ କୋଠାଘର । ତରବରିଆ ଭାବେ ବିଚରେ ପାଇଲିଙ୍ଗ କରି ଲୁହା ଛଡ ଗୋଡି ସିମେଣ୍ଟ କଂକ୍ରିଟ ନିର୍ମାଣ କରି ରାତାରାତି ଶହ ଶହ ପିଲର ନିର୍ମାଣ ହେଉଛି । ଧର୍ମକୁ ଆଖିଠାର ପରି ସମିତି ଜରିଆରେ ଏହି କୋଠାଘର ନିର୍ମାଣ ହେଉଛି । ସାପ କୋଠୀ ମତ୍ସ୍ୟ ଅବତରଣ କେନ୍ଦ୍ର ନାମକରଣ କରାଯାଇଛି । ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ଏହାକୁ ଅନୁମତି ଦେଇଛି । ମାଛ ଧରିବା ଡଙ୍ଗା, ଜାଲ ଓ ମାଛ ରଖିବା ପାଇଁ ଏହି ଘର ନିର୍ମାଣ କରାଯାଉଥିବା ଏକ ଫ୍ଲେକ୍ସ ବ୍ୟାନର ଲଗାଯାଇଛି । ତିନୋଟି ମତ୍ସ୍ୟଜୀବୀ ସମିତି ଏହି କାର୍ଯ୍ୟକୁ ସହଯୋଗ କରୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ପୁରୀ ସମୁଦ୍ରକୂଳରେ ଉଚ୍ଚତମ ଢେଉ ପିଟି ହେଉଛି । ବାତ୍ୟା, ସୁନାମି ଅଂଚଳ ଭାବେ ପୁରୀ ସମୁଦ୍ର ରହିଛି । କୋଠା ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଲୁହାରଡ ବ୍ୟବହାର ହେଉଥିବାରୁ ଏହା ଖୁବ କମ ବର୍ଷ ଭିତରେ ସମୁଦ୍ର ଲୁଣି ପବନ ଯୋଗୁ ଛଡ କଳଙ୍କି ଲାଗିବା ସହ ପିଲରକୁ ଫଟାଇବା ସମ୍ଭାବନା ରହିଛି । କମ ଉଚ୍ଚତାରେ ଘରର ପ୍ଲେସମେଣ୍ଟ ନିର୍ମାଣ କରାଯାଇ ଘର ଭିତର ଓ ବାହାର ବାଲିରେ ପୋତି ଦିଆଯାଉଛି । ସମୁଦ୍ରକୂଳେ ଲୁହାରଡ ଗୋଡି ସିମେଣ୍ଟ ବ୍ୟବହାର ହୋଇ ସ୍ଥାୟୀ ନିର୍ମାଣ କରାଯାଉଥିଲେ ମଧ୍ୟ କଥାକଥିତ ଆତ୍ମଘୋଷିତ ପରିବେଶବିତ ଚୁପ ରହିବା ନେଇ ସାଧାରଣ ଜନତାଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ସମୁଦ୍ରକୂଳେ ଉଠାଦୋକାନୀ ମାନଙ୍କୁ ଉଠି ଯିବା ପାଇଁ ପୌରସଂସ୍ଥା ନୋଟିସ ଦେଇଛି । ଏହି କୋଠାଘର ଯୋଗୁ ରାସ୍ତାରେ ଚାଲିକରି ଯାଉଥିବା ଓ ବାଇକରେ ଯାଉଥିବା ପର୍ଯ୍ୟଟକ ସମୁଦ୍ର ଦର୍ଶନରୁ ବଂଚିତ ହେବେ । ଜାଲ ଡଙ୍ଗା ଓ ମାଛ ଗଦା ହେବା ଫଳରେ ସେହି ଗନ୍ଧରେ ପର୍ଯ୍ୟଟକ ଅସନ୍ତୋଷ ବ୍ୟକ୍ତ କରିବେ ।

# ସର୍ଭେ ରିପୋର୍ଟ : ବର୍ଷକୁ ଖାଉଛନ୍ତି ଜଣଙ୍କ ପିଛା ୨୫ କେଜି ଆଳୁ

**ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**
ଓଡ଼ିଆଙ୍କୁ ଆଳୁ ଶରଧା । ଓଡ଼ିଶାର ଜଣେ ବ୍ୟକ୍ତି ବର୍ଷକୁ ପ୍ରାୟ ୨୫ କେଜି ଆଳୁ ଖାଇଯାଉଛନ୍ତି । 'ବ୍ଲୁ ପ୍ରିଣ୍ଟ୍ ଅଫ୍ ପଟାଟୋ କଲଟିଭେସନ୍ ଅଫ୍ ଓଡିଶା' ନାମକ ଏକ ସର୍ଭେ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି । ଓୟୁଏଟି, ଉଦ୍ୟାନ କୃଷି ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଭୁଚରଣ ଲେଙ୍କାଙ୍କ ନେତୃତ୍ୱରେ କୃଷି ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଅମରେଶ୍ୱର ମିଶ୍ର, କୃଷି ବିଶେଷଜ୍ଞ ଅବିନାଶ ମହାନ୍ତି ଏବଂ ଅଭିଜିତ ଭଟ୍ଟାଚାର୍ଜ୍ଜ ମିଳିତ ଉଦ୍ୟମରେ ଏହି ସର୍ଭେ ହୋଇଛି । ଓଡ଼ିଶାରେ ମୁଣ୍ଡପିଛା ୨୫.୪ କେଜି ଆଳୁ ଖାଦ୍ୟ ଭାବେ ବ୍ୟବହାର ହେଉଛି । ତଦାନୁସାରେ ଓଡ଼ିଶାର ୪.୨ କୋଟି ଲୋକଙ୍କୁ ବାର୍ଷିକ ୧୦.୬୬ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଆବଶ୍ୟକ । ତେବେ ଓଡ଼ିଶା ନିଜର ବାର୍ଷିକ ଆଳୁ ଆବଶ୍ୟକତାର ପ୍ରାୟ ୨୦ ପ୍ରତିଶତ ଆଳୁ ଉତ୍ପାଦନ କରିଥାଏ । ଆଉ ନିଅଣ୍ଟ ଆଳୁ ପଶ୍ଚିମବଙ୍ଗ ଭଳି ପଡ଼ୋଶୀ ରାଜ୍ୟରୁ ଆମଦାନୀ କରିଥାଏ । ଆମ ରାଜ୍ୟରେ ଉତ୍ପାଦିତ ପ୍ରମୁଖ ପନିପରିବା ଭିତରେ ଆଳୁ ଅନ୍ୟତମ । ରାଜ୍ୟର ପ୍ରାୟ ୧୫ ହଜାର ହେକ୍ଟରରୁ ଅଧିକ ଜମିରେ ଆଳୁ ଚାଷ ହେଉଥିବା ବେଳେ ବାର୍ଷିକ ପ୍ରାୟ ୨.୫ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦନ ହୋଇଥାଏ । ତେବେ ରାଜ୍ୟର କେତେକ ଜିଲ୍ଲାରେ ପାଣିପାଗ ଏବଂ ମୃତ୍ତିକା ଆଳୁ ଚାଷ ଲାଗି ବେଶ୍ ଉପଯୋଗୀ ବୋଲି ରିପୋର୍ଟରେ ଦର୍ଶାଯାଇଛି । ରାଜ୍ୟର ପ୍ରମୁଖ ଆଳୁ ଉତ୍ପାଦନକାରୀ ଜିଲ୍ଲାଗୁଡିକ ହେଲା- ପୁରୀ, କଟକ, କନ୍ଧମାଳ, ମୟୂରଭଞ୍ଜ, ବାଲେଶ୍ୱର, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଏବଂ କୋରାପୁଟ । ସେହିପରି ଜୁଲାଇ-ନଭେମ୍ବର ଏବଂ ନଭେମ୍ବର-ମାର୍ଚ୍ଚ ମାସଗୁଡ଼ିକ ହେଉଛି ଆଳୁ ଉତ୍ପାଦନ ଲାଗି ଉପଯୁକ୍ତ ସମୟ । ଓଡ଼ିଶାରେ ସାଧାରଣତଃ ରବି ଫସଲ ବେଳେ ଆଳୁ ଚାଷ ହୋଇଥାଏ । କିନ୍ତୁ ଗତ କିଛି ବର୍ଷ ହେଲା ଖରିଫ୍ ଋତୁରେ କୋରାପୁଟ ଭଳି ପାହାଡ଼ିଆ ଅଞ୍ଚଳରେ ଆଳୁ ଚାଷରେ ବଡ ସଫଳତା ମିଳିଛି । ଆମ ରାଜ୍ୟରେ 'କୁଫ୍ରି ଜ୍ୟୋତି' ପ୍ରଜାତିର ଆଳୁ ବେଶୀ ଉତ୍ପାଦିତ ହୋଇଥାଏ ବୋଲି ରିପୋର୍ଟରୁ ଜଣାପଡିଛି । ଏହା ପ୍ରତି ହେକ୍ଟର ପିଛା ପ୍ରାୟ ୧୨ ଟନ୍ ଉତ୍ପାଦନ ହେଉଛି । ବିଗତ କିଛି ବର୍ଷ ହେଲା, ଆଳୁ ଯୋଗାଣରେ ଅଭାବ ଦେଖାଦେବା ସହ ଖୁଚୁରା ବଜାରରେ ଆଳୁ କେଜି ୫୦-୬୦ ଟଙ୍କାରେ ବିକ୍ରି ହେଲା । ଏଣୁ ଓଡ଼ିଶାବାସୀଙ୍କ ଆଳୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ସରକାର ଆଳୁ ଚାଷ ଲାଗି ଅଧିକ ପ୍ରୋତ୍ସାହିତ କରିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି । ହେକ୍ଟର ପିଛା ୧ ଲକ୍ଷ ୪୦ ହଜାରରୁ ୧ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚରେ ଜଣେ ବ୍ୟକ୍ତି ଆଳୁ ଚାଷ କରିପାରିବେ । ଜୁନ-ଜୁଲାଇରେ ରାଜ୍ୟର ୧୦ଟି ଆଗ୍ରୋ କ୍ଲାଇମେଟିକ୍ ଜୋନ୍‌ଗୁଡିକରେ ଏହି ସର୍ଭେ ହୋଇଥିଲା । ଆଳୁ ଉତ୍ପାଦନରେ ରାଜ୍ୟକୁ କେଉଁ ଦିଗରେ ଆତ୍ମନିର୍ଭରଶୀଳ କରାଯାଇପାରିବ ଏହି ସର୍ଭେର ଉଦ୍ଦେଶ୍ୟ ଥିଲା । ରାଜ୍ୟରେ ଆଳୁର ଆବଶ୍ୟକତା, ଉତ୍ପାଦନ, ସଂରକ୍ଷଣ ଏବଂ ଅନ୍ୟାନ୍ୟ ଦିଗକୁ ନେଇ ପ୍ରସ୍ତୁତ ଏହି ସବିଶେଷ ରିପୋର୍ଟକୁ କୃଷି ଓ ଉଦ୍ୟାନ କୃଷି ବିଭାଗକୁ ଦିଆଯାଇଛି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ନଭେମ୍ବର ୨୦୨୪ ସୋମବାର





# ନିଫ୍ଟ ଭୁବନେଶ୍ୱରରେ ସମାବର୍ତ୍ତନ ଉତ୍ସବ ୨୦୨୪ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନେସେନାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଫେସନ୍ ଟେକ୍ନୋଲୋଜି ୩(ନିଫ୍ଟ), ଭୁବନେଶ୍ୱର, ଏହାର ଛାତ୍ରଛାତ୍ରୀମାନଙ୍କୁ ଉପାଧି ପ୍ରଦାନ ପୂର୍ବକ, ସମାବର୍ତ୍ତନ ଉତ୍ସବ ୨୦୨୪ ପାଳନ କରି ଏହି ଦିବସକୁ ଏକ ମହତ୍ୱପୂର୍ଣ୍ଣ ଦିବସ ଭାବରେ ପରିଣତ କରିଛି । ଉତ୍ସବରେ ବିଶିଷ୍ଟ ବ୍ୟକ୍ତି, ଶିକ୍ଷକ ଶିକ୍ଷିକା ଏବଂ ଅତିଥିମାନେ ସଦୟ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର କଠିନ ପରିଶ୍ରମ ଏବଂ ଫେଶନ୍ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ନିମନ୍ତେ ସମ୍ମାନିତ କରିଥିଲେ । ଆଇଏମ୍ଏମ୍ଟି ଅଡିଟୋରିଅମ, ଆର୍ଆର୍ଏଲ୍ କ୍ୟାମ୍ପସ୍, ଭୁବନେଶ୍ୱରରେ ଅନୁଷ୍ଠିତ ଏହି ଉତ୍ସବରେ ସର୍ବମୋଟ



୧୯୬ ଜଣ ଛାତ୍ରଛାତ୍ରୀଙ୍କୁ ଉପାଧି ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ୩ନିଫ୍ଟର ମହାନିର୍ଦ୍ଦେଶକ ଶ୍ରୀମତୀ ତନୁ କାଶ୍ୟପ (ଆଇଏଏସ୍) ମୁଖ୍ୟ ଅତିଥି ଆସନ ମଣ୍ଡିତ କରିବା ସହିତ, ଡିନ୍ ଏକାଡେମିକସ୍ ପ୍ର.ଡଃ. ସୁଧା ଧିଙ୍ଗ୍ରା, ନିର୍ଦ୍ଦେଶକ ରାଜେଶ କୁମାର ଝା, କ୍ୟାମ୍ପସ୍ ଏକାଡେମିକ୍ କୋଅର୍ଡିନେଟର ଡଃ. ସନ୍ତୋଷ କୁମାର ତରାଇ ପ୍ରମୁଖ ଉପସ୍ଥିତ ଥିଲେ । ଆଇଆଇଏମ୍ସି, ଢେଙ୍କାନାଳ ନିର୍ଦ୍ଦେଶକ ଡଃ. ଆନନ୍ଦ ପ୍ରଧାନ, ସିଏସ୍ଆଇଆର୍-ଆଇଏମ୍ଏମ୍ଟି ନିର୍ଦ୍ଦେଶକ ଡଃ. ରାମାନୁଜ ନାରାୟଣ, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଡଃ. ସଞ୍ଜୟ କୁମାର ପଣ୍ଡା ଏବଂ ପ୍ରଖ୍ୟାତ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରଭୃତି ବିଶିଷ୍ଟ ଅତିଥିମାନଙ୍କ ସହିତ ଶିକ୍ଷକ ଶିକ୍ଷିକା ଏବଂ ନିଫ୍ଟର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ରହି ଉତ୍ସବଟିକୁ ଅଧିକ ସ୍ମରଣୀୟ କରିଥିଲେ । ଆହୁରି ମଧ୍ୟ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପାଧିପ୍ରାପ୍ତ ଛାତ୍ରଛାତ୍ରୀମାନଙ୍କୁ ଆର୍ଶୀବାଦ ପ୍ରଦାନ କରିଥିଲେ । ବିଭିନ୍ନ ବିଭାଗରେ ପାରଦର୍ଶୀତା ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କ୍ୟାମ୍ପସ୍ ଏକାଡେମିକ୍ କୋଅର୍ଡିନେଟର ଡଃ. ସନ୍ତୋଷ କୁମାର ତରାଇଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହିତ ଉତ୍ସବଟି ସମ୍ପାଦିତ ହୋଇଥିଲା । ନିର୍ଦ୍ଦେଶକ ରାଜେଶ କୁମାର ଝା ତାଙ୍କ ଅଭିଭାଷଣରେ ଏହି ଅନୁଷ୍ଠାନ, ବିଶ୍ୱଭିତ୍ତିକ ସର୍ବଶ୍ରେଷ୍ଠ ବୃତ୍ତିଧାରୀ ପ୍ରସ୍ତୁତ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ, ଯେଉଁମାନେକି କେବଳ ଦକ୍ଷ ନହୋଇ ସାମାଜିକ ଚେତନାପୂର୍ଣ୍ଣ ଓ ବିଶ୍ୱରେ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଥିବା ପରିସ୍ଥିତିର ସମ୍ମୁଖୀନ ହୋଇପାରିବେ । ମୁଖ୍ୟ ଅତିଥି, ମହାନିର୍ଦ୍ଦେଶକ, ଶ୍ରୀମତୀ ତନୁ କାଶ୍ୟପ (ଆଇଏଏସ୍), ଉପାଧିପ୍ରାପ୍ତ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତର ଉଜ୍ଜ୍ୱଳ କାମନା କରି ଉତ୍ସବ ସମାପନର ଘୋଷଣା କରିଥିଲେ ।

## ମହକ ଓ ଉତ୍ସାହ କାର୍ଯ୍ୟକ୍ରମ

# ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଓ ପରିସ୍ଫୁଟନ ପାଇଁ ଆହ୍ୱାନ

**କେନ୍ଦୁଝର, ନ୍ୟୁଜ**

ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଜିଲ୍ଲା ଶିଶୁ ମହୋତ୍ସବ ୨୦୨୪ ମହକ ଓ ଉତ୍ସାହ ସ୍ଥାନୀୟ ଶଙ୍କରପୁର ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ । ନିଜ ଅଭିଭାଷଣରେ ଶ୍ରୀ ମହାଲିକ ଆଜିର ଶିଶୁ କାଲିର ଭବିଷ୍ୟତ ବୋଲି କହି ସମସ୍ତ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଓ ପରିସ୍ଫୁଟନ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଉତ୍ସାହ କାର୍ଯ୍ୟକ୍ରମରେ ୧୦୦ ମିଟର ଦୌଡ଼, ୨୦୦ ମିଟର ଦୌଡ଼, ଚେସ, ଫୁଟବଲ, କ୍ୟାରମ ପ୍ରତିଯୋଗିତା ହୋଇଥିଲା ବେଳେ ମହକ କାର୍ଯ୍ୟକ୍ରମରେ ବକ୍ତୃତା, ଗୀତ, ନାଚ, ଚିତ୍ରାଙ୍କନ, କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆଦୃତ ଚିଲଡ୍ରେନ ହୋମ କେନ୍ଦୁଝର, ବିଷ୍ଣୁପ୍ରିୟା ବାଳାଶ୍ରମ ହାଟଡିହି, ଡିଭାଇନ, ବିବେକାନନ୍ଦ ବାଳାଶ୍ରମ ଘଷିପୁରା, ମନୋଜ ମଞ୍ଜରୀ ଶିଶୁ ଭବନ, ରମାଦେବୀ ଭିଲେଜ ଡେଭଲପମେଣ୍ଟ ପ୍ରମୁଖ ଅନୁଷ୍ଠାନର ଅନ୍ତେବାସୀ ମାନେ ଭାଗ ନେଇଥିଲେ । ଉଦଯାପନୀ ଉତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ନିରୁପମା ସାହୁ ଶିଶୁ ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଦିଲ୍ଲିପ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ମାଳି, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼, ଜିଲ୍ଲା ବାଲ୍ୟ ବିବାହ ନିରାକରଣର ସଂଯୋଜକଙ୍କ ସମେତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ । ପରିଶେଷରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ବୈତରଣୀ ସାହିତ୍ୟ ଉତ୍ସବ : ଅନେକ ପୁସ୍ତକ ଲୋକାର୍ପିତ

**ଆନନ୍ଦପୁର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଜିଲ୍ଲା ସଂସ୍କୃତି ବିଭାଗ, କେନ୍ଦୁଝର ଏବଂ ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ଆନନ୍ଦପୁର ମହାବିଦ୍ୟାଳୟ ସହଯୋଗରେ ଆନନ୍ଦପୁର କଲେଜ ସଭା ସମ୍ମିଳନୀ ଗୃହରେ ପ୍ରଥମ ବୈତରଣୀ ସାହିତ୍ୟ ଉତ୍ସବ-୨୦୨୪ ଉଦ୍ଘାଟିତ ହୋଇଯାଇଅଛି । ଏହି ଅବସରରେ ଶ୍ରୀଯୁକ୍ତ ବିଜୟାନନ୍ଦ ସିଂହ , ପ୍ରାକ୍ତନ ଆବାହକ , ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ, ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ଉଦ୍ଘାଟନ କରିଥିଲେ । ମୁଖ୍ୟ ଅତିଥି ରୂପେ ଆନନ୍ଦପୁର ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନୀ ମାଝୀ ଏବଂ ମୁଖ୍ୟ ବକ୍ତା ଭାବରେ ପ୍ରଫେସର ତଥା ସଦସ୍ୟ , କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ବିଜୟ ଶତପଥୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ବେହେରା, ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ କେନ୍ଦୁଝରର ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ବାରିକ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଶିଶିର ବେହେରା , ଓଡ଼ିଶା ଖଣି ନିଗମ, ଦୈତାରିର ସି ଏସ ଆର୍ ମୁଖ୍ୟ , ଚନ୍ଦନ କୁମାର ବାରିକ, ବିଭାଗୀୟ ମୁଖ୍ୟ, ଆନନ୍ଦପୁର ମହାବିଦ୍ୟାଳୟ ର ଶ୍ରିଲେଖା ସାହୁ ଯୋଗ ଦେଇଥିଲେ । ଏଥିରେ ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ମିଶ୍ର ପୌରହିତ୍ୟ କରିଥିଲେ । ତ୍ରିଲୋଚନ ସାହୁଙ୍କ ସମ୍ପାଦିତ 'ମୋ ସଂସ୍କୃତି' ପତ୍ରିକା, କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ପୁସ୍ତକ 'ଶେଷ ସ୍ୱପ୍ନ', ବିଶିଷ୍ଟ ଗାଳ୍ପିକ ଶ୍ରୀଯୁକ୍ତ ଅମିୟ ବେଜ୍ ଙ୍କ 'କଥା ଓ ଅନ୍ୟାନ୍ୟ ଗଳ୍ପ', ପ୍ରଶାନ୍ତ କୁମାର ଦାସଙ୍କ 'ସନ୍ଧ୍ୟା ବୁଲେଟିନ୍' ତ୍ରିଲୋଚନ ସାହୁଙ୍କ ଲିଖିତ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁର ଙ୍କ ଜୀବନୀ ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ଉନ୍ମୋଚିତ ହୋଇଥିଲା, ନିବେଦିତା ଖବର କାଗଜର ପଞ୍ଚମ ବର୍ଷର ତୃତୀୟ ସଂସ୍କରଣ, ନେକ୍ସ ଇଣ୍ଡିଆ ଜୋର୍ଣ୍ଣାଲ୍ର ପଞ୍ଚମ ସଂଖ୍ୟା ଉନ୍ମୋଚିତ ହୋଇଥିଲା । ଗାଳ୍ପିକ ଅମିୟ ବେଜ୍ ଙ୍କୁ ବୈତରଣୀ ଗଳ୍ପ ସମ୍ମାନ, ଶିଶିର ବେହେରାଙ୍କୁ ବୈତରଣୀ ପ୍ରବନ୍ଧ ସମ୍ମାନ ଏବଂ ସୁଜାତା ମହାପାତ୍ରଙ୍କୁ ବୈତରଣୀ ଉପନ୍ୟାସ ସମ୍ମାନ ପ୍ରଦାନ କରାଯାଇଥିଲା । ଅନିଲ କୁମାର ସାହୁ ମଞ୍ଚ ସଂଯୋଜନା କରିଥିଲେ ଏବଂ ଅଧ୍ୟାପକ ରଘୁଦିପ୍ତି ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମିର କେନ୍ଦୁଝର ଜିଲ୍ଲାର ସଦସ୍ୟ ଧିରେନ୍ ମହାନ୍ତି, ସୁଶ୍ରୀ ଲକ୍ଷ୍ମୀପ୍ରିୟା ନାୟକ,ପ୍ରବାଚକ ସରୋଜ କୁମାର ସାହୁ, ପାଲା ଗାୟିକା ପ୍ରଜ୍ଞା ରାଉତ,ଯୋଗ ପ୍ରଶିକ୍ଷକ ବଳଦେବ ପତି ଯୋଗ ଦେଇ ଆଧୁନିକ ସମାଜରେ ଆଧାତ୍ମିକ ଚେତନା ବିଷୟରେ ଆଲୋଚନା କରିଥିଲେ ।ତ୍ରିଲୋଚନ ସାହୁ ମଞ୍ଚ ସଂଯୋଜନା କରିଥିଲେ । ତୃତୀୟ ଅଧିବେଶନରେ ବିଶିଷ୍ଟ ପ୍ରାବନ୍ଧିକ ହଳଧର ପଣ୍ଡା , ଅଧ୍ୟାପକ ରଘୁଦିପ୍ତି ନାୟକ ଯୋଗ ଦେଇ ଓଡ଼ିଆ ସାହିତ୍ୟ ରେ ଅସ୍ମିତା ବିଷୟରେ ଆଲୋଚନା କରିଥିଲେ । ଏହି ଅଧିବେଶନକୁ କବି ଦୀପକ କୁମାର ସ୍ୱାଇଁ ସଂଯୋଜନା କରିଥିଲେ । କବିତା ଉତ୍ସବ କାର୍ଯ୍ୟକ୍ରମରେ ପାଖାପାଖି ୫୦ ରୁ ଉର୍ଦ୍ଧ୍ୱ କବି , ଛାତ୍ରଛାତ୍ରୀ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ । ଏହି ରାଜ୍ୟ ସ୍ତରୀୟ କବି ସମ୍ମିଳନୀ ତଥା କବିତା ଉତ୍ସବ କୁ କବି ନାରାୟଣ ମହାଲିକ, ସରୋଜ କୁମାର ସାହୁ ଏବଂ ଶୋଭନା ଜେନା ସଂଯୋଜନା କରିଥିଲେ ।ଆୟୋଜନ ତ୍ରିଲୋଚନ ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଏବଂ କୃତଜ୍ଞତା ଜଣାଇଛନ୍ତି ।ସଞ୍ଜୟ କୁମାର ଓଝା, ଦୀପକ କୁମାର ସ୍ୱାଇଁ, ରମାକାନ୍ତ ଓଝା, ରଞ୍ଜିତ ନୟନ, ରାଜକିଶୋର ବାରିକ, ଦେବାନନ୍ଦ ଦେହୁରୀ, ନାରାୟଣ ଦେହୁରୀ, ଅନିଲ କୁମାର ସାହୁ, ସରୋଜ କୁମାର ସାହୁ, ପ୍ରସନ୍ନ ନାହାକ ସହଯୋଗ କରିଥିଲେ ।

# ଅଣ ସଂକ୍ରାମକ ରୋଗ ନିରାକରଣ ଯୋଜନାର ସଫଳତା ପାଇଁ ଜିଲ୍ଲାପାଳଙ୍କ ପରାମର୍ଶ



**ଭଦ୍ରକ ନ୍ୟୁଜ ବ୍ୟୁରୋ**

ଉଚ୍ଚ ରକ୍ତଚାପ, ମଧୁମେହ, ମାନସିକରୋଗ, ଯକୃତ ଜନିତ ରୋଗ, କର୍କଟ, ଶଯ୍ୟାଶାୟୀ ଆଦି ଅଣ ସଂକ୍ରାମକ ରୋଗ ସହଳ ଚିହ୍ନଟ କରାଯାଇ ସ୍ୱାସ୍ଥ୍ୟସେବା ଯୋଗାଇଦେବା କାର୍ଯ୍ୟକ୍ରମର ସମୀକ୍ଷା ନେଇ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲୀପ ରାଉତରାଏ ଏହି ବୈଠକରେ କାର୍ଯ୍ୟକ୍ରମର ସମୀକ୍ଷା କରିବା ଅବସରରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ କାର୍ଯ୍ୟକାରୀତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହି ଅଭିଯାନର ସହକାରୀ ପରିଚାଳକ ଦୀପକ କୁମାର ରାଉତଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟ ଆଧାରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳଙ୍କ ସଂଯୋଜନାରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଯୋଜନାର ଅଧିକ ସଫଳତା ପାଇଁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ ।

ସୂଚନା ଅନୁଯାୟୀ ସମସ୍ତ ୩୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କର ଅନ୍ତତଃ ଥରଟିଏ ପ୍ରତିବର୍ଷ ଉଚ୍ଚରକ୍ତଚାପ ଏବଂ ମଧୁମେହ ରୋଗ ପରୀକ୍ଷା କରିବା ପାଇଁ ସମସ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ର ମାନଙ୍କରେ ଯୋଜନା ରହିଛି । ଏଥିରେ ଭଦ୍ରକ ଜିଲାରେ ୬,୨୦,୬୫୮ ଜଣ ବ୍ୟକ୍ତିଙ୍କର ପରୀକ୍ଷା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ଅଛି । ଚଳିତ ବର୍ଷ ଅକ୍ଟୋବର ଶେଷ ସୁଦ୍ଧା ୨,୧୯,୮୭୮ ଜଣଙ୍କ ପରୀକ୍ଷା କରାଯାଇଅଛି । ଅକ୍ଟୋବର ଶେଷ ସୁଦ୍ଧା ୪୭୦୦୦ ରୁ ଉର୍ଦ୍ଧ୍ୱ ଉଚ୍ଚରକ୍ତଚାପ ଏବଂ ୨୯୦୦୦ ରୁ ଉର୍ଦ୍ଧ୍ୱ ମଧୁମେହ ରୋଗୀ ଚିକିତ୍ସାଧିନ ଥିବା ରିପୋର୍ଟ କରାଯାଇଛି । ଅଣ ସଂକ୍ରାମକ ରୋଗକୁ ରକ୍ଷା ପାଇବା, ଜିଲ୍ଲାରେ ଏହାର ପ୍ରଭାବ ହ୍ରାସ କରିବା ନେଇ ଜନ ସାଧାରଣଙ୍କୁ ନିଜ ନିଜର ଦୈନନ୍ଦିନ ଜୀବନ ଶୈଳୀ ବିଷୟରେ ସଚେତନ କରାଇବା ତଥା ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଏଦିଗରେ ନିଷ୍ଠାର ସହିତ କାର୍ଯ୍ୟକରିବାକୁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ ।

# ଭଡ଼ା ଘରୁ ମହିଳାଙ୍କ ମୃତଦେହ ଠାବ, ପରିବାର ପକ୍ଷରୁ ହତ୍ୟା ଅଭିଯୋଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭଡ଼ା ଘରୁ ମହିଳାଙ୍କ ମୃତଦେହ ଠାବ । ଭୁବନେଶ୍ୱର ଖାରବେଳ ନଗର ଅଞ୍ଚଳରେ ଥିବା ଏକ ଘର ଭିତରୁ ଜଣେ ମହିଳାଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଠାବ କରାଯାଇଛି । ଖାରବେଳନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଜାରି ରଖିଛି । ଖବର ଅନୁଯାୟୀ, ମୃତ ମହିଳାଙ୍କ ଘର ପୁରୀ ଅଞ୍ଚଳର । ସେ ଦୁଇ ବର୍ଷ ତଳେ ବିବାହ କରିଥିଲେ । ଆଉ ସ୍ୱାମୀଙ୍କ ସହ ଖାରବେଳନଗର ଅଞ୍ଚଳରେ ରହୁଥିଲେ । ହେଲେ ଏବେ ସେହି ଭଡ଼ା ଘରୁ ମହିଳାଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଠାବ କରାଯାଇଛି । ତେବେ ବର୍ତ୍ତମାନ ଯାଏଁ ମୃତ୍ୟୁର ସଠିକ୍ କାରଣ ଜଣାପଡିନଥିବା ବେଳେ ମହିଳାଙ୍କ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ହୋଇଛି ।

# କୃତ୍ରିମ ପ୍ରଜନନ: ରାଜ୍ୟରେ ଗଞ୍ଜାମ ଆଗୁଆ

## ଗାଈକୁ ଦିଆଯାଉଛି ସର୍ଟେଡ୍ ସିମେନ୍, ଜନ୍ମ ହେବ ମାଈ ବାଛୁରୀ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ୨୦୨୨ ଡ଼ିସେମ୍ବରରୁ ପୃଥକୀକୃତ ଶୁକ୍ରାଣୁ କୃତ୍ରିମ ପ୍ରଜନନ ଆରମ୍ଭ ହୋଇଛି । ଏହି କ୍ଷେତ୍ରରେ ସଫଳତା ହାସଲ କରିଛି ଗଞ୍ଜାମ ଜିଲ୍ଲା । ରାଜ୍ୟ ପ୍ରାଣୀ ସମ୍ପଦ ବିଭାଗ ଏହାର ସଫଳତା ହାର ୪୦ ପ୍ରତିଶତ ରହିଥିବା ସୂଚନା ଦେଇଛି । ଏହି କ୍ଷେତ୍ରରେ ଗତ ଦୁଇ ବର୍ଷ ମଧ୍ୟରେ ହୋଇଥିବା କୃତ୍ରିମ ପ୍ରଜନନରେ ଗଞ୍ଜାମ ଜିଲ୍ଲା ୪୩ ପ୍ରତିଶତ ରହିଛି । ଯାହାକି ରାଜ୍ୟ ହାର ତୁଳନାରେ ଅଧିକ ରହିଥିବା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ମନୋଜ କୁମାର ସାହୁ କହିଛନ୍ତି । ଗତ ଦୁଇ ଦଶନ୍ଧି ଧରି ଚାଷବାସରେ ଟ୍ରାକ୍ଟର ବ୍ୟବହାର ବଢ଼ିବା ଯୋଗୁଁ ଚାଷୀ ଆଉ ଅଣ୍ଡିରା ବାଛୁରୀକୁ ବଳଦ ଭାବେ ବ୍ୟବହାର କରୁନାହାନ୍ତି । ଯାହାର ସିଧାସଳଖ ପ୍ରଭାବ ଏବେ ଷଣ୍ଢଙ୍କ ଅହେତୁକ ସଂଖ୍ୟା ବୃଦ୍ଧି ଉପରେ ପଡ଼ିଛି । ସ୍ଥିତି ଏଭଳି ହେଲାଣି ଯେ, ରାସ୍ତା ଘାଟରେ ବୁଲା ଷଣ୍ଢଙ୍କ ପାଇଁ ଅନେକ ଦୁର୍ଘଟଣା ମଧ ହେଉଛି । ଏଭଳି ଅଭାବନୀୟ ସ୍ଥିତି ଓ ସମସ୍ୟାର ଦୀର୍ଘ ମିଆଦୀ ସମାଧାନ ପାଇଁ ରାଜ୍ର ପ୍ରାଣୀ ସଂପଦ ବିଭାଗ ଉଦ୍ୟମ ଜାରି ରଖିଛି । 'ପୃଥକୀକୃତ ଶୁକ୍ରାଣୁ' ରାଜ୍ୟ ତମାମ ଉପଯୋଗ କରିବାକୁ ନିଷ୍ପତି ନେଇଛି । ଗୋପାଳନ କରୁଥିବା ଚାଷୀ ବା ସାଧାରଣ ଘରେ ଗାଈ ରଖିଥିବା ଲୋକ ମାଈ ବାଛୁରୀ ଜନ୍ମ ହେଲେ ତାକୁ ଘରେ ରଖି ଦୁଗ୍ଧ ଚାଷକୁ ଆଗକୁ ବଢ଼ାଇଥାନ୍ତି । ମାତ୍ର ଅଣ୍ଡିରା ବାଛୁରୀ ଜନ୍ମ ହେଲେ ଡ଼ାକ୍ତରୀ ପଦ୍ଧତିରେ ତାକୁ ବଳଦ କରିଦିଆଯାଏ । ପରେ ଏହି ବଳଦ ବିଲରେ ଚାଷ କାମରେ ସହଯୋଗ କରେ । ଖୁବ୍ କମ୍ ସଂଖ୍ୟକ ଚାଷ ବା ଘରୋଇ ଲୋକ ମାନସିକ ଉଦ୍ଦେଶ୍ୟରେ ଅଣ୍ଡିରା ବାଛୁରୀକୁ ଷଣ୍ଢ କରି ଛାଡ଼ିଦିଅନ୍ତି । ପରେ ଏହି ଷଣ୍ଢ ଗୋ ବଂଶ ବୃଦ୍ଧିରେ ସହାୟକ ହୁଅନ୍ତି । ମାତ୍ର ପ୍ରାୟ ଦୁଇ ଦଶନ୍ଧି ହେବ ଜମିବାଡ଼ିରେ ଟ୍ରାକ୍ଟର ବ୍ୟବହାର ବହୁ ଗୁଣା ବଢ଼ିଛି । କମ୍ ଖର୍ଚ୍ଚ ଓ ସହଜ



ଚାଷ ପାଇଁ ଚାଷୀ ଆଉ ବଳଦ ସାହାଯ୍ୟରେ ହଳ ଲଙ୍ଗଳ ଧରି ଚାଷ କରୁନାହାନ୍ତି । ମଇ ଦେଉନାହାନ୍ତି କି ବେଙ୍ଗଳା ପକାଉ ନାହାନ୍ତି । ଚାଷ କାମରେ ଶଗଡ଼ରେ ବ୍ୟବହାର ହେଉନଥିବାରୁ ଲୋକେ ବଳଦ ପାଳିବାକୁ ଚାହୁଁ ନାହାନ୍ତି । କାରଣ ବଳଦ ପାଳିବା ମଧ ବ୍ୟୟବହୁଳ । ତେଣୁ ଗାଈ ଅଣ୍ଡିରା ବାଛୁରୀ ଜନ୍ମ ଦେବା ପରେ ଚାଷୀମାନେ ତାକୁ ରାସ୍ତାକୁ ଛାଡ଼ି ଦେଉଛନ୍ତି । ଫଳରେ ରାଜ ରାସ୍ତାରେ ଷଣ୍ଢ ସଂଖ୍ୟା ବୃଦ୍ଧି ପାଇଛି । ଏହାକୁ ଦୃଷ୍ଟିରେ ରଖି ପ୍ରାଣୀ ସମ୍ପଦ ବିଭାଗ ଦୀର୍ଘ ମିଆଦୀ ଭାବେ ଅଣ୍ଡିରା ବାଛୁରୀ ସଂଖ୍ୟା କମାଇବାକୁ ଯୋଜନା କରିଛି । ୨୦୨୨ ଡ଼ିସେମ୍ବରରୁ ବିଭାଗ ପକ୍ଷରୁ ଗୋବଂଶ ବୃଦ୍ଧି ପାଇଁ ଅର୍ଥାତ୍ ଗାଈ ଛୁଆ ଜନ୍ମ ପାଇଁ କୃତ୍ରିମ ଉପାୟରେ ଦିଆଯାଉଥିବା ଶୁକ୍ରାଣୁରେ ପରିବର୍ତନ ଆଣିଛି । ପୁନେ ଓ ଗୁଜରାଟରେ ପ୍ରସ୍ତୁତ ହେଉଥିବା ସର୍ଟେଡ୍ ସିମେନ୍ ବା ପୃଥକୀକୃତ ଶୁକ୍ରାଣୁ ଆଣି ଗାଈଙ୍କୁ ଦିଆଯାଉଛି । ଏହି ଶୁକ୍ରାଣୁରେ ମାଈ ବାଛୁରୀ ଜନ୍ମ ହେବାର ୯୦ ପ୍ରତିଶତରୁ ଅଧିକ ସମ୍ଭାବନା ରହିଛି । ଅର୍ଥାତ୍ ପରୋକ୍ଷରେ ଷଣ୍ଢଙ୍କ ସଂଖ୍ୟା କମାୟିବାର ଉଦ୍ୟମ କରାଯାଉଛି । ସରକାରୀ ତଥ୍ୟ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଏକ୍ସିଲେରେଟେଡ୍ ବ୍ରୀଡ୍ ଇମ୍ପ୍ରୁଭମେଂଟ ପ୍ରୋଗ୍ରାମ ଜରିଆରେଏହି କାର୍ଯ୍ୟକ୍ରମ ୨୦୨୨ ଡ଼ିସେମ୍ବରରୁ ରାଜ୍ୟ ସରକାର ହାତକୁ ନେଇଛନ୍ତି । ୨୦୨୪ ସେପ୍ଟେମ୍ବର ସୁଦ୍ଧା ଗଞ୍ଜାମ ଜିଲ୍ଲାର ୫୭୧୮ ଟି ଗାଈକୁ ଏହି ଯୋଜନା ମାଧ୍ୟମରେ ପୃଥକୀକୃତ ଶୁକ୍ରାଣୁ ପ୍ରଦାନ କରାଯାଇଛି । ସେଥି ମଧ୍ୟର ୧୪୧୨ ମାଈ ବାଛୁରୀ ଜନ୍ମ ଗ୍ରହଣ କରିଛନ୍ତି । ଜିଲ୍ଲା ମୁଖ୍ୟ ପ୍ରାରୀ ଚିକିତ୍ସା ଅଧିକାରୀ କହିଛନ୍ତି, ଏହି ସଂଖ୍ୟାକୁ ଦେଖିଲେ ରାଜ୍ୟର ସଫଳତା ହାର ୪୦ ପ୍ରତିଶତ ରହିଛି । ଗଞ୍ଜାମ ଜିଲ୍ଲାରେ ଏହି ହାର ୪୩ ପ୍ରତିଶତ ରହିଛି । ଯାହାକି ରାଜ୍ୟ ତୁଳନାରେ ଅଧିକ ରହିଛି । ଯାହାକି ଆମକୁ ଶତ ପ୍ରତିଶତ ସଫଳତା ଦେଇଥିବା ସେ କହିଛନ୍ତି ।

# ହଟିବ ୫୫ନଂ ଜାତୀୟ ରାଜପଥ ପାର୍ଶ୍ୱରୁ ଜବରଦଖଲ

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

୫୫ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ମୁଣ୍ଡମାଳ ନିକଟ ଲିବ୍ରା କାର୍ପେଟ କାରଖାନା ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ହୋଇଥିବା ଜବର ଦଖଲ ହଟାଇବାକୁ ଶନିବାର ସ୍ଥାନୀୟ ପୌର ପ୍ରଶାସନ ତରଫରୁ କରାଯାଇଥିବା ଏକ ଘୋଷଣା ଶୁଣି ସ୍ଥାନୀୟ ବ୍ୟବସାୟୀ ଓ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ଆଶଂକା ସୃଷ୍ଟି ହେବା ସହିତ ଚିନ୍ତାର ବିଷୟ ପାଲଟିଛି । ଆସନ୍ତା ୪୮ଘ□ା ଭିତରେ ରାଜପଥ କଡରେ ଲିର୍ବାକାର୍ପେଟ କାରଖାନା ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବସ୍ତି ଓ ଉଠାଦୋକାନୀ ମାନେ ଜାଗା ଖାଲି କରିବା ପାଇଁ ଡାକବାଜୀ ଯନ୍ତ୍ର ଯୋଗେ ଚେତାବନୀ ଦିଆଯାଇଛି । ତେବେ ଦୀର୍ଘ ବର୍ଷ ହେବ ରାସ୍ତା ସଂପ୍ରସାରଣ କାର୍ଯ୍ୟ କରାଯାଉଥିବାରୁ ରାସ୍ତା କଡରେ ବ୍ୟବସାୟ କରୁଥିବା ଦେକାନୀ ମାନେ ବାରଦୁଆର ଶୁଣିପିଣ୍ଡା ହେଉଥିବା ବେଳେ ହଠାତ୍ ପୁଣି ଏଭଳି ଖବର ଶୁଣି ହତୋତ୍ସାହ ହୋଇ ପଡିଥିବା ଦେଖିବାକୁ ମିଳିଛି । ରାସ୍ତା ସମ୍ପ୍ରସାରଣ ପାଇଁ, କିମ୍ବା ନୂତନ କାରଖାନା ପ୍ରତିଷ୍ଠା ପାଇଁ ଏହି ଉଚ୍ଛେଦ ଘୋଷଣା କରା ଯାଇଛି ତାହା ସ୍ପଷ୍ଟ ହୋଇ ପାରି ନାହିଁ । ସୂଚନାଯୋଗ୍ୟଯେ ମୁଣ୍ଡମାଳ ଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ୩୦୦ରୁ ଉର୍ଦ୍ଧ ବ୍ୟବସାୟ ପ୍ରତିଷ୍ଠାନ ରହିଛଇ । ଏହି ଘୋଷଣା ସମ୍ପର୍କରେ ପ୍ରଶାସନ ସଠିକ ତଥା ଲୋକ ମାନଙ୍କୁ ପ୍ରଦାନ କରିବାକୁ ସ୍ଥାନୀୟ ବିଭିନ୍ନ ବଣିକ ସଂଘ ତରଫରୁ ଦାବି କରାଯାଇଛି ।

# ଚାଷୀଙ୍କ ମୁହଁରେ ହସ ଫୁଟାଇବା ଆମ ସରକାରର ପ୍ରତିବଦ୍ଧତା : ଧର୍ମେନ୍ଦ୍ର


**ବହଡାଗୋଡ଼ା, ନ୍ୟୁଜ ବ୍ୟୁରୋ**

ଚାଷୀଙ୍କ ମୁହଁରେ ହସ ଫୁଟାଇବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ପ୍ରତିବଦ୍ଧତା । ମୋଦୀ ସରକାରରେ ବିଗତ ୧୦ ବର୍ଷ ମଧ୍ୟରେ ଅନ୍ନଦାତାଙ୍କ ଆୟ ବୃଦ୍ଧି କରିବା ସହ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି ବୋଲି ଶନିବାର ଝାଡଖଣ୍ଡ ନିର୍ବାଚନ ପରିପ୍ରେକ୍ଷୀରେ ବହଡାଗୋଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଆୟୋଜିତ "କିଷାନ ସମ୍ମିଳନୀ"କୁ ସମ୍ବୋଧିତ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଓଡ଼ିଆ ବହୁଳ ଅଞ୍ଚଳ ପାରୁଲିଆ ପଞ୍ଚାୟତର ତାଲୁଆ ଗ୍ରାମରେ ଦଳୀୟ ପ୍ରାର୍ଥୀ ଦିନେଶାନନ୍ଦ ଗୋସ୍ୱାମୀଙ୍କ ପାଇଁ ପ୍ରଚାର କରିଛନ୍ତି କେନ୍ଦ୍ରମନ୍ତ୍ରୀ । କିଷାନ ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି ଯେ କୃଷିର ବିକାଶ ଓ ଚାଷୀଙ୍କ କଲ୍ୟାଣ ପାଇଁ ମୋଦୀ ସରକାର ସର୍ବଦା କାର୍ଯ୍ୟ କରୁଛନ୍ତି । ଏଥର ଝାଡଖଣ୍ଡରେ ବିଜେପି ସରକାର ଆସିଲେ ଓଡ଼ିଶା ଭଳି ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯିବ । ବିଜେପି ସରକାରରେ କୃଷକଙ୍କ ଉନ୍ନତି ଓ ପ୍ରଗତି ହେବ । ମା' ଭଉଣୀମାନଙ୍କ ସମୃଦ୍ଧି, ଯୁବକମାନଙ୍କୁ ଚାକିରି, ଗୁଣାତ୍ମକ ଶିକ୍ଷା ଏବଂ ଝାଡ଼ଖଣ୍ଡର ନିରନ୍ତର ବିକାଶ କରିବା ହେଉଛି ବିଜେପିର ସଂକଳ୍ପ । ବିଜେପି ସରକାର ଆସିଲେ ରାଜ୍ୟରେ ଗୋଗୋ ଦିଦି ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ମାସିକ ୨୧୦୦ ଟଙ୍କା ଦିଆଯିବ ।


ଆଜି ମୋଦୀ ସରକାରରେ ଆଦିବାସୀ ଲୋକମାନେ ବିଶେଷ ଲାଭ ପାଇଛନ୍ତି । ପୂର୍ବରୁ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଖଣିଜ ସମ୍ପଦକୁ ଶାଗ ମାଛ ମୂଲ୍ୟରେ ପୁଞ୍ଜିପତିମାନଙ୍କୁ ବିକ୍ରି କରାଯାଉଥିଲା । ମାତ୍ର ଆଜି ମୋଦୀ ସରକାରଙ୍କ ସଂସ୍କାର କାରଣରୁ ଜିଲ୍ଲାର ଅର୍ଥ ଜିଲ୍ଲାରେ ରହୁଛି । ଖଣି ରାଜସ୍ୱ କୋଟି କୋଟି ଟଙ୍କା ବୃଦ୍ଧି ପାଇଛି । ଡିଏମଏଫ ପାଣ୍ଠିରୁ ମିଳୁଥିବା ଅର୍ଥରାଶିକୁ ଜନଜାତିଙ୍କ ମୌଳିକ ସୁବିଧା ଯୋଗାଇବା ଦିଗରେ ସଦୁପଯୋଗ କରାଯାଉଛି । ଅନ୍ୟପଟେ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଲୁଟ ମାମଲାରେ ପୂର୍ବରୁ ଜେଲ୍ ଯିବାକୁ ପଡିଛି । ତେଣୁ ଝାଡଖଣ୍ଡରେ ବିକାଶ କରିବା ପାଇଁ ପଦ୍ମ ଫୁଲରେ ଭୋଟ୍ ଦେବାକୁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଗତକାଲି ଶ୍ରୀ ପ୍ରଧାନ ଜାମସେଦ୍‌ପୁରରେ ବସବାସ କରୁଥିବା ଓଡ଼ିଆ ସମୁଦାୟଙ୍କ ସହ ଭେଟ ହୋଇଥିଲେ । ସ୍ଥାନୀୟ ଅଞ୍ଚଳରେ ଓଡ଼ିଆ ଅସ୍ମିତା ଏବଂ ଓଡ଼ିଶାର ଭାବାବେଗକୁ ବଞ୍ଚାଇ ରଖିବା ସହ ଝାଡ଼ଖଣ୍ଡର ବିକାଶ ଓ ଅଭିବୃଦ୍ଧି ଦିଗରେ ଓଡ଼ିଆ ଲୋକଙ୍କର ଥିବା ଅବଦାନକୁ ପ୍ରଶଂସା କରିବା ସହ ଜାମସେଦପୁରକୁ ବିକାଶର ସ୍ରୋତରେ ଆଗେଇ ନେବା ସହ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ କରିବା ପାଇଁ ନିବେଦନ କରିଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୧।୧୧।୨୦୨୪, କାର୍ତ୍ତିକ ଦି୨୬ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୫୩।୦୧** **ଚନ୍ଦ୍ରୋଦୟ- ଦିଘ ୧।୪୬।୦୮**

**ଦଶମୀ-** ସଂଘ ୬।୪୭ ପର୍ଯ୍ୟନ୍ତ । **ଶତଭିଷା ନକ୍ଷତ୍ର-** ଦିଘ ୯।୩୯ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ରାଘ ୨।୨୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ରାଘ ୨।୨୦ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ରାଘ ୨।୨୦ ଗତେ ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ସଂଘ ୬।୪୭ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୭ ଗତେ ଘ ୭।୨୦ ମଧ୍ୟେ । ଦିଘ ୮।୫୫ ଗତେ ଘ୧୧।୦୮ ମଧ୍ୟେ । **ପର୍ବୋତ୍ସବ-** ଶରତ୍ରାସାଧିବାସ, ଶରଣ ପଞ୍ଚକ ଶେଷ ।



**ମେଷ:** ମନରେ ସରସତା ଆସିବ । କାର୍ଯ୍ୟପ୍ରାପ୍ତି । ଆୟରେ ଅଗ୍ରଗତି । ପରିବାରରେ ଆନନ୍ଦ ମିଳିବ । ଦୂରଯାତ୍ରା କରିବାକୁ ପଡ଼ିପାରେ । ବ୍ୟବସାୟିକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ଲାଗିପାରେ । ଦେହ ଓ ମନ ଭଲ ରହିବ ।



**ବୃଷ:** ସୁଖ ସମ୍ମାନ ପାଇବେ । କାମ ଗୁଡ଼ିକ ସୁରୁଖୁରୁରେ ସମ୍ପାଦନ ହେବ । ସମାଜ ସେବା ପ୍ରତି ମନ ବଳାଇବେ । ପରିବହନ ସମସ୍ୟା ଦୂର ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ଦେଖାଦେବ ।




**ମିଥୁନ:** ଆଜି ଦିନଟି ଭଲରେ କଟିବ ନାହିଁ । ଦୂରଯାତ୍ରା କରି ସତର୍କତା ଅବଲମ୍ବନ କରିବେ । ମାନହାନୀ ଓ ଧନହାନୀର ଆଶଙ୍କା । ଅନ୍ୟମନସ୍କ ରହିବେ । ଶୁଭ କାର୍ଯ୍ରରେ ଯୋଗଦେବେ । ଘରେ କଳହ ସୃଷ୍ଟି ।



**କର୍କଟ:** ପାରିବାରିକ ଅଶାନ୍ତି । ଖାଦ୍ୟପେୟରେ ଅନିୟମିତତା । ଏଣୁ ଦେହ କଷ୍ଟ ଭୋଗିବାର ସୂଚନା । ଆୟ ମଧ୍ୟମ ହେବ । ଗୃହ ସଜା ପ୍ରତି ଆଗ୍ରହ ବଢ଼ିପାରେ । ବ୍ୟବସାୟ ମଧ୍ୟମ ଧରଣର ହେବ ।




**ସିଂହ:** କର୍ମକ୍ଷେତ୍ରରେ ସହଯୋଗୀଙ୍କ ସହଯୋଗ ବୃଦ୍ଧି ପାଇବ । ସହକର୍ମୀ ମାନଙ୍କ ସହଯୋଗରେ ଉନ୍ନତି । ଆଦର ସମ୍ମାନ ଲାଭ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ସତ କଥା କହି ବିରୋଧୀ ହେବାର ଆଶଙ୍କା ।




**କନ୍ୟା:** ନିର୍ଭୟରେ ସବୁ କାମ କରି ଜୟଯୁକ୍ତ ହେବେ । ଶତ୍ରୁ ଆପେ ଆପେ ହାର୍ ମାନିବେ । ଆୟ ଓ ବ୍ୟୟ ସମାନ ରହିବ । ସୁଖ ଭ୍ରମଣ ଯୋଗ ରହିଛି । ବନ୍ଧୁଙ୍କ ସହଯୋଗ ଲାଭ କରିବେ । ଗୃହେ ଆନନ୍ଦ ଦେଖାଦେବ ।



**ତୁଳା:** ଯାହା କହିବାର ଅଛି ବୁଝି ବିଚାରି କରନ୍ତୁ । ଅନ୍ୟଥା ବିପଦ । ନୀରବ ଚିନ୍ତା ଆପଣଙ୍କ ପାଇଁ ଶ୍ରେୟସ୍କର । ରୋଜଗାର ମଧ୍ୟମ ହେବ । ଗୃହେ ବନ୍ଧୁ ମିଳନର ସୂଚନା । ଠକାମିରେ ପଡ଼ିପାରନ୍ତି । ମନ ଅସ୍ଥିର ରହିବ ।



**ବିଛା:** କର୍ମକ୍ଷେତ୍ରରେ ଅଶାନ୍ତି । ପର ପାଇଁ ନିଜର ପରିଶ୍ରମ ବୃଦ୍ଧି । ଦୂରଯାତ୍ରା କରି ନିରାଶ ହେବେ । ପତରୋଧ ଭଳି ପରିସ୍ଥିତି ସୃଷ୍ଟି ହେବ । ମାନସିକ ଅସ୍ଥିରତା ଦେଖାଦେବ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ ।



**ଧନୁ:** ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିବେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ଅସଫଳ ହେବ । ଶୁଭ କାର୍ଯ୍ୟ କରିପାରନ୍ତି । ଘରେ ଦ୍ୱନ୍ଦ୍ୱ ଦେଖାଦେବାର ସୂଚନା ।



**ମକର:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ । ଅପ୍ରିୟ ସତ କହି ବନ୍ଧୁଙ୍କ ପାଖରେ ବିରୋଧୀ ହେବେ । ଶରୀର ସୁସ୍ଥ ରହିବ । ରୋଜଗାର ଭଲ ହେବ । ପାରିବାରିକ ଜୀବନ ସୁଖମୟ ହେବ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଆମୋଦ ଓ ପ୍ରମୋଦରେ କଟିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଚଞ୍ଚଳମନା ହେବେ । କଚେରି ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।



**ମୀନ:** ପ୍ରତ୍ୟେକ କାର୍ଯ୍ୟରେ ବାଧା ଆସିବ । ମନରେ ଅଶାନ୍ତି ଲାଗି ରହିବ । ବନ୍ଦୀରେ ରହିବା ପରି ଅନୁଭବ କରିବେ । ସମ୍ମାନ ଲାଭ ହେବ । ରୋଜଗାରରେ ଉନ୍ନତି ହେବ । ପରିବାରରେ ଖୁସି ଲାଭ ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୨।୧୧।୨୦୨୪, କାର୍ତ୍ତିକ ଦି୨୭ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୫୩।୩୪** **ଚନ୍ଦ୍ରୋଦୟ- ଦିଘ ୨।୨୫।୧୬**

**ଏକାଦଶୀ-** ଦିଘ ୪/୦୫ ପର୍ଯ୍ୟନ୍ତ । **ପୂର୍ବଭଦ୍ର ନକ୍ଷତ୍ର-** ପ୍ରାଘ ୭।୫୨, ଉତ୍ତରସପ୍ତକ୍ଷୟ, **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଦିଘ ୪/୦୫ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୭ ଗତେ ଘ ୬।୪୨ ମଧ୍ୟେ । ଦିଘ ୮।୪୪ ଗତେ ଘ୧୧।୦୮ ମଧ୍ୟେ । **ପର୍ବୋତ୍ସବ-** ଦେବୋତ୍‌ଥାପନ ବଡ ଏକାଦଶୀ, ଶରତ ରାସ ଓ ପଞ୍ଚୁକ ଆରମ୍ଭ, କାଳିଦାସ ଜୟନ୍ତୀ ।

ପ୍ରଭାତୀୟ
30 YEARS
ସମ୍ବାଦ କଳିକା

# ଦ୍ରୁତଗତିରେ ବଢୁଛି ଅର୍ଥନୈତିକ ଅଭିବୃଦ୍ଧି

**ଦେ**ଶର ଅର୍ଥନୈତିକ ଅଭିବୃଦ୍ଧି ଦ୍ରୁତଗତିରେ ଆଗକୁ ବଢୁଛି । ଏଥିସହିତ ମୁଦ୍ରା ନୀତିରେ ସ୍ଥିରତା କାରଣରୁ ଋଣ ଅଭିବୃଦ୍ଧି ଅଧିକ ରହିଛି । ଏଥିଯୋଗୁ ଭାରତରେ ଧନୀ ଲୋକଙ୍କ କ୍ରୟଶକ୍ତି ମଧ୍ୟ ବଢୁଛି । ଏସବୁ କାରଣରୁ ଭାରତରେ ଧନୀ ବ୍ୟକ୍ତିଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ବର୍ଷକୁ ୧୦ ହଜାର ଡଲାର (୮,୨୮,୭୨୩ ଟଙ୍କା) ରୋଜଗାର କରୁଥିବା ଗ୍ରାହକଙ୍କ ସଂଖ୍ୟା ୨୦୧୫ ମସିହାରେ ୨୪ ନିୟୁତ ଥିଲା କିନ୍ତୁ ସଂପ୍ରତି ଏମାନଙ୍କ ସଂଖ୍ୟା ୬୦ ନିୟୁତରେ ପହଞ୍ଚିଛି । ଅର୍ଥାତ୍ ଦେଶର ମୋଟ ଜନସଂଖ୍ୟାରେ ଏମାନଙ୍କ ସଂଖ୍ୟା ୪.୧ ପ୍ରତିଶତ ବୋଲି ଶୁକ୍ରବାର ଗୋଲଡମ୍ୟାନ୍ ସାଚ୍ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି । ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ରହିଛି । ଆସନ୍ତା ୨୦୨୭ ସୁଦ୍ଧା ବାର୍ଷିକ ୧୦ ହଜାର ଡଲାର ମୁଣ୍ଡପିଛା ଆୟ ଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୦ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ବୋଲି ଆଇଏମ୍ଏଫ ପକ୍ଷରୁ ଆକଳନ କରାଯାଇଛି । ଭାରତରେ ମଧ୍ୟମ ଆୟବର୍ଗର ଲୋକଙ୍କ କ୍ରୟଶକ୍ତି ବଢୁଛି ।

ଫଳରେ ଗହଣା, ସ୍ୱାସ୍ଥ୍ୟସେବା, ବାହାରେ ଖାଇବା ଆଦି ଖର୍ଚ୍ଚ ବଢ଼ିଛି । ଭାରତରେ ଆର୍ଥିକ ଓ ଭୌତିକ ସଂପତ୍ତି ଗୁଡ଼ିକର ମୂଲ୍ୟ ବୃଦ୍ଧି ପାଉଥିବାରୁ ଲୋକଙ୍କ ସଂପତ୍ତି ବଢ଼ିବାରେ ଲାଗିଛି । ଜମି ଏବଂ ସୁନାକୁ ଯଦିଓ ସଂପତ୍ତି ସାଇତି ରଖିବାର ପ୍ରମୁଖ ମାଧ୍ୟମ ଭାବେ ବିବେଚନା କରାଯାଉଛି ତଥାପି ଭାରତୀୟମାନେ ସେମାନଙ୍କ ସଞ୍ଚୟ ଓ ନିବେଶ ଅଭ୍ୟାସରେ ପରିବର୍ତ୍ତନ ଆଣିଛନ୍ତି । ନିବେଶକମାନେ ସିଧାସଳଖ କିମ୍ବା ମ୍ୟୁଚୁଆଲ ଫଣ୍ଡ ଜରିଆରେ ଇକ୍ୱିଟିରେ ନିବେଶ କରୁଛନ୍ତି ବୋଲି ଗୋଲ୍ଡମ୍ୟାନ୍ ସାଚ୍ସ ପକ୍ଷରୁ କୁହାଯାଇଛି କିନ୍ତୁ ଭାରତକୁ ସାମଗ୍ରିକ ଭାବେ ଦେଖିଲେ ଭାରତୀୟଙ୍କ ମୁଣ୍ଡପିଛା ଆୟ ୩ ହଜାର ଡଲାରରୁ କମ୍ ରହିଛି । ବଡ଼ ଧନୀ ଏବଂ ମଧ୍ୟ ଆୟବର୍ଗର ଲୋକମାନଙ୍କ ମଧ୍ୟରେ ବ୍ୟୟ କ୍ଷମତାରେ ପାର୍ଥକ୍ୟ ଏକ ବଡ଼ ଚିନ୍ତାର ବିଷୟ ବୋଲି କୁହାଯାଇଛି । ଭାରତରେ ୯୬ କୋଟିରୁ ଅଧିକ ଡେବିଟ କାର୍ଡ ଲୋକଙ୍କୁ ପ୍ରଦାନ କରାଯାଇଛି । ସେହିଭଳି ୯.୩ କୋଟି ଲୋକଙ୍କ ପାଖରେ ପୋଷ୍ଟପେଡ ମୋବାଇଲ ସଂଯୋଗ ରହିଛି । ଏହା ସତ୍ତ୍ୱେ କେବଳ ୩ କୋଟି ଭାରତୀୟ ଗାଡ଼ି କିଣିବାକୁ ସକ୍ଷମ ବୋଲି ରିପୋର୍ଟରେ କୁହାଯାଇଛି ।

# ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଓ ଭୀଷ୍ମ ପଞ୍ଚକ

## ଚଳିତ ବର୍ଷ ପଞ୍ଚୁକ ୪ ଦିନ ପଡୁଥିବାରୁ ଚତୁର୍ଦ୍ଦଶୀ ଦିନର ଲକ୍ଷ୍ମୀ ନୃସିଂହ ବେଶ ହେବନାହିଁ



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ. - ୮୦୧୮୮୭୫୩୩୫



କାର୍ତିକ ବ୍ରତ ଆରମ୍ଭରୁ ମାସବ୍ୟାପି ଶ୍ରୀମନ୍ଦିରରେ ହେଉଥିବା ମହାପ୍ରଭୁଙ୍କ ଦାମୋଦର (ଶ୍ରୀବିଷ୍ଣୁ) ବେଶ

### ମହାପ୍ରଭୁଙ୍କର କାର୍ତ୍ତିକ ମାସ ପଞ୍ଚୁକରେ ହେଉଥିବା ବେଶ



ଲକ୍ଷ୍ମୀ-ନାରାୟଣ ବେଶ (୧)



ବାଙ୍କଚୂଡ଼ା ବେଶ (୨)



ତ୍ରିବିକ୍ରମ ବେଶ (୩)



ଲକ୍ଷ୍ମୀ ନୃସିଂହ ବେଶ (୪)



ରାଜ ରାଜେଶ୍ୱର ବା ସୁନାବେଶ (୫)

ଶ୍ରୀମନ୍ଦିରରେ କାର୍ତ୍ତିକ ମାସର ସ୍ୱତନ୍ତ୍ର ମହତ୍ତ୍ୱ ରହିଅଛି। ଏହି ପବିତ୍ର ମାସରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ହବିଷ୍ୟାଳି ଓ ଧର୍ମପରାୟଣ ବ୍ୟକ୍ତି ଶ୍ରୀକ୍ଷେତ୍ର ଆସି ଏଠାରେ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି । ଆଶ୍ୱିନ ଶୁକ୍ଳ ଏକାଦଶୀ (ଗୋଷାଣୀ ଏକାଦଶୀ) ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ବିଶେଷ ଭୋଗ, ବେଶ ଓ ବ୍ରତ ସହିତ କେତେକ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ । ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ ଏକମାସ ବ୍ୟାପି ମହାପ୍ରଭୁଙ୍କ ଆକର୍ଷଣୀୟ ଦାମୋଦର (ଶ୍ରୀବିଷ୍ଣୁ) ବେଶ, ବାଳଧୂପ (ବାଳଭୋଗ) , ଅଖଣ୍ଡ ଦୀପ (ପ୍ରାଚୀନ କାଳରୁ ବଡ ଓଡିଆ ମଠ ଓ ରାଧାକାନ୍ତ ମଠ ତରଫରୁ ଜୟବିଜୟ ଦ୍ୱାରର ଦୁଇ ପାର୍ଶ୍ୱରେ କାର୍ତ୍ତିକ ମାସ ସାରା ଜଳୁଥିବା ଅଲିଭା ବଡ ଦୀପ), ହରିହର ବେଶ (ଅମାବାସ୍ୟା ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟେକ ସୋମବାରରେ ଶ୍ରୀବଳଭଦ୍ରଙ୍କ ଅର୍ଦ୍ଧେକ ଅଂଶକୁ ଉଭୟ ହରି ଓ ହର ଜ୍ଞାନରେ କଳା ଓ ଧଳା ବସ୍ତ୍ରରେ ଭୂଷିତ କରାଯାଇ ଥାଏ ), ହରି ଉତ୍ଥାପନ ଏକାଦଶୀ (ଏହିଦିନ ଦୁଇଥର ବଡସିଂହାର ବେଶ ହେବା ସହିତ ଶୟନ ଠାକୁର ନିଦ୍ରାତ୍ୟାଗ କରି ଭଣ୍ଡାର ଘରକୁ ବାହୁଡି ଯାଆନ୍ତି), ଗରୁଡ ଉତ୍ଥାପନ ଏକାଦଶୀ ଏବଂ ପଞ୍ଚୁକ ପାଞ୍ଚ ଦିନରେ ଶ୍ରୀବିଗ୍ରହ ମାନଙ୍କର ଅତ୍ୟନ୍ତ ଆକର୍ଷଣୀୟ- ଲକ୍ଷ୍ମୀ ନାରାୟଣ ବେଶ, ବାଙ୍କ ଚୂଡା ବେଶ, ତ୍ରିବିକ୍ରମ ବେଶ, ଲକ୍ଷ୍ମୀ ନୃସିଂହ ବେଶ ଓ ରାଜରାଜେଶ୍ୱର ବେଶ ହୋଇଥାଏ।

ଏହି ମାସରେ ମହାପ୍ରଭୁଙ୍କର ସକାଳ ଧୂପ (ରାଜଭୋଗ) ସରିବା ପରେ ପରେ ଏକ ସ୍ୱତନ୍ତ୍ର ଭୋଗ ଅନୁଷ୍ଠିତ ହୋଇଥାଏ, ଏହାକୁ ବାଳଧୂପ (ବାଳଭୋଗ) କୁହାଯାଏ। ଏହି ଭୋଗରେ ସାଧାରଣତଃ କୋରା, ଦୋଭଜା ଲିଆ, ଅଦା, ଖଇ, ନଡ଼ିଆ ଖୁଦି, ଚାଉଳିଆ, ସେଓ, କମଳା, କାକୁଡ଼ି, ପଇଡ଼ ଓ କଦଳୀ ଭୋଗ କରାଯାଏ। ପରମ୍ପରା କ୍ରମେ ଶ୍ରୀକ୍ଷେତ୍ରର କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ମଠ ଏଥିନିମନ୍ତେ ଶ୍ରୀମନ୍ଦିରକୁ ଭୋଗ ସାମଗ୍ରୀ ଯୋଗାଇ ଦେଇଥାନ୍ତି।

ଭୀଷ୍ମପଞ୍ଚକର ପ୍ରଥମ ଦିନ (ଏକାଦଶୀ) ତିଥିରେ ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହୋଇଥାଏ । ଏହି ବେଶର ଅନ୍ୟନାମ ଠିଆକିଆ ବେଶ। ଉକ୍ତଦିନ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଅବକାଶ ନୀତି ପରେ ପ୍ରାୟ ୨୨ ପ୍ରକାରର ସ୍ୱର୍ଣ୍ଣ ଅଳଙ୍କାର ଲାଗି ହୋଇଥାଏ। ସ୍ୱର୍ଣ୍ଣ ଶ୍ରୀଭୁଜ, କିରୀଟ, ବିଭିନ୍ନ ମାଳି, ହଳ ମୂଷଳ, ଚକ୍ର, ଅଳକା, ରୂପା ଶଙ୍ଖ ଆଦି ଅଳଙ୍କାର ସହିତ ସ୍ୱର୍ଣ୍ଣର କିଆ ରଖା ଯାଇଥିବା ଏକ କ୍ଷୁଦ୍ର ଟୋପର ଆଦିରେ ସେବକମାନେ ତିନି ଠାକୁରଙ୍କୁ ବେଶ କରିଥାନ୍ତି। ସ୍ୱର୍ଣ୍ଣ କିରୀଟ ଓ ଏହାର ପଛ ପାଖରେ ସୁବର୍ଣ୍ଣ କିଆ ରଖାଯାଇ ବେଶ କରାଯାଉଥିବାରୁ ଏହି ବେଶର ଅନ୍ୟନାମ 'ଠିଆକିଆ' ବେଶ। ଦ୍ୱାଦଶୀ ପରଦିନ ଶ୍ରୀଜୀଉମାନଙ୍କର ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହୁଏ । ପୂର୍ବଦିନ ଭଳି ଅବକାଶ ନୀତି ପରେ ସେବକମାନେ ପ୍ରାୟ ୨ ରୁ ୩ ଘଣ୍ଟା ସମୟ ଲାଗି ମହାପ୍ରଭୁଙ୍କୁ ସଜ୍ଜିତ କରିଥାଆନ୍ତି। ବିବିଧ ସ୍ୱର୍ଣ୍ଣ ଅଳଙ୍କାର ସହିତ ଏହି ବେଶରେ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ଶ୍ରୀମସ୍ତକରେ ଚନ୍ଦ୍ରିକା ଚୂଳ ସହିତ ଦକ୍ଷିଣ ଆଡ଼କୁ ଖୋସା (ବେଣୀ) ପଡ଼େ। ଏହାର ଅଗ୍ରଭାଗରେ ସୁବର୍ଣ୍ଣ କିଆ ରଖା ଯାଇଥାଏ ଏବଂ ଦୁଇ ଠାକୁରଙ୍କର କପାଳର ଶୀର୍ଷ ଭାଗରେ ଗୋଟିଏ ଲେଖାଏଁ ଛୋଟ ସ୍ୱର୍ଣ୍ଣ କିରୀଟ ଶୋଭା ପାଉଥାଏ।

ଶୁକ୍ଳ ତ୍ରୟୋଦଶୀ ତିଥିରେ ଶ୍ରୀଜଗନ୍ନାଥଙ୍କର 'ତ୍ରିବିକ୍ରମ ବା ଆଡକିଆ' ବେଶ ଅନୁଷ୍ଠିତ ହୁଏ । ଅନ୍ୟାନ୍ୟ ସୁବର୍ଣ୍ଣ ଅଳଙ୍କାର ସହିତ ଏହି ବେଶରେ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ମସ୍ତକରେ ଦୁଇଟି ସୋଲ, କନା, ବେତ, ଜମ୍ବୁରା ଓ କଇଁଥ ଅଠା ଇତ୍ୟାଦିରେ ଚୂଳ ଲଗାଯାଇଥାଏ। ଚତୁର୍ଦ୍ଦଶୀ ଦିନ ଶ୍ରୀଜୀଉଙ୍କର 'ଡାଳିକିଆ ବା ଲକ୍ଷ୍ମୀନୃସିଂହ' ବେଶରେ ତିନି ଠାକୁରଙ୍କର ଶ୍ରୀମସ୍ତକରେ ଭଣ୍ଡାଚୂଳ, ସ୍ୱର୍ଣ୍ଣକିଆ ଓ ଫଳି ପ୍ରଭୃତି ଲାଗି ହୋଇ ସ୍ୱର୍ଣ୍ଣ ମାଳି, ଶଙ୍ଖ, ଚକ୍ର, ହଳ, ମୂଷଳ, ଶ୍ରୀଭୁଜ, ଶ୍ରୀପୟର ମଧ୍ୟ ରଖା ଯାଇଥାଏ। ଶୋଲ, ଜରି ଓ ରଙ୍ଗ ଲଗାଯାଇ ଅନେକ ଗୁଡ଼ିଏ ଫୁଲ ଶ୍ରୀମସ୍ତକରେ ସଜ୍ଜା ହୋଇଥାଏ। କାର୍ତ୍ତିକ ପୂର୍ଣ୍ଣମୀ ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ପ୍ରସିଦ୍ଧ ସୁନାବେଶ ବା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଥାଏ ।

ଉକ୍ତ ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଅବକାଶ ନୀତି ପରେ ପୁଷ୍ପାଳକ ସେବକମାନେ ଅନ୍ୟମାନଙ୍କ ସହାୟତାରେ ତିନି ଠାକୁରଙ୍କୁ ବିବିଧ ରତ୍ନ ଅଳଙ୍କାର ଓ ପାଟବସ୍ତ୍ରରେ ଭୂଷିତ କରିଥାଆନ୍ତି। ଏହି ରାଜବେଶରେ ସୁବର୍ଣ୍ଣ ଶ୍ରୀଭୁଜ, କିରୀଟ, ଶ୍ରୀପୟର, କର୍ଣ୍ଣ, ଓଡ଼ିଆଣୀ, ଚନ୍ଦ୍ର, ସୂର୍ଯ୍ୟ, କୁଣ୍ଡଳ, ଚିତା, ଚନ୍ଦ୍ରିକା, ଘାଘଡ଼ା ମାଳି, କଦମ୍ବ ମାଳୀ, ବାହାଡାମାଳୀ, ତାବିଜ, ସେବତୀ ମାଳୀ, ହଳମୂଷଳ, ଚକ୍ର,ତ୍ରୀଶାଖା, ଅଳକା, ରୂପା ଶଙ୍ଖ ଓ ତଗଡ଼ୀ ଆଦି ୨୩ ପ୍ରକାରର ପ୍ରାୟ ୬୦ଟିରୁ ଊର୍ଦ୍ଧ୍ୱ ରତ୍ନ ଅଳଙ୍କାର ଲାଗି ହୁଏ। ବିଶେଷ ଭାବେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ୩୮ କଦମ୍ବ ଓ ୩୮ ହରିଡ଼ା ଲାଗିଥିବା ଗୋଟିଏ ହରିଡ଼ା କଦମ୍ବ ମାଳି ଲାଗି କରାଯାଇଥାଏ। ଏହି ବେଶରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ ଭୋଗ, ସକାଳ ଧୂପ, ବାଳଧୂପ ଓ ଭୋଗ ମଣ୍ଡପ ସମାପ୍ତିରେ ଦୀର୍ଘ ସମୟ ଧରି (ପ୍ରାୟତଃ ୪ ଘଣ୍ଟା) ସର୍ବସାଧାରଣ ଦର୍ଶନ ବା ସାହାଣମେଲା ଅନୁଷ୍ଠିତ ହୋଇଥାଏ। ଅତୀତରେ ବହୁ ରାଜା, ସାମନ୍ତବର୍ଗ ଓ ଜମିଦାର ଶ୍ରୀକ୍ଷେତ୍ର ଆଗମନ କରି ଏହି ବେଶ ଦର୍ଶନ କରି ଅପୂର୍ବ ଆନନ୍ଦ ଲାଭ କରିବା ସହିତ ଠାକୁରମାନଙ୍କ ଉଦ୍ଦେଶ୍ୟରେ ନାନାଦି ରତ୍ନ ଅଳଙ୍କାର ଦାନ କରୁଥିଲେ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

# ଦେବଦାସୀ (୨)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

(ପୂର୍ବ ପ୍ରକାଶନ ଉତ୍ତାରୁ)

ସାକ୍ଷୀ ପ୍ରଭୁ କୃତ୍ତିବାସ। ଅପଲକ ନୟନରେ ଚାହିଁଛି ଶିଳ୍ପୀ ନଟବର। ଚପଳଛନ୍ଦା ଦେବଦାସୀ ପୂର୍ଣ୍ଣିମା, କ୍ଷଣକ ପାଇଁ ହରାଇ ବସିଲା ତାଳ, ଲୟ। ରାଜା ଯଯାତିକେଶରୀ ପ୍ରଭୁଙ୍କ ସମ୍ମୁଖରେ ଧ୍ୟାନମଗ୍ନ। ଆଳତି କରୁଥାଆନ୍ତି ବଡ଼ପଣ୍ଡା। ଦୃଷ୍ଟି ପଡ଼ିଲା ପୂର୍ଣ୍ଣିମା ଉପରେ। ତାଙ୍କ କ୍ରୁଦ୍ଧ କଟାକ୍ଷ, କଟିଗଲା ପୂର୍ଣ୍ଣିମାର ଜଡ଼ତା। ପୁନଶ୍ଚ ନାଚିଲା। ନାଚି ନାଚି ମୂର୍ଚ୍ଛିତା, ଲୋଟି ପଡ଼ିଲା କୃତ୍ତିବାସଙ୍କ ସମ୍ମୁଖରେ। ତା' କୋମଳ ନୃତ୍ୟ ଚପଳ ଦେହ, ସରୀସୃପ ପରି ଥରି ଉଠିଲା। ପାଷାଣ ଲିଙ୍ଗ ବୁଝିଲେନି ତା' ଅଶ୍ରୁର ଆବେଗ। ବଡ଼ପଣ୍ଡା ବୁଝିଲେନି; କିନ୍ତୁ ବୁଝିଲା ପୂର୍ଣ୍ଣିମା। ତା' ଦେହରେ ବେପଥୁ, ଅନାହତ ଆବେଗ। ତାହା ଶିଳ୍ପୀ ନଟବର ପାଇଁ। ପୂର୍ଣ୍ଣିମାର ସ୍ଖଳନ। ମନେ ମନେ ପ୍ରାର୍ଥନା କରୁଥିଲା - "ପ୍ରଭୁ ଲିଙ୍ଗରାଜ, ହୃଦୟର ଆକର୍ଷଣ ଯଦି ପାପ ହୁଏ, ତାହାଲେ ମତେ ସେ ପାପରୁ କ୍ଷମାକର ଦେବତା।"

ଆଳତି ଶେଷ। ରାଜା ଯଯାତି, ତାଙ୍କ ପାରିଷଦବର୍ଗ, ସମସ୍ତେ ପ୍ରସ୍ଥାନ କଲେ। ମନ୍ଦିର ପହଡ଼ ପଡ଼ିଲା। ମୁଖଶାଳାରେ ମୂର୍ଚ୍ଛିତା ନୃତ୍ୟ-ଲଳନା ପୂର୍ଣ୍ଣିମା, ବଡ଼ ପଣ୍ଡାଙ୍କ ଡାକରା। ପ୍ରକୃତିସ୍ଥ ହେଲା ପୂର୍ଣ୍ଣିମା। କୁଙ୍କୁମ ରେଖା ଟଣା ଦୁଇ ମୃଗ ଆଖି। ତଥାପି ଅଶ୍ରୁରେ ଛଳଛଳ। ପୂର୍ଣ୍ଣିମା ପ୍ରଭୁ ଲିଙ୍ଗରାଜଙ୍କ ଦେବଦାସୀ। ନଟବର ପ୍ରତି ଦୁର୍ବଳତା, ଏ ପାପ। ଏ ପଥରୁ ଓହରି ଯିବାକୁ ଆଦେଶ ଦେଲେ ବଡ଼ପଣ୍ଡା। ପୂର୍ଣ୍ଣିମା ହୋଇପାରେ ଦେବଦାସୀ। ତଥାପି ସେ ନାରୀ। ଯୌବନର ଉଚ୍ଛ୍ୱସିତ ଆବେଗ। ଏଥିରୁ କି ମୁକ୍ତି ଅଛି? ଫୁଲର ଗନ୍ଧ ମାନେନା ପାଖୁଡ଼ାର ଅନୁଶାସନ। ଦୋଷ କାହାର? ଗନ୍ଧର ନା ପାଖୁଡ଼ାର? ଦୋଷ ତ ସେଇ ସ୍ରଷ୍ଟାର, କ'ଣ ପାଇଁ ଫୁଲ ଦେହେ ଦେଲେ ଏତେ ଗନ୍ଧ, ସୁବାସ? ଦେବଦାସୀ ମୁହଁରେ ପାପପୁଣ୍ୟର ମୀମାଂସା। ବଡ଼ପଣ୍ଡା କ୍ଷୁବ୍ଧ, ପ୍ରଭୁ ଲିଙ୍ଗରାଜ ସବୁ ଦେଖିଛନ୍ତି। ତାକୁ ପ୍ରାୟଶ୍ଚିତ କରିବାକୁ ପଡ଼ିବ। ଏ ଥିଲା ବଡ଼ପଣ୍ଡାଙ୍କର କଠୋର ଅନୁଶାସନ। ନଟବର ପ୍ରତି ସବୁ ମୋହ ତୁଟାଇବ, ଏଇ ହେବ ପୂର୍ଣ୍ଣିମା ପାଇଁ ବଡ଼ ପ୍ରାୟଶ୍ଚିତ।

ନଟବର ପ୍ରତି ପୂର୍ଣ୍ଣିମାର ଅନୁରାଗ, ସେ ଜାଣେନା ପାପ କି ପୁଣ୍ୟ, ଅନ୍ଧ ମୋହ କି ମାୟା, ତଥାପି ନଟବର ପାଇଁ ତା' ମନ ବ୍ୟାକୁଳିତ, ନୁହେଁ କାମୁକତା ଅବା ଦେହ ସୁଖ ଲାଳସା। ତା'ର ଆକର୍ଷଣ ପ୍ରଭାତର ଆଲୋକ ପରି ସତ୍ୟ, ସ୍ୱଚ୍ଛ, ପବିତ୍ର। ସୃଷ୍ଟିର ସତ୍ୟ ଆଦିମ। ନଟବରର ମୁଗ୍ଧ ଦୁଇ ଆଖି। ତା'ରି ଭିତରେ ପୂର୍ଣ୍ଣିମା ଦେଖିଛି ଜନ୍ମ ଜନ୍ମାନ୍ତର ସନ୍ଧାନ। ନଟବର ସହିତ ତା' ହୃଦୟ ଗ୍ରନ୍ଥି ଯେମିତି ଅତି ନିବିଡ଼, ଅତି ପୁରାତନ। ଦୁଇଟି ମନ, ଦି'ଟି ପ୍ରାଣର ଆବେଗ। ଶିଥିଳ କରିପାରେନା ପାପ ପୁଣ୍ୟର ବିଚାର। ସେଇଥି ପାଇଁ ଆଦାମ୍, ଇଭ୍ - ପ୍ରଥମ ପୁରୁଷ, ପ୍ରଥମ ନାରୀ। ତାଙ୍କ ଠାରୁ ମଣିଷର ସୃଷ୍ଟି। ହୃଦୟ ବନ୍ଧନ ତ ଅବିଚ୍ଛେଦ୍ୟ।

ପୂର୍ଣ୍ଣିମା ଦେବଦାସୀ। କଠିନ ବ୍ରହ୍ମଚର୍ଯ୍ୟ, ସଂଯମ। ଏଇଥିରେ ପିଷ୍ଟ ତା'ର ଆଲୋଡ଼ନ ହୀନ ଯୌବନ। ତଥାପି କ୍ଷଣେ କ୍ଷଣେ ଜାଗିଉଠେ କାମନାର କଲ୍ଲୋଳ। ପାପ ପୁଣ୍ୟ, ଧର୍ମ, ଅଧର୍ମର ବିଚାରର ଅଙ୍କୁଶ। ଦିନକ ପାଇଁ ସେ ପ୍ରଶ୍ରୟ ଦେଇନି ମନର ଦୁର୍ବଳତାକୁ। ଆଜି ଦୁରନ୍ତ, ପାଶମୁକ୍ତ ଯୌବନର ଅବସାନ। ହୃଦୟର ଏଇ ଆଦିମ ଆକର୍ଷଣ କ'ଣ ପାପ? ଏକ ଅର୍ଦ୍ଧ ସମାହିତ, ଅସମ୍ପୂର୍ଣ୍ଣ ସତ୍ୟ ଉପରେ ଅତୁଟ ଭରସା। ତା'ରି ଦ୍ୱାରା ଶାସିତ ବଡ଼ପଣ୍ଡା। ତିଳ ତିଳ କରି ହତ୍ୟା କରିପାରିବେନି ପୂର୍ଣ୍ଣିମାର ଯୌବନ। ସ୍ୱର୍ଗ ଯଦି ସତ୍ୟ, ପୃଥିବୀ ସ୍ୱର୍ଗଠୁ ଆହୁରି ବୃହତ୍ତର ସତ୍ୟ-ବାସ୍ତବ ଦେବତାର ସ୍ୱର୍ଗ, ଏଥି ପାଇଁ ମଣିଷର ପୃଥିବୀକୁ ଭୁଲିବାର ଯୁକ୍ତି କାହିଁକି? ଧୂଳିର ଏଇ ରମଣୀୟ ପୃଥିବୀ, ସମସ୍ତ ଦୁର୍ବଳତା, ପାପ, ଅନ୍ୟାୟ, ଆକର୍ଷଣ, ମୋହ, ମାୟା, ଅଶ୍ରୁ - ସବୁ ସୁନ୍ଦର, ସବୁ ରମଣୀୟ। ପୂର୍ଣ୍ଣିମା ପ୍ରତି ବଡ଼ପଣ୍ଡା କରିଛନ୍ତି ଅବିଚାର। ଅର୍ଦ୍ଧସତ୍ୟ ଏକ ଭ୍ରାନ୍ତ ଦର୍ଶନ। ଏହାରି ବଶ୍ୟତା ସ୍ୱୀକାର କରିଛନ୍ତି ଧର୍ମପ୍ରଚାରକମାନେ। କ'ଣ ପାଇଁ ପୂର୍ଣ୍ଣିମା ପୂର୍ଣ୍ଣଚ୍ଛେଦ ଟାଣିବ ତା' ପ୍ରେମରେ? ବଡ଼ପଣ୍ଡାଙ୍କ ମନ କହୁଥିଲା - ଯୌବନର ଆବେଗ ପାପ ନୁହେଁ, ତାହା ଏକ ଛନ୍ଦ, ଏକ ରାଗ। ଏଥିରେ ଅନୁରକ୍ତ ଦୁଇ ହୃଦୟର ଆକର୍ଷଣ। ତାହା ଅନ୍ୟାୟ ନୁହେଁ। ଏଇ ପଦୁଟିଏ କଥା। ବଡ଼ପଣ୍ଡାଙ୍କ ପାଟିରୁ ସ୍ଫୁରି ନ ଥିଲା। ପ୍ରଭୁ ଲିଙ୍ଗରାଜଙ୍କ ସେବାରେ ପୂର୍ଣ୍ଣିମାର ଯୌବନ ଉତ୍ସୃଷ୍ଟ। ସେ ଯୌବନର ଅବସୋସ କାହିଁ, ମଣିଷର କାମନା ଚରିତାର୍ଥ କରିବା ପାଇଁ?"

ରାତିର ସାନ୍ଦ୍ରତା। ବିନିଦ୍ର ପୂର୍ଣ୍ଣିମା। ବିଲୟମୁଖୀ ଚନ୍ଦ୍ରର ମ୍ଳାନ ଅସ୍ତରାଗ। କେଉଁ ବୃକ୍ଷ ଶାଖାରେ ନିଦ୍ରାହୀନ ପକ୍ଷୀ ଦମ୍ପତି। ଜ୍ୟୋସ୍ନାର ଆଲୋକ ତଳେ ସେମାନଙ୍କର ମୁଗ୍ଧ କଳରବ। ଗବାକ୍ଷ ନିକଟରେ ନଟବର। ପୂର୍ଣ୍ଣିମାର କଣ୍ଠରେ ଅଶ୍ରୁ, ଆନନ୍ଦ ଆଉ ଆବେଗ। ସେଦିନ ଦେଇଥିଲା ପୂର୍ଣ୍ଣିମା ସଙ୍କେତ ନଟବରକୁ। ମୁହୂର୍ତ୍ତର ଦୁର୍ବଳତା। ସେ ପାପ କରିଛି। ନଟବର ତୁମେ ଫେରି ଯାଅ - କାକୁତି ଭରା ମିନତି ପୂର୍ଣ୍ଣିମାର। ଶିଳ୍ପୀ ନଟବର। ପୂର୍ଣ୍ଣିମାର ସୌନ୍ଦର୍ଯ୍ୟରେ ବିମୁଗ୍ଧ। କ'ଣ ପାଇଁ ଆଜି ପୂର୍ଣ୍ଣିମାର ପ୍ରତ୍ୟାଖ୍ୟାନ? ପାପ କ'ଣ? ଗନ୍ଧ ଚାହେଁ ପବନ ସହ ମିଶିବାକୁ। ଛଳଗାମିନୀ ନଦୀର ସାର୍ଥକତା ସାଗର ସଙ୍ଗମରେ, ପ୍ରଭାତର ରକ୍ତିମ ଆଲୋକ ଖୋଲିଦିଏ କମଳର ଅବଗୁଣ୍ଠନ, ଆଦିମ ପ୍ରବୃତ୍ତି, ଆଦିମ ପୁରୁଷ ପାଖକୁ ପଠାଏ ଅଭିସାରର ସଙ୍କେତ। ତା' ଭିତରେ ପାପର ଛାୟା କେଉଁଠି? ନଟବରର ଏଇ ଯୁକ୍ତି ନିକଟରେ ପୂର୍ଣ୍ଣିମା ନିରବ। ଦେବତା ପ୍ରତି, ମଣିଷ ପ୍ରତି, ସତେ ଯେମିତି ପୂର୍ଣ୍ଣିମା ଭୁଲିଛି ତା' କର୍ତ୍ତବ୍ୟ, ଧର୍ମ ଭିତରେ ଭୁଲିଛି ମଣିଷ ସହ ମଣିଷର ସମ୍ବନ୍ଧ। ପାଗଳୀ ପ୍ରାୟ ପୂର୍ଣ୍ଣିମା ନଟବରର ପଶ୍ଚାତଧାବନ କରୁଛି। ଭୁଲି ଯାଇଛି ବଡ଼ପଣ୍ଡାଙ୍କ ଆକଟ, ଭୁଲି ଯାଇଛି ସେ ନୃତ୍ୟ-ଲଳନା ଦେବଦାସୀ। ବଗିଚାର ଦୂର୍ବାଦଳ ଶଯ୍ୟା। ରାତ୍ରିର ଶିଶିରରେ ହୋଇ ଉଠିଛି ଗନ୍ଧ ସ୍ନିଗ୍ଧ। ନଟବର କୋଳରେ ଦେହ ଢାଳି ଦେଇଛି ପୂର୍ଣ୍ଣିମା। ପୂର୍ବ ଆକାଶରେ ଶୁକ୍ର ତାରା ଜଳୁଛି ଦପ୍‌ଦପ। ତା'ରି ପାଂଶୁଳ ଆଲୋକ, ପୂର୍ଣ୍ଣିମାର କପାଳ ସାମାନ୍ୟ ଆଲୋକିତ। ରାତ୍ରି ଶେଷ। ପୂର୍ଣ୍ଣିମା ପ୍ରାଣରେ ଝଡ଼ର ତାଣ୍ଡବ। ଏପଟେ ମଣିଷ, ସେପଟେ ଦେବତା। କିଏ ବା ହାରିଲା? ତା' କ୍ଷୁଦ୍ରବୁଦ୍ଧି କରିପାରିନି ଆକଳନ। ତଥାପି ପାପ, ପୁଣ୍ୟର ଅନିଶ୍ଚିତତା। ପରାଜୟ ଲଭିଛି ପୂର୍ଣ୍ଣିମା। ବାରମ୍ବାର ତା' କାନରେ ପ୍ରତିଧ୍ୱନିତ ବଡ଼ପଣ୍ଡାଙ୍କ ନୀତିବାଣୀ - "ମଣିଷ ଜୀବନରେ ମୃତ୍ୟୁ ଶେଷ କଥା ନୁହେଁ ପୂର୍ଣ୍ଣିମା। ମୃତ୍ୟୁ ପରେ ଅଛି ଆଉରି ଏକ ଜୀବନ। ଯେଉଁଠି ହୁଏ ଗତ ଜୀବନର ସମାପ୍ତ, ପାପ ପୁଣ୍ୟର ବିଚାର।" କ୍ରୁଦ୍ଧ ପ୍ରଭୁ ଲିଙ୍ଗରାଜ, ହାତରେ ତ୍ରିଶୂଳ। ତା'ରି ଆଘାତରେ ପୂର୍ଣ୍ଣିମାର ଛାତି ଯେମିତି ଶତ ବିଦୀର୍ଣ୍ଣ। ସେ ଦେବଦାସୀ। ଦେହ ସୁଖ ତା' ପାଇଁ ମନା। ପୂର୍ଣ୍ଣିମା ନେଇଛି ଶେଷ ସିଦ୍ଧାନ୍ତ। ଆପଣା ହସ୍ତ ହୀରକ ମୁଦ୍ରିକା ଚୁମ୍ବନ; ଲମ୍ବ ହୋଇ ପଡ଼ିଛି ତା'ର ପ୍ରାଣହୀନ ଶରୀର। ନଟବର କୋଳରେ ତା' ଶବ। ଏଇ ଜୀବନର ଶେଷ ମିଳନ। ଯଦି ପୁନର୍ଜନ୍ମ ଥାଏ। ଆଉ ମଣିଷ ଜୀବନ ନୁହେଁ, ଲୋଡ଼ା ପଶୁପକ୍ଷୀର ଜୀବନ, ନଥିବ ଆକଟ, ସାଥୀ ସହ ସେ ଉଡୁଥିବ ମୁକ୍ତ ଆକାଶରେ। ପୂର୍ଣ୍ଣିମାର ଶେଷ କଥା ପଦକ, ବାରମ୍ବାର ପ୍ରତିଧ୍ୱନିତ ନଟବର କାନରେ। ଫେରିଲା ନଟବର। ତଳର ଦୂର୍ବାଶଯ୍ୟା, ଲୋଟି ପଡ଼ିଥିଲା ପୂର୍ଣ୍ଣିମାର ଶୀତଳ, ପାଂଶୁଳ ଦେହ।

ସେଦିନର ଘଟଣା। ମହାରାଜା ଯଯାତି, ତାଙ୍କ ସଭା ମଣ୍ଡନକାରୀ ପାତ୍ରମନ୍ତ୍ରୀଙ୍କ ସହ ବଡ଼ପଣ୍ଡା। ଠାଏ ରାଜାଙ୍କ ଆଖି ଲାଖି ରହିଲା ଯଯାତିଙ୍କର। ମନ୍ଦିର ଗାତ୍ରରେ ନର୍ତ୍ତକୀର କମନୀୟ ମୂର୍ତ୍ତି। ପ୍ରାଣହୀନ ପଥର ଦେହରେ ନର୍ତ୍ତକୀର ନୃତ୍ୟ ଚପଳ ଛନ୍ଦ। ଗଭାରେ କୁସୁମର ଜୁଡ଼ା, ମରାଳ ଗ୍ରୀବା ଢଳି ପଡ଼ିଛି ନୃତ୍ୟର ଛନ୍ଦରେ। ଦୁଇ ସୁଗୋଲ ବାହୁ ଲତା, ଉପରକୁ ଉଠି ପଡ଼ିଛି ନୃତ୍ୟର ଚପଳତାରେ। ଅନାବୃତ୍ତ ଦୁଇ କମଳ କୋରକ ବକ୍ଷ, ଲୀଳାୟିତ ଚନ୍ଦ୍ରହାର ଶୋଭିତ ସିଂହକଟୀ ରମ୍ଭା ଉରୁ, ଝୀନଚିନାଂଶୁକ ଭେଦି ଯେପରି ଫୁଟି ଉଠିଚି ବାହାରକୁ। ମଞ୍ଜୀର ଶୋଭିତ ଦୁଇ ପାଦ। ଯଯାତି ମୁଗ୍ଧ, ବିସ୍ମୟାକୁଳ। ଅଦୂରରେ ନଟବର। ଅପଲକ ଦୃଷ୍ଟି ତା'ର ନିବଦ୍ଧ ପାଷାଣ ନର୍ତ୍ତକୀ ଉପରେ। ସେଇ କମନୀୟ ମୂର୍ତ୍ତିଟି ଦେବଦାସୀ ପୂର୍ଣ୍ଣିମାର। କାମନା, ଅସଂଯମ, ପାପର ଏଇ ମୂର୍ତ୍ତି; କାହା ନିର୍ଦ୍ଦେଶରେ ନଟବର ଆଙ୍କିଚ? ପାପରୁ ଜନ୍ମ ନେଇ ପାରେନା ଏଇ ମୃତ୍ୟୁହୀନ ସୌନ୍ଦର୍ଯ୍ୟ, ମହାରାଜାଙ୍କୁ ଯାହା ମୁଗ୍ଧ କରିଛି - ନଟବରର ଏଇ ଉତ୍ତର। ସନ୍ତୁଷ୍ଟ କରିପାରିନି ମହାରାଜାଙ୍କୁ। ମୂର୍ତ୍ତିଟିର ସ୍ଥାନାନ୍ତର ପାଇଁ ବଡ଼ ପଣ୍ଡାଙ୍କୁ ନିର୍ଦ୍ଦେଶ। ମାତ୍ର ବଡ଼ପଣ୍ଡା ସମ୍ମତ ନ ଥିଲେ ଏ ପ୍ରସ୍ତାବରେ।

ଚିର ସୁନ୍ଦର, ଚିର ଆନନ୍ଦମୟ ଦେବତାଙ୍କ ପୂଜୋପାସନା ମନ୍ଦିରରେ। ତାଙ୍କରି ମୃତ୍ୟୁହୀନ ସୌନ୍ଦର୍ଯ୍ୟ ଆଉ ଆନନ୍ଦର ରୂପ। ତାହା ଆତ୍ମପ୍ରକାଶ କରିଛି ପାଷାଣ ନର୍ତ୍ତକୀ ଅଙ୍ଗେ ଅଙ୍ଗେ। ଧର୍ମ, ସଂଯମ, ଦେବତା- ଏହାରି ମଧ୍ୟରେ ମଣିଷ ସମାଜ ଭୁଲି ଯାଇଚି - ମାଟିର ଏଇ ପୃଥିବୀ, ଏହାର କୋଟି ନରନାରୀ। ସେମାନଙ୍କର ଦୁଃଖ, ଆନନ୍ଦ - ଏଇ ନାରୀ ମୂର୍ତ୍ତି ଶିକ୍ଷା ଦିଏ ଧର୍ମାନ୍ଧ ସମାଜକୁ। ବଞ୍ଚିବା ପାପ ନୁହେଁ, ସ୍ରଷ୍ଟାର ଅନନ୍ତ ସୌନ୍ଦର୍ଯ୍ୟ, ଅମଳିନ ଆନନ୍ଦ - ସ୍ଥାନିତ ମରଣଶୀଳ ନାରୀ ଦେହରେ। ପ୍ରକୃତି, ପୁରୁଷର ଅମଳିନ ଆକର୍ଷଣ, ଜନ୍ମ ନେଇଚି ଅଗଣିତ ସୌନ୍ଦର୍ଯ୍ୟ। ଆକର୍ଷଣ ହୃଦୟର ଆଦିମ ସ୍ପନ୍ଦନ; ତାହା ପାପ ନୁହେଁ। ଏଇ ନାରୀ ମୂର୍ତ୍ତି, ଅପରୂପା, ଲାବଣ୍ୟମୟୀ, ପାଷାଣରେ ବି ତା' ଅଙ୍ଗ ଭଙ୍ଗିମା-ମୋହ, ଦେବତା ନୁହେଁ ଏଇ ମୂର୍ତ୍ତି, ନୃତ୍ୟ-ଲଳନା ଦେବଦାସୀ ପୂର୍ଣ୍ଣିମାର ମୂର୍ତ୍ତି। ଅମର କରିବ ରାଜାରାଜୁଡ଼ାଙ୍କୁ, କାଳ କାଳକୁ। ଯଯାତି ଭାବ ବିହ୍ୱଳ, ପାଷାଣ ମୂର୍ତ୍ତିର ମଦଭରା ଦୁଇ ଆଖି, ଝଲସୁଥିଲା ଦେବତା ଆଉ ମଣିଷର ଦ୍ୱନ୍ଦ୍ୱ।

ଉତ୍କର୍ଷ କଳାର ଦେଶ ଉତ୍କଳ। ମନ୍ଦିର ମାଳିନୀ ଭୁବନେଶ୍ୱର, କୀର୍ତ୍ତି କିରୀଟିନୀ କୋଣାର୍କ, ପ୍ରାଚୁର୍ଯ୍ୟମୟ ଶ୍ରୀମନ୍ଦିର ଅବା ଅନ୍ୟାନ୍ୟ ମନ୍ଦିର ଗାତ୍ରରେ ନୃତ୍ୟଲଳନା ଦେବଦାସୀଙ୍କ ଛବି। ମୁଗ୍ଧବିହ୍ୱଳ ଶିଳ୍ପୀ ନଟବର କିମ୍ବା ବିଶୁ ମହାରଣା, ତାଙ୍କ ସାଥୀ ବାରଶ' ବଢ଼େଇ - ପାଷାଣ ଗାତ୍ରରେ ଆଙ୍କି ଦେଇଛନ୍ତି ଦେବଦାସୀ ପୂର୍ଣ୍ଣିମା ଅବା ଆଉ କେଉଁ ନୃତ୍ୟ-ଲଳନାଙ୍କ ଛବି। ମନ୍ଦିରର ପାଷାଣ ଗାତ୍ର ହୋଇ ଯାଇଛି ରସ-ସିକ୍ତ। ପ୍ରେମ ନାହିଁ ତ କଳା କାହିଁ? ପ୍ରେମିକ-ଶିଳ୍ପୀ ବିନା କାଳଜୟୀ କଳା କି ସମ୍ଭବ?

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିକା
ଖେଳ
ଭୁବନେଶ୍ୱର, ୧୧ ନଭେମ୍ବର, ସୋମବାର, ୨୦୨୪


# ଚାମ୍ପିଅନ୍ସ ଟ୍ରଫି ପାଇଁ ବିସିସିଆଇକୁ କୋର୍ଟକୁ ଟାଣିପାରେ ପାକିସ୍ତାନ




**ନୂଆଦିଲ୍ଲୀ**

ଆଇସିସି ଚାମ୍ପିଅନ୍ସ ଟ୍ରଫି ଖେଳିବା ପାଇଁ ଭାରତ ପାକିସ୍ତାନ ଯିବ ନାହିଁ ବୋଲି ସ୍ପଷ୍ଟ କରିଥିବା ଅନେକ ଜାତୀୟ ଗଣମାଧ୍ୟମ ରିପୋର୍ଟରୁ ପ୍ରକାଶ। ବିସିସିଆଇର ଏତାଦୃଶ୍ୟରେ ଖପ୍ପା ପାକିସ୍ତାନ ଏବେ କୋର୍ଟର ଦ୍ୱାରସ୍ଥ ହୋଇପାରେ। ପିସିବି ଚାମ୍ପିଅନ୍ସ ଟ୍ରଫିକୁ ନେଇ ବିସିସିଆଇ ବିରୋଧରେ କୋର୍ଟ ଅଫ ଅର୍ବିଟ୍ରେସନ ଫର ସ୍ପୋର୍ଟ୍ସରେ କେସ୍ ରୁଜୁ କରାଇବା ନେଇ ବିଚାର କରୁଛି।

ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଆୟୋଜନ ଅଧିକାର ପାକିସ୍ତାନ ପାଖରେ ରହିଛି। ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ଜୋରଦାର କରିଛି। ତେବେ ଏ ପର୍ଯ୍ୟନ୍ତ ଏହା ସ୍ପଷ୍ଟ ହୋଇ ନାହିଁ ଯେ, ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ପାକିସ୍ତାନ ଯିବ କି ନାହିଁ? କିନ୍ତୁ ଜାତୀୟ ଗଣମାଧ୍ୟମର ଖବର ଅନୁସାରେ ରାଜନୈତିକ ବିବାଦ କାରଣରୁ ଭାରତ ପାକିସ୍ତାନରେ କ୍ରିକେଟ ଖେଳିବାକୁ ମନା କରିଦେଇଛି। ଭାରତ ସୁରକ୍ଷାକୁ ବଡ଼ ପ୍ରସଙ୍ଗ କରିଛି। ବିସିସିଆଇ ନିଜର ନିଷ୍ପତ୍ତି ଆଇସିସିକୁ ଅବଗତ କରାଇ ଦେଇଥିବା ପିଟିଆଇ ରିପୋର୍ଟରୁ ପ୍ରକାଶ। ଭାରତ ନିଜର ସମସ୍ତ ମ୍ୟାଚ୍ ହାଇବ୍ରିଡ୍ ମୋଡେଲ ଆଧାରରେ ଖେଳିପାରେ ବୋଲି କୁହାଯାଉଛି। କିନ୍ତୁ ପାକିସ୍ତାନ ଏଥିରେ ଖୁସି ନାହିଁ, କାରଣ ଗତ ବର୍ଷ ନଭେମ୍ବରରେ ପାକିସ୍ତାନ ଦଳ ଦିନିକିଆ ବିଶ୍ୱକପ ୨୦୨୩ ଖେଳିବା ପାଇଁ ଭାରତ ଗସ୍ତ କରିଥିଲା। ତେଣୁ ଭାରତ ମଧ୍ୟ ପାକିସ୍ତାନ ଗସ୍ତ କରୁ ବୋଲି ପିସିବି ଚାହୁଁଛି। ପିସିବି ଚେୟାରମ୍ୟାନ କହିଛନ୍ତି, ବିସିସିଆଇ ପକ୍ଷରୁ ସେମାନଙ୍କୁ ଏ ପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ। ସେପଟେ ଏନଡିଟିଭିର ରିପୋର୍ଟ ଅନୁଯାୟୀ, ପାକିସ୍ତାନ ବିସିସିଆଇ ବିରୋଧରେ କ୍ରୀଡ଼ା କୋର୍ଟର ଦ୍ୱାରସ୍ଥ ହୋଇପାରେ। ଭାରତ ଓ ପାକିସ୍ତାନ ମଧ୍ୟରେ ଗତ ଏକ ଦଶନ୍ଧିରୁ କୌଣସି ଦ୍ୱିପାକ୍ଷିକ ସିରିଜ ଖେଳା ଯାଇ ନାହିଁ। ମାତ୍ର ପାକିସ୍ତାନ ଦଳ ୨୦୧୨ରେ ଦ୍ୱିପାକ୍ଷିକ ସିରିଜ ଖେଳିବା ପରେ ଦୁଇ ଥର ଭାରତ ଗସ୍ତ କରି ସାରିଛି। ୨୦୧୬ ଟି-୨୦ ବିଶ୍ୱକପ ଓ ୨୦୨୩ ଦିନିକିଆ ବିଶ୍ୱକପ ଖେଳିବା ପାଇଁ ଦଳ ଭାରତ ଗସ୍ତ କରିଛି।

# ଭାରତକୁ ୩ ୱିକେଟ୍‌ରେ ହରାଇଲା ଦକ୍ଷିଣ ଆଫ୍ରିକା

**କେବରା**

କେବରାର ସେଣ୍ଟ ଜର୍ଜ ପାର୍କରେ ଖେଳାଯାଉଥିବା ଭାରତ-ଦକ୍ଷିଣ ଆଫ୍ରିକା ୨ୟ ଟି-୨୦ରେ ଭାରତକୁ ୩ ୱିକେଟରେ ପରାସ୍ତ କରିଛି ଦକ୍ଷିଣ ଆଫ୍ରିକା। ଏହା ସହିତ ସିରିଜ ୧-୧ରେ ବରାବର ହୋଇଯାଇଛି। ଭାରତ ଦ୍ୱାରା ରଖାଯାଇଥିବା ୧୨୫ ରନର ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ୧୯ ଓଭରରେ ୭ ୱିକେଟ ହରାଇ ୧୨୮ କରି ହାସଲ କରିନେଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଟ୍ରିଷ୍ଟାନ ଷ୍ଟବ୍ସ ଅପରାଜିତ ୪୭ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ରିଜା ହେଣ୍ଡରିକ୍ସ ୨୪ ରନ ଓ ଗେରାଲ୍ଡ କୋଟଜି ୧୯ ରନ କରିଥିଲେ। ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତି ୫ ୱିକେଟ ନେଇଥିଲେ।

ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଆରମ୍ଭରୁ ହିଁ ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ଖାତା ଖୋଲିବା ପୂର୍ବରୁ ଗତ ମ୍ୟାଚ୍‌ର ଶତକ ହାସଲକାରୀ ସଞ୍ଜୁ ସାମସନ(୦) ଆଉଟ ହୋଇଥିଲେ। ଅଭିଷେକ ଶର୍ମା(୪) ପୁଣି ଥରେ ନିରାଶ କରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ(୪) କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ୧୫ ରନରେ ୩ ୱିକେଟ ହରାଇ ମୁସ୍କିଲରେ ଥିବା ଭାରତ ଇନିଂସକୁ କିଛି ସମୟ ତିଳକ ବର୍ମା ଓ ଅକ୍ଷର ପଟେଲ ସମ୍ଭାଳିଥିଲେ। ଦୁଇ ବ୍ୟାଟର ଚତୁର୍ଥ ୱିକେଟ ପାଇଁ ୩୦ ରନ



ଯୋଡ଼ିଥିଲେ। ଏହା ପରେ ଭାରତ ପୁଣି ନିୟମିତ ୱିକେଟ୍ ହରାଇଥିଲା। ତିଳକ ବର୍ମା ୨୦ ରନ କରିଥିଲେ ହେଁ ପୁଣି ଥରେ ବଡ଼ ଇନିଂସ ଖେଳିବାରେ ବିଫଳ ହୋଇଥିଲେ।

ଅକ୍ଷର ପଟେଲ ଭଲ ବ୍ୟାଟିଂ କରି ୨୧ ବଲରୁ ୨୭ ରନ କରିଥିଲେ। ନିମ୍ନକ୍ରମରେ ହାର୍ଦ୍ଦିକ ପାଣ୍ଡ୍ୟା ଦଳର ଇନିଂସ ସମ୍ଭାଳିଥିଲେ। ରିଙ୍କୁ ସିଂ(୯) ପୁଣି ବିଫଳ ହୋଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୩୯ ରନ କରି ଅପରାଜିତ ଥିଲେ। ଦକ୍ଷିଣ ଆଫ୍ରିକା ବୋଲର ମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମାପଚୁପ ବୋଲିଂ କରି ଭାରତୀୟ ବ୍ୟାଟରମାନଙ୍କୁ ହାତ ଖୋଲିବାକୁ ସୁଯୋଗ ଦେଇ ନ ଥିଲେ। ଶେଷରେ ଭାରତ ୬ ୱିକେଟ ହରାଇ ୧୨୪ ରନ କରି ପାରିଥିଲା। ଅର୍ଶଦୀପ ସିଂ ୭ ରନ କରି କ୍ରିଜ୍‌ରେ ଥିଲେ।

ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ଜାନସେନ, ଗେରାଲ୍ଡ କୋଟଜି, ଆଣ୍ଡିଲ ସିମେଲେନ, ଆଇଡେନ ମାର୍କରାମ ଓ କାବାୟୋମଜି ପିଟର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

# ୨୨ ବର୍ଷ ପରେ ଅଷ୍ଟ୍ରେଲିଆରେ ଦିନିକିଆ ସିରିଜ୍ ଜିତିଲା ପାକିସ୍ତାନ

**ପର୍ଥ**

ଦ୍ରୁତ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ପାକିସ୍ତାନ ଅଷ୍ଟ୍ରେଲିଆରେ ଇତିହାସ ରଚିଛି। ନସୀମ ଶାହ ଓ ଶାହୀନ ଶାହ ଆଫ୍ରିଦିଙ୍କ ଘାତକ ବୋଲିଂ ବଳରେ ପାକିସ୍ତାନ ପର୍ଥରେ ଖେଳା ଯାଇଥିବା ତୃତୀୟ ଦିନିକିଆରେ ଅଷ୍ଟ୍ରେଲିଆକୁ ୮ ୱିକେଟ୍‌ରେ ହରାଇଛି। ଏଥିସହ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ରେ ଜିତି ନେଇଛି। ଅଷ୍ଟ୍ରେଲିଆ ମାଟିରେ ୨୨ ବର୍ଷ ପରେ ପାକିସ୍ତାନ ଦିନିକିଆ ସିରିଜ୍ ଜିତିପାରିଛି।

ତୃତୀୟ ତଥା ନିର୍ଣ୍ଣାୟକ ମୁକାବିଲାରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୩୧.୫ ଓଭରରେ ମାତ୍ର ୧୪୦ ରନ୍‌ରେ ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ ସିନ ଆବଟ ସର୍ବାଧିକ ୩୦ ରନ ଓ ମାଥ୍ୟୁ ସର୍ଟ ୨୨ ରନ କରିଥିଲେ। ପାକିସ୍ତାନର ନସୀମ ଶାହ ଓ ଶାହୀନ ଶାହ ଆଫ୍ରିଦି ପ୍ରତ୍ୟେକ ତିନୋଟି ଲେଖାଏଁ ୱିକେଟ ନେଇଥିଲେ।




ଏହା ପରେ ପାକିସ୍ତାନ ୨୬.୫ ଓଭରରେ ୨ ୱିକେଟ ହରାଇ ଲକ୍ଷ୍ୟ ପିଛା କରିଥିଲା। ସାମ ଆୟୁବ ୪୨ ରନ, ଅବଦୁଲ୍ଲା ଶଫିକ ୩୭ ରନ, ବାବର ଆଜମ ଅପରାଜିତ ୨୮ ଓ ମହମ୍ମଦ ରିଜୱାନ ଅପରାଜିତ ୩୦ ରନ କରିଥିଲେ।

ପାକିସ୍ତାନ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଆଉ ଅଧିନାୟକ ମହମ୍ମଦ ରିଜୱାନଙ୍କ ଏହି ନିଷ୍ପତ୍ତି ସଠିକ ସାବ୍ୟସ୍ତ ହୋଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଓପନ କରିଥିବା ଜ୍ୟାକ୍ ଫ୍ରେଜର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ସେ ୯ ବଲ୍‌ରୁ ୭ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ତିନି ନମ୍ବରରେ ଆସିଥିବା ଆରୋନ ହାର୍ଡି ଅଧିକ ସମୟ କ୍ରିଜରେ ତିଷ୍ଠି ପାରି ନ ଥିଲେ। ହାର୍ଡି ୧୩ ବଲ୍‌ରେ ୨ ଚୌକା ସହ ୧୨ ରନ କରି ପାଭିଲିୟନ ଫେରିଥିଲେ। ୩୬ ରନରେ ୨ ୱିକେଟ ହରାଇବା ପରେ ଅଷ୍ଟ୍ରେଲିଆକୁ ଅଧିନାୟକ ଜୋସ୍ ଇଂଗିଲ୍ସଙ୍କଠୁ ବହୁତ ଆଶା ରହିଥିଲା। ମାତ୍ର ସେ ପୁଣି ଥରେ ନିରାଶ କରିଛନ୍ତି। ଇଂଗିଲ୍ସ ୧୯ ବଲ୍‌ରୁ କେବଳ ୭ ରନ କରି ଆଉଟ୍ ହୋଇଥିଲେ। ନସୀମ ଶାହ ତାଙ୍କୁ ପାଭିଲିୟନର ରାସ୍ତା ଦେଖାଇ ଥିଲେ। ଏହାପରେ କ୍ରିଜ୍‌ରେ ଜମି ଆସିଥିବା ମାଥ୍ୟୁ ସର୍ଟଙ୍କୁ ହାରିସ ରଉଫ ଆଉଟ କରିଥିଲେ। ସେ ୩୦ ବଲ୍‌ରୁ ୨୨ ରନ କରି ଆଉଟ୍ ହୋଇଥିଲେ।

ଟପ୍ ଅର୍ଡର ସଂପୂର୍ଣ୍ଣ ବିଫଳ ହେବା ପରେ ଶେଷ ଆଶା ମାର୍କସ ଷ୍ଟୋଇନିସ ଓ ଗ୍ଲେନ ମ୍ୟାକ୍ସୱେଲଙ୍କଠୁ ରହିଥିଲା। ମାତ୍ର ପାକିସ୍ତାନ ବୋଲରଙ୍କ ସାମ୍ନାରେ ଏହି ଦୁଇ ବ୍ୟାଟର ବି ହାତ ଟେକି ଦେଇଥିଲେ। ଷ୍ଟୋଇନିସ ୨୫ ବଲରୁ ୮ ରନ ଓ ମ୍ୟାକ୍ସୱେଲ ଖାତା ଖୋଲି ପାରି ନ ଥିଲେ।

ଅଷ୍ଟ୍ରେଲିଆ ପାଇଁ ସିନ ଆବଟ ସର୍ବାଧିକ ୩୦ ରନ କରିଥିଲେ। ନିମ୍ନକ୍ରମରେ ଆଡମ ଜାମ୍ପା ୧୩ ରନ ଓ ସ୍ପେନସର ଜନସନ ଅପରାଜିତ ୧୨ ରନ କରିଥିଲେ। ଏହି ସିରିଜ୍‌ରେ କୌଣସି ବି ଜଣେ ହେଲେ ଅଷ୍ଟ୍ରେଲିଆ ବ୍ୟାଟର ଅର୍ଦ୍ଧଶତକ ହାସଲ କରି ପାରି ନାହାନ୍ତି।

# ଖୋର୍ଦ୍ଧାରେ ଯୁବରାଜ ସିଂ କ୍ରିକେଟ ଏକାଡ଼େମୀ ଖେଳାଳି ଚୟନ



**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ବିଜେବି ହାଇସ୍କୁଲ ମିନି ଷ୍ଟାଡ଼ିୟମରେ ପୂର୍ବାଞ୍ଚଳ ପାଇଁ ଯୁବରାଜ ସିଂ କ୍ରିକେଟ ଏକାଡ଼େମୀ ପାଇଁ କ୍ରିକେଟ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଚୟନ ଶିବିରରେ ୬ ବର୍ଷରୁ ୨୦ ବର୍ଷର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ କ୍ରିକେଟିୟର ଓଡ଼ିଶା ଏବଂ ରାଜ୍ୟ ବାହାର ପ୍ରଦେଶରୁ ଭାଗ ନେଇଥିଲେ। ପଞ୍ଜାବର ପ୍ରଶିକ୍ଷକ ବିଶାଲ ଭାଟିଆ ବେଙ୍ଗଲର ପ୍ରଶିକ୍ଷକ ସତିନ୍ଦର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ ସିଲିଗୁଡ଼ି, ପାଟନା ଓ କଲିକତାରେ ଚୟନ ଶିବିର ଅନୁଷ୍ଠିତ ହୋଇ ଖେଳାଳି ମାନଙ୍କୁ ମୁଖ୍ୟ ଏକାଡେମୀ ପାଇଁ ମନୋନୟନ କରାଯିବ। ଏହି ଚୟନ ଶିବିରକୁ ମର୍ଲିନ ରାଇଜ ସ୍ପୋର୍ଟସ କଲିକତା ପରିଚାଳନା କରିଥିବା ବେଳେ ଜିଲ୍ଲା କ୍ରିକେଟ ଆସୋସିଏସନ୍, ଖୋର୍ଦ୍ଧାର କର୍ମକର୍ତ୍ତା ମାନେ ଏହି ଶିବିରର ପରିଚାଳନାରେ ସହାୟତା କରିଥିଲେ। ଆସୋସିଏସନର ସଭାପତି ରାଜେନ୍ଦ୍ର କୁମାର ସାହୁ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନଙ୍କ ଏହି ପ୍ରୟାସ ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଖେଳାଳି ଏହି ଶିବିରରେ ଯୋଗ ଦେଇ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ଏହି ଶିବିର ଆୟୋଜନ ପାଇଁ କ୍ରୀଡ଼ାପ୍ରେମୀ ମହଲରେ ଆନନ୍ଦ ପରିଲକ୍ଷିତ ହୋଇଛି।

## ଖୋର୍ଦ୍ଧା ଜିଲ୍ଲା ଇଣ୍ଟ୍ରା କ୍ଲବ କ୍ରିକେଟ

# ରାଇଜିଂଷ୍ଟାର କ୍ରିକେଟ କ୍ଲବ୍ ବିପୁଳ ବିଜୟ ସହ ଫାଇନାଲରେ



**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

କ୍ରିକେଟ ଆସୋସିଏସନ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଜିଲ୍ଲା ଆନୁକୂଲ୍ୟରେ ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖୋର୍ଦ୍ଧା ବିଜେବି ହାଇସ୍କୁଲ ମିନି ଷ୍ଟାଡ଼ିୟମରେ ଷଷ୍ଠ ଦିବସରେ ରାଇଜିଂ ଷ୍ଟାର କ୍ରିକେଟ୍ କ୍ଲବ୍ ଇଗଲ କ୍ରିକେଟ କ୍ଲବ୍‌କୁ ୧୧୨ ରନରେ ପରାସ୍ତ କରି ଏକ ବିଶାଳ ବିଜୟ ହାସଲ କରିବାସହ ଫାଇନାଲରେ ପ୍ରବେଶ କରିଛି। ରାଇଜିଂଷ୍ଟାର କ୍ଲବ୍ ଟସ୍ ଜିତି ପ୍ରଥମେ ବ୍ୟାଟିଙ୍ଗ କରି ୪୦ ଓଭରରେ ସମସ୍ତ ୧୦ଟି ୱିକେଟ ହରାଇ ୨୦୫ ରନ କରିଥିଲା। ଦଳ ପକ୍ଷରୁ ସୌର୍ଯ୍ୟନ ପଟ୍ଟନାୟକ ସର୍ବାଧିକ ୬୯ ରନ, ରଂଜିତ ପାଇକରାୟ ୪୨ ରନ ଓ ସରୋଜ ପାତ୍ର ୪୦ ରନ କରିଥିଲେ। ଇଗଲ କ୍ରିକେଟ କ୍ଲବ ପକ୍ଷରୁ ଓମ୍ ନାରାୟଣ ଓ ସନ୍ଦୀପ ଚୌହାନ ପ୍ରତ୍ୟେକ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଇଗଲ କ୍ରିକେଟ କ୍ଲବ ରାଇଜିଂଷ୍ଟାର କ୍ଲବ୍‌ର ବୋଲର ତୀର୍ଥଙ୍କର ସାହୁ (୪ ୱିକେଟ) ଓ ଅଭିଜିତ ମହାନ୍ତି (୪ ୱିକେଟ)ଙ୍କ ବୋଲିଂର ସମ୍ମୁଖୀନ ହୋଇନପାରି ୨୨ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୯୩ ରନ କରିଥିଲା। ଇଗଲ କ୍ରିକେଟ କ୍ଲବ ତରଫରୁ ଧରଣୀଧର ସ୍ୱାଇଁ ୨୨ ରନ ଓ ସନ୍ଦୀପ ଚୌହାନ ୨୧ ରନ କରିଥିଲେ। ଏହି ମ୍ୟାଚ୍‌କୁ ପ୍ରିତିରଞ୍ଜନ ବିଜୟସିଂ ଓ ଚନ୍ଦ୍ର ମୋହନ ବାରାଲ ପରିଚାଳନା କରିଥିବାବେଳେ ସୁଶିଲ କୁମାର ସୁନ୍ଦରାୟ ସ୍କୋରର ଭୂମିକା ଗ୍ରହଣ କରିଥିଲେ। ମ୍ୟାଚ୍ ରେଫରି ଭାବେ ରୋହିତ ରଞ୍ଜନ ରାୟ ଓ ସଂଯୋଜକ ଭାବେ ସୁକାନ୍ତ ଦାସ ଦାୟିତ୍ୱରେ ଥିଲେ। ସୋମବାର ଦିନ କେଟି ଗ୍ଲୋବାଲ ଓ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଚଣ୍ଡୀ ପ୍ରାସାଦ ଆଚାର୍ଯ୍ୟ ଜଣାଇଛନ୍ତି।

## ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ ମହାବିଦ୍ୟାଳୟ ଫୁଟ୍‌ବଲ୍

# କୁଞ୍ଜବିହାରୀ ମହାବିଦ୍ୟାଳୟ ବିଜେତା

**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ଉତ୍କଳ ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଷ୍ଟାଡ଼ିଅମ୍ ଠାରେ ଚାଲିଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ପୁରୁଷ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚ୍‌ରେ କୁଞ୍ଜବିହାରୀ ମହାବିଦ୍ୟାଳୟ ଭୁବନେଶ୍ୱର ଶାରୀରିକ ଶିକ୍ଷା ମହାବିଦ୍ୟାଳୟକୁ ୩-୨ ଗୋଲରେ ପରାସ୍ତ କରି ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଉଦ୍‌ଯାପନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ନିର୍ଦ୍ଦେଶକ ଡ. ବିଜୟ କୁମାର ସୁନ୍ଦରାୟ, ଡ. ପ୍ରବୀର ମହାନ୍ତି, ଜି.ସି.ପି.ଇ ଅଧ୍ୟକ୍ଷା ସଂଗୀତା ଟପ୍ପୋ, ଚତୁର୍ଭୁଜ ଜେନା, ପ୍ରଶାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ୫ ଦିନ ଧରି ବିଭିନ୍ନ ମହାବିଦ୍ୟାଳୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରାୟ ୬୫ଟି ଦଳ ଭାଗ ନେଇଥିଲେ। ଏହି ଖେଳକୁ ଡ. ବେଣୁଧର ଦାସ, ପ୍ରଦୀପ ସାମନ୍ତସିଂହାର, ଜିତେନ୍ଦ୍ର ସାମନ୍ତସିଂହାର ଓ ସୁଶାନ୍ତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।




# ଜିଲ୍ଲା ଅଦାଲତ ନବରଙ୍ଗପୁର ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା

**ନବରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଉଚ୍ଚ ନ୍ୟାୟାଳୟ କଟକଙ୍କ ଆଦେଶକ୍ରମେ ନୂତନ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆସନ୍ତା ଶିଶୁ ଦିବସ-୨୦୨୪କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଦିବ୍ୟାଙ୍ଗ ପିଲାଙ୍କ ଅଧିକାର ବିଷୟକୁ ନେଇ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଜର୍ଜ ସୁବ୍ରତ ମହାନ୍ତି ଯୋଗଦାନ କରିଥିଲେ ଅନ୍ୟାନ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଜର୍ଜ ବିଷ୍ଣୁ ପ୍ରସାଦ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୀମା ତ୍ରିପାଠୀ, ରେଜିଷ୍ଟ୍ରାର ଜିଲ୍ଲାକୋର୍ଟ ସୁକାନ୍ତ କିଶୋର ଜେନା, ବରିଷ୍ଠ ଦେବାନୀ ଜର୍ଜ, ନବରଙ୍ଗପୁର





(ମହିଳା କୋର୍ଟ) ସୁଦୀପା ପାତ୍ର, ବିଚାର ବିଭାଗୀୟ ଦଣ୍ଡାଧିକାରୀ ପ୍ରଜ୍ଞା ପଣ୍ଡା, ଆଇନଜୀବୀ ସଂଘର ସଭାପତି ନରସିଂହନାଥ ତ୍ରିପାଠୀ ଯୋଗଦାନ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରତିଯୋଗୀଙ୍କୁ ଟ୍ରଫି ଏବଂ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ କେନ୍ଦ୍ରୀୟ ବିଦ୍ୟାଳୟର ନରେଶ ବିଶୋଇ ପ୍ରଥମ, ବାପୁଜୀ ପବ୍ଲିକ୍ ସ୍କୁଲର ସାନଭି ପ୍ରଜ୍ଞା ସାହୁ ଦ୍ୱିତୀୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ, ନବରଙ୍ଗପୁରର ଇଭା ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ଅଦାଲତ ନବରଙ୍ଗପୁର ଦ୍ୱାରା ପରିଚାଳନା କରାଯାଇଥିଲା।

# ରୂପାନ୍ତରୀକରଣ ବିଦ୍ୟାଳୟରେ ଡ଼ିଜିଟାଲ୍ ଶିକ୍ଷା ବାଟବଣା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଗୁଣାତ୍ମକ ଶିକ୍ଷା, ଶୈକ୍ଷିକ ବାତାବରଣ ପାଇଁ ଭିତ୍ତିଭୂମିର ବିକାଶ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟାଳୟଗୁଡ଼ିକୁ ୫-ଟି ମାଧ୍ୟମରେ ରୂପାନ୍ତରୀକରଣ କରାଯାଇ ଥିଲା। ଏବାବଦରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବିଦ୍ୟାଳୟର ରୂପରେଖକୁ ପରିବର୍ତ୍ତନ କରାଯାଇଥିଲା। ବିଦ୍ୟାର୍ଥୀଙ୍କୁ ଡିଜିଟାଲ୍ ମାଧ୍ୟମରେ ଶିକ୍ଷାଦାନ କରିବାକୁ ଲକ୍ଷାଧିକ ଟଙ୍କା ସାମଗ୍ରୀ ଉପଲବ୍ଧ ରହିଥିବା ବେଳେ ସମ୍ପ୍ରତି ଅଧିକାଂଶ ବିଦ୍ୟାଳୟରେ ଏହି ସାମଗ୍ରୀଗୁଡ଼ିକ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଫଳରେ ସରକାର ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଏହା କରିଥିଲେ ତାହା ବାଟବଣା ହୋଇଯାଇଥିବା ବହୁ ଶିକ୍ଷାବିତ୍ ଅଭିଯୋଗ କରିଛନ୍ତି। ସହରରେ ୨୧ଟି ସରକାରୀ ଉଚ୍ଚବିଦ୍ୟାଳୟରୁ ୧୯ଟି ବିଦ୍ୟାଳୟକୁ ୫-ଟି ଅଧୀନରେ ରୂପାନ୍ତରୀ-କରଣ କରାଯାଇଛି। ୪ଟି ପର୍ଯ୍ୟାୟରେ ଅନୁଦାନ ଆସିବା ପରେ ରୂପାନ୍ତରୀକରଣ କାର୍ଯ୍ୟ କରାଯାଇଥିବା ବେଳେ ଦୁଇଟି ବିଦ୍ୟାଳୟର କାମ ହୋଇପାରିନାହିଁ। ରୂପାନ୍ତରୀକରଣ ହୋଇଥିବା ବିଦ୍ୟାଳୟ ମାନଙ୍କରେ ସ୍ମାର୍ଟ କ୍ଲାସ୍‌ରୁମ୍ ଠାରୁ ଆରମ୍ଭ କରି ଆଧୁନିକ



ଗ୍ରନ୍ଥାଗାର ସହ ବିଜ୍ଞାନଗାର ସ୍ଥାପନ କରାଯାଇଛି। ଅତ୍ୟାଧୁନିକ ବୈଦ୍ୟୁତିକ ଉପକରଣ ସ୍ଥାପନ କରା ଯାଇଛି। ଏଗୁଡ଼ିକର ପରିଚାଳନା ପାଇଁ ସୌରଶକ୍ତି ବ୍ୟବହାର କରିବାକୁ କୁହାଯାଇ ଥିଲା। ତେବେ ସହରରେ ହାତଗଣତି କିଛି ବିଦ୍ୟାଳୟକୁ ଛାଡ଼ି ଦେଲେ ଅଧିକାଂଶ ବିଦ୍ୟାଳୟରେ ସୌରଶକ୍ତି ବ୍ୟବସ୍ଥା ନାହିଁ। ବିଦ୍ୟାଳୟ ପରିସରରେ ସ୍ଥାପନ ହୋଇଥିବା ଫାଟକ ଠାରୁ ଆରମ୍ଭ କରି ଛାତ ଗୁଡ଼ିକର ପଲସ୍ତରା ମଧ୍ୟ ଖସିବାକୁ ବସିଲାଣି। ଶୌଚାଳୟଗୁଡ଼ିକର ସାମଗ୍ରୀ ନଷ୍ଟ ହେବା ଅବସ୍ଥାରେ। ନବୀକରଣ ସମ୍ବଳକୁ ଦୃଷ୍ଟିରେ ରଖି ସୌରଶକ୍ତି ବ୍ୟବହାରକୁ ଆହ୍ୱାନ ଦିଆଯାଇଥିଲା। ଅଧିକାଂଶ ବିଦ୍ୟାଳୟର ବଜ୍ରପାତ ନିରୋଧ ବ୍ୟବସ୍ଥା ନଥିବା ବେଳେ ଯେଉଁଠ ଅଛି ତା'ର ସ୍ଥିତି ଅତ୍ୟନ୍ତ ଦୁର୍ବଳ। ଫଳରେ ମୂଲ୍ୟବାନ ବିଦ୍ୟୁତ୍ ଉପକରଣଗୁଡ଼ିକ ଉପରେ ପ୍ରଭାବ ପଡ଼ିବା ସମ୍ଭାବନା ରହିଛି। ବିଭିନ୍ନ ସମୟରେ ବିଦ୍ୟୁତ୍ ବିଚ୍ଛିନ୍ନ ହେଲେ ଡ଼ିଜିଟାଲ୍ ଶିକ୍ଷା ବ୍ୟବସ୍ଥା ବନ୍ଦ ହୋଇଯାଉଛି। ଏଭଳି ସ୍ଥିତି ରହିଥିବା କିଛି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ଯୋଗାଯୋଗ କରିବାରେ ଯୋଜନାରେ ଟଙ୍କା ବିଦ୍ୟାର୍ଥୀଙ୍କ ଉପସ୍ଥାନ ବଢ଼ାଇବା ଦିଗରେ ଖର୍ଚ୍ଚ କରାଯାଉଛି। ସମସ୍ୟା ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ କହିଛନ୍ତି ଦୁର୍ବଳ ଥିବା ଭିତ୍ତିଭୂମିକୁ ଚିହ୍ନଟ କରି ବିକଳ୍ପ ବ୍ୟବସ୍ଥା କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

## ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ

# ନିଜ ଘରୁ ଆରମ୍ଭ ହେଉ ତମାଖୁ ମୁକ୍ତ ଅଭିଯାନ : ଜିଲ୍ଲାପାଳ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ତମାଖୁ ମୁକ୍ତ ଭଦ୍ରକର ସ୍ୱପ୍ନ ଦେଖିବା ଏବଂ ପୂରଣ କରିବାକୁ ହେଲେ ପ୍ରଥମେ ନିଜ ଘରୁ ଅର୍ଥାତ୍ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପାଦିତ କରୁଥିବା ସ୍ୱାସ୍ଥ୍ୟ ବିଭାଗ, ପ୍ରଶାସନିକ କାର୍ଯ୍ୟାଳୟକୁ ପ୍ରଥମେ ତମାଖୁ ମୁକ୍ତ ଅନୁଷ୍ଠାନ ବା ଅଞ୍ଚଳ ରୂପେ ଘୋଷଣା ପାଇଁ ପଦକ୍ଷେପ ଆରମ୍ଭ କରିବାକୁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଛନ୍ତି।

ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୨.୦ ର ଶୁଭାରମ୍ଭ କରିବାକୁ ଯାଇ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜାତୀୟ ତମାକୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକରେ ଯୋଗଦେବା ଅବସରରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ତମାଖୁ ନିୟନ୍ତ୍ରଣରେ ଫଳପ୍ରଦ ଯୋଜନା ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ନବ ନିର୍ମିତ କୋଠାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ ପରେ ଉକ୍ତ ପରିବେଶକୁ ସମ୍ପୂର୍ଣ୍ଣ ତମାଖୁ ମୁକ୍ତ ଅଞ୍ଚଳ ପାଇଁ ଏବେ ଠାରୁ ସଚେତନତା ଓ କାର୍ଯ୍ୟକାରିତା ନେଇ ପଦକ୍ଷେପ ଆରମ୍ଭ କରିବାକୁ ସେ କହିଥିଲେ। କୌଣସି ରୋଗୀ, ରୋଗୀଙ୍କ ସହାୟକ, କର୍ମଚାରୀ କେହି ବି ସାଙ୍ଗରେ ତମାଖୁ ଜାତୀୟ ଦ୍ରବ୍ୟ ସାଙ୍ଗରେ ନେଇ ଡାକ୍ତରଖାନାକୁ ପ୍ରବେଶ ନକରିବା ନେଇ ନିଶ୍ଚିତ କରାଯିବ। ମୁଖ୍ୟ ଡାକ୍ତରଖାନା ପରିସର ବା ନିକଟବର୍ତ୍ତୀ ଅଞ୍ଚଳରେ ତମାଖୁ ବିକ୍ରୟ ନିଷେଦ୍ଧ କରାଯିବ। ସେହିପରି ଜିଲ୍ଲା କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ମଧ୍ୟ ତମାଖୁ ମୁକ୍ତ ଅଞ୍ଚଳ ଘୋଷିତ ପାଇଁ ଯୋଜନା କରାଯିବ।



ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ଜନ ସାଧାରଣଙ୍କ ଦ୍ୱାରା ବିରୋଧାଭାଷ ସଷ୍ଟି ହେବା ସମ୍ଭାବନା ଥିଲେ ବି ସଚେତନତା ବଳରେ ସେ ଅଭିଯାନ ଦିନେ ସଫଳ ହେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ସେଥିପାଇଁ ଯଥେଷ୍ଟ ସଂଖ୍ୟାରେ ସଚେତନତା ସୂଚନା ଫଳକ ଲଗାଇବା ପାଇଁ ପ୍ରସ୍ତାବ ପ୍ରଦାନ କରାଯାଇଥିଲା।

ପ୍ରଦତ୍ତ ସୂଚନା ଅନୁଯାୟୀ ଅଣ ସଂକ୍ରାମକ ରୋଗ ଜନିତ ମୃତ୍ୟୁ ପୃଥିବୀର ବାର୍ଷିକ ସମସ୍ତ ମୃତ୍ୟୁର ପ୍ରାୟ ୬୩% ବୋଲି ଆକଳନ କରାଯାଇଛି। କର୍କଟ, ହୃଦ୍‌ରୋଗ ଶ୍ୱାସ ଜନିତ ରୋଗ, ମଧୁମେହ, ମସ୍ତିଷ୍କାଘାତ, ଭଳି ଅଧିକାଂଶ ଅଣସଂକ୍ରାମକ ରୋଗର ପ୍ରମୁଖ କାରଣ ହେଉଛି ତମାଖୁ ସେବନ। ଯେଉଁ ସବୁ ରୋଗର ଭାରତରେ ପ୍ରତିବର୍ଷ ୨୮ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି। ଆମେ ସମସ୍ତେ ଜାଣି ରଖିବା ଉଚିତ ତମାଖୁରେ ୭୦୦୦ ରୁ ଅଧିକ ମାରାତ୍ମକ ରାସାୟନିକ ପଦାର୍ଥ ରହିଛି। ଯେଉଁଥିରୁ ୬୯ଟି କର୍କଟ ରୋଗର କାରଣ ଅଟେ। ଧୂମହୀନ ତମାଖୁରେ ୩୦୦୦ରୁ ଅଧିକ ଥିବା ରାସାୟନିକ ପଦାର୍ଥ ମଧ୍ୟରୁ ୨୮ଟି କର୍କଟ ରୋଗର କାରଣ। ଖଇନି, ଗୁଟ୍‌ଖା, ପାନ, ଜର୍ଦ୍ଦା ଆଦି ଧୂମହୀନ ଏବଂ ବିଡ଼ି, ସିଗାରେଟ୍ ହୁକା ଆଦି ଧୂମଯୁକ୍ତ ତମାଖୁ ଅଟେ। ତଥ୍ୟାନୁଯାୟୀ ଭାରତରେ ୨୯% ଯୁବ ଗୋଷ୍ଠୀ ତମାଖୁ ବ୍ୟବହାର କରନ୍ତି। ପ୍ରତିଦିନ ୫୫୦୦ ଯୁବ ତମାଖୁ ବ୍ୟବହାର ଆରମ୍ଭ କରନ୍ତି। ବିଶ୍ୱ ଯୁବ ତମାଖୁ ସର୍ଭେ ଅନୁଯାୟୀ ୪୮% ପୁରୁଷ ଏବଂ ୨୨.୩% ମହିଳା ଭାରତରେ ବ୍ୟବହାର କରୁଛନ୍ତି। ଏହି ପରିପ୍ରେକ୍ଷୀରେ ତମାଖୁ ଦ୍ୱାରା ପ୍ରତିବର୍ଷ ବିଶ୍ୱରେ ୫୦ ଲକ୍ଷ, ଭାରତରେ ୧୩ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ବିଶ୍ୱରେ ହେଉଥିବା ମୁଖ କ୍ୟାନସର ମଧ୍ୟରୁ ଭାରତରେ ୮୬% ହୋଇଥାଏ। ସେଥିମଧ୍ୟରୁ ୯୦% ମୁଖ କ୍ୟାନସରର କେବଳ ତମାଖୁ ଦ୍ୱାରା ହୋଇଥାଏ। ତମାଖୁ ସେବନ ଅଭ୍ୟାସ ଛାଡ଼ିବା ସମ୍ଭବ ହେଉଥିବାରୁ ଏଥିପାଇଁ ସଚେତନତା, ସୁପରାମର୍ଶ, ତମାଖୁ ବିକ୍ରୟ ନିଷେଦ୍ଧ ଆଇନ୍‌କୁ କଡ଼ାକଡ଼ି ଲାଗୁ କରିବା ଓ ଧରପଗଡ଼ ଜାରି ରଖିବା, ତମାଖୁ ଛାଡ଼ିବା ପାଇଁ ଦେୟମୁକ୍ତ ନମ୍ବର ୧୮୦୦-୧୧-୨୩୫୬ର ଉପଯୋଗ କରିବା ଆଦି ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଶିକ୍ଷାନୁଷ୍ଠାନର ୧୦୦ ଗଜ ଭିତରେ ତମାଖୁ ପଦାର୍ଥ ବିକ୍ରି ନକରିବା ନିୟମ ଲାଗୁ ର ନିଶ୍ଚିତତା ପାଇଁ ତମାଖୁ ମୁକ୍ତ ବିଦ୍ୟାଳୟ ଚିହ୍ନଟ ନେଇ ତାଲିକା ପ୍ରସ୍ତୁତି ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ନିର୍ଦ୍ଧାରିତ ପରିସୀମା ମଧ୍ୟରେ ତମାଖୁ ବିକ୍ରୀ ଚାଲୁଥିବା ବିଦ୍ୟାଳୟ ଗୁଡ଼ିକୁ ତମାଖୁ ମୁକ୍ତ ଘୋଷଣା ପାଇଁ ଯଥାଶୀଘ୍ର ଧରପଗଡ଼ ପାଇଁ ମଧ୍ୟ ସେ କହିଥିଲେ।

ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଅଣସଂକ୍ରାମକ ରୋଗର ସହକାରୀ ପରିଚାଳକ ଦୀପକ କୁମାର ରାଉତ ତଥ୍ୟ ଉପସ୍ଥାପନ କରିଥିଲେ। ଏ.ସି.ଡି.ଓ. କୁଶଳ ଚନ୍ଦ୍ର ନାୟକ, ଡି.ପି.ଏମ୍. ସରିତା ମହାପାତ୍ର, ଡା. ଭାରତୀ ରାଉତ, ଡା. ଜୟନ୍ତ ପଣ୍ଡା ସଂପୃକ୍ତ ବିଭାଗୀୟ ଅଧିକାରୀ ଓ ଡାକ୍ତରମାନେ ଡି.ଏସ୍.ପି.ଡି.ଆଇ.ବି. ପ୍ରଭାତ ବିଶ୍ୱାଳ, ଅବକାରୀ ଅଧିକ୍ଷକ ନରୋତ୍ତମ ମିଶ୍ର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଏ ଦିଗରେ ସକ୍ରୀୟ ଭାବେ କାର୍ଯ୍ୟ କରୁଥିବା 'ସଲାମ୍ ଜୀବନ' ଅନୁଷ୍ଠାନ ଡ. ଇମ୍ରାନ୍ ଅଲ୍ଲୀ, ରେଡ଼ିଓ ବୁଲବୁଲର ସେକ୍ ନିୟାଜ, ଜିଲ୍ଲା ସର୍ବୋଦୟ ମଣ୍ଡଳର ସଭାପତି ଅମର କୁମାର ପାଣିଗ୍ରାହୀ ପ୍ରମୁଖ ମଧ୍ୟ ଆଲୋଚନାରେ ମତାମତ ପ୍ରକାଶ କରିଥିଲେ।

E-Mail I.D.-eepwdcuttack@gmail.com
Tel./ Fax No.(0671)-2304128

**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.I: CUTTACK**
**GOVERNMENT OF ODISHA "e" procurement Notice**

B-586

**e-procurement Notice for Building (E.I.) works**
**Bid Identification No. S.E. CTC(R&B) - 34 of 2024-25**

The Superintending Engineer, Cuttack (R&B) Division No. I, Cuttack on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for building work (Fire Fighting) as mentioned below.

| | | | |
|---|---|---|---|
| 1. | No. of the Work | :- | **14 (Fourteen) Nos. of E.I Works** |
| 2. | Date & time of availability of bid document in the portal | :- | **From dt.13/11/2024 to 5PM of dt.21/11/2024** |
| 3. | Last date / time of receipt of bids in the portal | :- | **5PM of dt.21/11/2024** |
| 4. | Date & time of opening of bids | :- | **11 A.M of dt.22/11/2024** |
| 5. | Name and address of the Officer Inviting Bid | :- | **Superintending Engineer, Cuttack (R&B) Division No. I, Cuttack** |

Further details can be seen from the e-procurement portal "**https://tendersodisha.gov.in**

Sd/- (Er. P.K. Majhi)
Superintending Engineer
Cuttacl (R&B) Division No.I

OIPR-34091/11/0033/2425





## ବୈଜୟନ୍ତ ପଣ୍ଡାଙ୍କ ପ୍ରଥମ ବଡ ସଫଳତା

# ବିଜେପିରେ ଯୋଗଦେଲେ ହରସରଣ ସିଂହ ବାଲି

ନୂଆଦିଲ୍ଲୀ/ ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ ଦିଲ୍ଲୀ ନିର୍ବାଚନ ପ୍ରଭାରୀ ଭାବେ ଦାୟିତ୍ୱ ନେବା ପରେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡାଙ୍କୁ ମିଳିଛି ପ୍ରଥମ ବଡ଼ ସଫଳତା। ଆମ ଆଦମୀ ପାର୍ଟିର ପୂର୍ବତନ ମନ୍ତ୍ରୀ ହରସରନ ସିଂହ



ବାଲି ଓ ତାଙ୍କ ପୁଅ ଗୁର୍ମିତ ସିଂହ ଆଜି ବିଜେପିରେ ଯୋଗ ଦେଇଛନ୍ତି। ଶ୍ରୀ ବାଲି ଓ ତାଙ୍କ ପୁଅ ଆଜି ନୂଆଦିଲ୍ଲୀରେ ଦିଲ୍ଲୀ ପ୍ରଦେଶ ଅଧ୍ୟକ୍ଷ ବିରେନ୍ଦ୍ର ସଚଦେବା, ସୁବାସ ଆର୍ଯ୍ୟ ଏବଂ ସୁବାଷ ସଚଦେବାଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ବୈଜୟନ୍ତ ପଣ୍ଡାଙ୍କ ସଫଳ ରଣନୀତି ପାଇଁ ଦିଲ୍ଲୀର ଆମ ଆଦମୀ ପାର୍ଟିର ଟାଣୁଆ ଓ ପ୍ରଭାବଶାଳୀ ନେତାମାନେ ବିଜେପିରେ ଯୋଗ ଦେଉଛନ୍ତି ଏବଂ ଆଗାମୀ ଦିନରେ ଅଧିକରୁ ଅଧିକ ନେତା ସାମିଲ ହେବା ସୂଚନା ମିଳିଛି।

## ନନ୍ଦ ଗାଁ ଗୋ ସେବାଶ୍ରମ ଠାରେ ଗୋପାଷ୍ଟମୀ ମହୋତ୍ସବରେ ଯୋଗ ଦେଲେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପଶୁ ସମ୍ପଦ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଆଜି ନନ୍ଦ ଗାଁ ଗୋ ସେବାଶ୍ରମ ଠାରେ ଗୋପାଷ୍ଟମୀ ମହୋତ୍ସବରେ ଯୋଗ ଦେଇଛନ୍ତି । ଏହି ଅବସରରେ ପୂର୍ବତନ ବିଧାୟକ ଓ ମନ୍ତ୍ରୀ ଶ୍ରୀ ଅମର ଶତପଥୀ ମଧ୍ୟ ଉପସ୍ଥିତ ଥିଲେ । ମନ୍ତ୍ରୀ ଶ୍ରୀ ମଲ୍ଲିକ ଓ ଶତପଥୀ ଗୋଶାଳାର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସହ ଗୋମାତାଙ୍କ ସୁରକ୍ଷା ଓ ରକ୍ଷଣାବେକ୍ଷଣ ବୁଲି ଦେଖିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ ଯେ, ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଗୋମାତାର ଅବଦାନ ଅତୁଳନୀୟ। ପୁରାଣ ଶାସ୍ତ୍ର ଅନୁଯାୟୀ ଗୋ ମାତାଙ୍କ ଶରୀରରେ ସମସ୍ତ ଦେବା ଦେବୀ ବାସ କରନ୍ତି। ତେଣୁ ଗୋ ମାତାଙ୍କୁ ପୂଜା କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ। ଆମେ ସମସ୍ତେ ଗୋମାତାଙ୍କ ସେବା, ସୁରକ୍ଷା ଓ ରକ୍ଷଣା ବେକ୍ଷଣ ପାଇଁ କାର୍ଯ୍ୟ କରିବା ।

## ଏକାଧିକ ଯୁବତୀଙ୍କ ଭିଡିଓ ରଖିବା ଘଟଣା

# ଅଭିଯୁକ୍ତ ସମୀରକୁ ରିମାଣ୍ଡରେ ଆଣିବ କମିଶନରେଟ ପୋଲିସ

**ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**

ଟୁଇନ୍ ସିଟି ପୋଲିସ କମିଶନରଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ। ସମୀର ପ୍ରସଙ୍ଗରେ ପୋଲିସ କମିଶନର କହିଛନ୍ତି ଯେ, ଫ୍ରି ଫାୟାରରୁ ଲଭ୍ ଜିହାଦ ଘଟଣାରେ ଅଭିଯୁକ୍ତ ସମୀରର ଘର ବିହାରରେ ହୋଇଥାଇପାରେ ବୋଲି ଅନୁମାନ କରୁଛୁ। ଏଥି ସହ ସେ କଶ୍ମୀରରେ କାମ କରିଥିବା ନେଇ ମଧ୍ୟ ଜଣାପଡ଼ିଛି। ସମୀରକୁ ରିମାଣ୍ଡରେ ଆଣିବା ପାଇଁ ଯୋଜନା କରାଯାଉଛି । ରିମାଣ୍ଡରେ ଆସିଲେ ବହୁ ତଥ୍ୟ





ସାମ୍ନାକୁ ଆସିପାରେ । ସେହିପରି କମିଶନରେଟ ପୋଲିସ ବିହାର ଏବଂ କଶ୍ମୀର ପୋଲିସ ସହ ଯୋଗାଯୋଗରେ ଅଛି। ଅଭିଯୁକ୍ତର ବାକ୍ ଗ୍ରାଉଣ୍ଡ ଯାଞ୍ଚ୍ କରାଯାଉଥିବା ବେଳେ ସମାନ୍ ଢଙ୍ଗରେ ଆଉ କେଉଁଠି ଅପରାଧ କରିଛି ତା'ର ଖୋଳତାଡ କରୁଛି। ଏଥିସହ ତା'ର ବିଭିନ୍ନ ବ୍ୟାଙ୍କ୍ ଆକାଉଣ୍ଟ ଓ ଡିଜିଟାଲ ଆକାଉଣ୍ଟକୁ ଯାଞ୍ଚ୍ କରାଯାଉଛି। ଅନ୍ୟ ରାଜ୍ୟରେ ଅଭିଯୁକ୍ତର କିଛି ଅପରାଧିକ ମାମଲା ଅଛି କି ନାହିଁ ସେ ସଂପର୍କରେ ଯାଞ୍ଚ୍ କରୁଛି ପୋଲିସ। ଅନ୍ୟ କେଉଁ ସବୁ ଗ୍ୟାଙ୍ଗ ସହ ସମୀରର ଲିଙ୍କ୍ ଅଛି କି ନାହିଁ ତା'ର ତଦନ୍ତ କରୁଛି ପୋଲିସ। ସମୀରର ସୋସିଆଲ ମିଡ଼ିଆ ଆକାଉଣ୍ଟ ଚେକ୍ କରୁଛି କମିଶନରେଟ ପୋଲିସ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାକୁ ମିଲେଟ...

ଅଧିକ ଆଦୃତ। ଓଡିଶାରେ ମାଣ୍ଡିଆ ସବୁଠାରୁ ଅଧିକ ଉତ୍ପାଦନ ହେଉଥିବା ବେଳେ ସୁଆଁ, କାଙ୍ଗୁ, କୋଦ, ଜହ୍ନା ପରି ଅନ୍ୟାନ୍ୟ ପୁଷ୍ଟିଶସ୍ୟ ଫସଲ ମଧ୍ୟ ବହୁଳ ଭାବେ ଚାଷ କରାଯାଉଛି। ଏହିସବୁ ପୁଷ୍ଟିଶସ୍ୟ ଗ୍ଲୁଟେନମୁକ୍ତ, ଅଧିକ ସ୍ନେହସାର, ଆଣ୍ଟି-ଅକ୍ସିଡାଣ୍ଟ ଏବଂ ବହୁତ କମ ଗ୍ଲାଇସେମିକ ସୂଚକାଙ୍କ ଧାରକ ହୋଇଥିବା ଯୋଗୁ ଏହା ମଧୁମେହ ରୋଗ ପ୍ରତିରୋଧ କରିବା ସହିତ ରକ୍ତ ଶର୍କରା ପରିଚାଳନାରେ ମଧ୍ୟ ସାହାଯ୍ୟ କରିଥାଏ। ଶ୍ରୀଅନ୍ନଗୁଡିକ କର୍କଟ ରୋଗ, ରକ୍ତହୀନତା, ଭିଟାମିନ ବି'ର ଅଭାବ ଦୂର କରିବା ଦିଗରେ ପ୍ରତିଷେଧକ ଭାବେ କାମ କରିଥାଏ। ଏହିସବୁ ଉତ୍କୃଷ୍ଟ ଗୁଣ ଯୋଗୁ ଶ୍ରୀଅନ୍ନ ଏକ ସୁପରଫୁଡର ମାନ୍ୟତା ପାଇଛି। ବର୍ତ୍ତମାନ ଆମ ସରକାର ଶ୍ରୀଅନ୍ନର ଅଧିକ ଉତ୍ପାଦନ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେଉଛନ୍ତି । ଆମକୁ ଏହାକୁ ଲୋକଙ୍କ ଦୈନନ୍ଦିନ ଖାଦ୍ୟ ଶୃଙ୍ଖଳା ମଧ୍ୟରେ ଅନ୍ତର୍ଭୁକ୍ତ କରିବାକୁ ପଡିବ। ମାଣ୍ଡିଆକୁ ସ୍ୱାଦିଷ୍ଟ କରିବା ପାଇଁ ନୂଆ ନୂଆ ପ୍ରକାର ବ୍ୟଞ୍ଜନ ଶୈଳୀକୁ ଘରେ ଘରେ ପହଞ୍ଚାଇବା ପାଇଁ ଫୁଡ ବ୍ଲଗରମାନଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଓଡ଼ିଶାରେ ମାଣ୍ଡିଆ ଚାଷକୁ ଆମ ମହିଳା ଚାଷୀମାନେ ଏକ ଆନ୍ଦୋଳନରେ ପରିଣତ କରିଛନ୍ତି। ଓଡ଼ିଶା ମାଣ୍ଡିଆ ଆନ୍ଦୋଳନର ଦୁଇ ପ୍ରମୁଖ ମହିଳା ଚାଷୀ ହେଉଛନ୍ତି, କୋରାପୁଟ ଜିଲ୍ଲାର ରାଇମତୀ ଘୁଉିଆ ଏବଂ ମୟୂରଭଞ୍ଜ ଜିଲ୍ଲାର ସୁବାଷା ମହନ୍ତ। ସେମାନେ ନିଜ ନିଜ ପ୍ରଚେଷ୍ଟାରେ ଏହାର ଅଭିବୃଦ୍ଧି କରିବା ସହିତ ମାଣ୍ଡିଆ କିପରି ଏକ ଚାଷୀର ଆର୍ଥିକ ଅବସ୍ଥାକୁ ବଦଳେଇ ଦେଇପାରେ ତାକୁ ପ୍ରମାଣ କରିଛନ୍ତି । ପ୍ରଧାନମନ୍ତ୍ରୀ ଏହି ଦୁଇ ମହିଳାଙ୍କୁ ଜି-୨୦ ସମ୍ମିଳନୀରେ ଶ୍ରୀଅନ୍ନ ଚାଷର ବ୍ରାଣ୍ଡ ଆମ୍ବାସଡର କରିଥିଲେ। ପୋଷକତତ୍ତ୍ୱରେ ଭରପୁର ଏହି ବିଲୁପ୍ତପ୍ରାୟ ଖାଦ୍ୟର ପୁନରୁଦ୍ଧାର କରିବା ଦିଗରେ ଆମ ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବିସ୍ମୃତ ଖାଦ୍ୟର ପୁନରୁଦ୍ଧାର ସମ୍ପର୍କିତ ପୁସ୍ତକ ଉନ୍ମୋଚିତ ହେବା ସହିତ ମିଲେଟ ଉତ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା କୋରାପୁଟ, ସୁନ୍ଦରଗଡ ଏବଂ ରାୟଗଡା ଜିଲ୍ଲାପାଳଙ୍କୁ ପୁରସ୍କୃତ କରାଯାଇଥିଲା । ଏଥି ସହିତ 'ବେଷ୍ଟ ମିଲେଟ୍ ଫାର୍ମର'ଭାବେ କଳାହାଣ୍ଡିର ସୀତାରାମ କରକର୍ଲା, ଗଜପତିର ସାରଙ୍ଗ ସବର, ବଲାଙ୍ଗୀରର ଗୋଲାପ ବିଶି, ବେଷ୍ଟ କଷ୍ଟଡିଆନ୍ ଫାର୍ମର ଭାବେ ନୂଆପଡାର ଲିଳାମ୍ବର ମାଝୀ, ସୁନ୍ଦରଗଡର ଜାକ୍ରିଆସ କଣ୍ଡୁଲନା ଓ ସମ୍ବଲପୁରର ଦେବବ୍ରତ ପ୍ରଧାନ, ବେଷ୍ଟ ଫରଗୋଟେନ୍ ଫୁଡ୍ ଚାମ୍ପିଅନ୍ ଭାବେ କଳାହାଣ୍ଡିର କୌଶଲ୍ୟା ଗୌଡ, ବରଗଡର ରେଣୁକା ଦଂଶନ, ମୟୂରଭଞ୍ଜର ମଞ୍ଜୁଲତା ମହନ୍ତ ଏବଂ ସ୍ପେସିଆଲ ଆୱାର୍ଡ ଭାବେ କୋରାପୁଟର ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏହି ଅବସରରେ ବିଲୁପ୍ତ ପ୍ରାୟ ଖାଦ୍ୟ ଶସ୍ୟ ଓ ବିଭିନ୍ନ ପ୍ରକାର ପୁଷ୍ଟି ଶସ୍ୟ ଉପରେ ଆୟୋଜିତ ଏକ ପ୍ରଦର୍ଶନୀ ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ, ଆମ ଆଦିବାସୀ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ବିସ୍ମୃତ ଶସ୍ୟର ଉତ୍ପାଦନ କରି ଏହାକୁ ଖାଦ୍ୟ ରୂପେ ବ୍ୟବହାର କରୁଛନ୍ତି । ଆମେ ଖାଉଥିବା ଖାଦ୍ୟ ଠାରୁ ଏହା ଅଧିକ ପୋଷକ ଓ ଭିଟାମିନଯୁକ୍ତ। ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ମିଲେଟ ଜାତୀୟ ଶସ୍ୟର ପୁନରୁଦ୍ଧାର ହୋଇଛି । ଆମ ସମସ୍ତଙ୍କୁ ଏହି ପୋଷକଯୁକ୍ତ ଖାଦ୍ୟକୁ ଆମ ଖାଦ୍ୟ ଶୃଙ୍ଖଳାରେ ସାମିଲ କରିବାକୁ ପଡିବ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ କୃଷି ବିବିଧିକରଣର ଆବଶ୍ୟକତା ବଢିଛି । ଶ୍ରୀଅନ୍ନକୁ ଭବିଷ୍ୟତର ଖାଦ୍ୟ ରୂପେ ଉଲ୍ଲେଖ କରି ଆଗାମୀ ଦିନରେ ଏହାର ବହୁଳ ବ୍ୟବହାର ଦୃଷ୍ଟିରୁ ପାରମ୍ପରିକ ପଦ୍ଧତି ସହ ବୈଜ୍ଞାନିକ ଜ୍ଞାନକୌଶଳ ଉପଯୋଗ କରିବା ଆବଶ୍ୟକ ବୋଲି ସେ କହିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ତଥା ଏମ୍ଏସ ସ୍ୱାମୀନାଥନ, ରିସର୍ଚ୍ଚ ଫାଉଣ୍ଡେସନର ଅଧ୍ୟକ୍ଷ ଡ. ସୌମ୍ୟା ସ୍ୱାମୀନାଥନ କହିଥିଲେ ଯେ, ବିସ୍ମୃତ ଏବଂ କ୍ଷୁଦ୍ର ଶସ୍ୟ ପୁନରୁଦ୍ଧାର ପାଇଁ ଏହି ସମ୍ମିଳନୀ ଏକ ସମୟୋପଯୋଗୀ ପଦକ୍ଷେପ। ଓଡ଼ିଶାରେ ବିବିଧ ଖାଦ୍ୟ ରୁଚି ରହିଛି, ଯାହାର ଉଦାହରଣ ହେଉଛି ଶ୍ରୀଜଗନ୍ନାଥ ମନ୍ଦିରର ଛପନଭୋଗ। ବିଶ୍ୱ ଖାଦ୍ୟ ଏବଂ କୃଷି ସଂଗଠନ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଥିବା ଦେଶର ଦୁଇଟି କୃଷି ଐତିହ୍ୟସ୍ଥଳ ମଧ୍ୟରେ ଓଡ଼ିଶାର କୋରାପୁଟ ସ୍ଥାନିତ ହୋଇଛି । ଅନ୍ୟଟି କେରଳ। ଓଡ଼ିଶାରେ ଶ୍ରୀଅନ୍ନର ଚାଷ ଓ ସଂରକ୍ଷଣ ପାଇଁ ମହିଳା ଚାଷୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବହୁ ଖାଦ୍ୟଗୁଣ, ଭିଟାମିନଯୁକ୍ତ ଏହି କ୍ଷୁଦ୍ର ଶସ୍ୟଗୁଡିକର ପ୍ରଚାର ପ୍ରସାର ଏବଂ ବହୁଳ ବ୍ୟବହାର ପାଇଁ ସମସ୍ତେ ଶ୍ରୀଅନ୍ନ ଅଭିଯାନରେ ଏକାଠି ହେବାକୁ ସେ ଆହ୍ୱାନ ଦେଇଥିଲେ। ନୀତି ଆୟୋଗର ସଦସ୍ୟ ପ୍ରଫେସର ରମେଶ ଚନ୍ଦ କହିଥିଲେ ଯେ, ଗ୍ରୀନ ରିଭୋଲ୍ୟୁସନ ଆସିବା ଦ୍ୱାରା ସାରା ବିଶ୍ୱରେ ଖାଦ୍ୟ ପଦାର୍ଥ ଉପରେ ବ୍ୟାପକ ପରିବର୍ତ୍ତନ ଘଟିଛି । ଜୈବିକ କୃଷିକୁ ପ୍ରାଧାନ୍ୟ ଦିଆଯାଉଛି । ସମଗ୍ର ବିଶ୍ୱ ଆଜି ପୋଷଣକୁ ନେଇ ଚିନ୍ତିତ ଅଛି । ମିଲେଟ ଜାତୀୟ ଫସଲ ପ୍ରତି ଲୋକଙ୍କ ଆଗ୍ରହ ବଢିଛି। ମିଲେଟ ଉଭୟ ଭାରତ ଓ ଆଫ୍ରିକାରେ ଚାଷ ହୋଇଥାଏ। ଓଡ଼ିଶାରେ ମାଇନର ମିଲେଟର ଅଭିବୃଦ୍ଧି ପାଇଁ ଯାହାସବୁ ଆବଶ୍ୟକ ତାହା ରହିଛି । ଆମକୁ ଏହି ଚାଷକୁ ଆଗେଇ ନେବାକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପଡିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଓ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଧନ୍ୟବାଦ ଦେଇଥିଲେ।

### କଶ୍ମୀର ...

ଆମେରିକା ଏବଂ ନାଟୋ ସୈନ୍ୟମାନେ କାର୍ଯ୍ୟ କରୁଥିଲେ, ସେତେବେଳେ ସେମାନଙ୍କୁ ପାକିସ୍ତାନର କରାଚି ଏବଂ ଖାଇବର ପାସ୍ତୁନଖ୍ୱା ଦେଇ କାବୁଲକୁ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ଯୋଗାଇ ଦିଆଯାଇଥିଲା। ଏହି ଅସ୍ତ୍ରଗୁଡିକ ବିଭିନ୍ନ ଗୋଷ୍ଠୀର ହାତରେ ପହଞ୍ଚିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇଥିଲା। ରିପୋର୍ଟରେ କୁହାଯାଇଛି ଯେ ପାକିସ୍ତାନର ମୁଖ୍ୟ ବନ୍ଦର କରାଚିକୁ ଖାଇବର ପାସ୍ତୁନଖ୍ୱା ଏବଂ ଆଫଗାନିସ୍ତାନ ସୀମାକୁ ସଂଯୋଗ କରୁଥିବା କେପିକେ ମାର୍ଗ ସାମରିକ ସାମଗ୍ରୀ ତଥା ମାନବିକ ସହାୟତା ପରିବହନ ପାଇଁ ବ୍ୟବହୃତ ହୋଇଛି । ଏହା କାବୁଲ ପାଇଁ ଏକ ଗମନାଗମନ କ୍ଷେତ୍ର ଭାବରେ କାର୍ଯ୍ୟ କରିଥାଏ। ଯେତେବେଳେ ଏହି ଅସ୍ତ୍ରଗୁଡିକ କେପିକେ ଅତିକ୍ରମ କରୁଥିଲା ବେଳେ ଏହି ଅସ୍ତ୍ରବୋଝେଇ ଟ୍ରକଗୁଡିକୁ ଏହି ଅଞ୍ଚଳରେ କାର୍ଯ୍ୟ କରୁଥିବା ବିଭିନ୍ନ ସଶସ୍ତ୍ର ଗୋଷ୍ଠୀ ଦ୍ୱାରା ଆକ୍ରମଣ କରାଯାଇଥିଲା। ଫଳରେ ଲୁଟ ହୋଇଥିବା ଏମ-୪ ରାଇଫଲ ଆତଙ୍କବାଦୀ ଗୋଷ୍ଠୀଙ୍କ ହାତରେ ପହଞ୍ଚିଥିଲା। ପାକ ଆର୍ମି ଏବଂ ଆଇଏସ୍ଆଇ ଅସ୍ତ୍ରଶସ୍ତ୍ର ଲୁଟ୍‌ର ଫାଇଦା ଉଠାଇଥିଲେ। ସେମାନେ ଏକ ପୁରୁଣା ଗାଡି ବିସ୍ଫୋରଣ କରି ସେହି ଘଟଣାର ଭିଡିଓ ପ୍ରସ୍ତୁତ କରି ଆମେରିକୀୟ ସୈନ୍ୟଙ୍କ ନିକଟକୁ ପଠାଉଥିଲେ। ତାଲିବାନ ଅସ୍ତ୍ରଶସ୍ତ୍ରରେ ଭର୍ତ୍ତି ଟ୍ରକ ଉପରେ ଆକ୍ରମଣ ଯୋଗୁ ସମସ୍ତ ଅସ୍ତ୍ରଶସ୍ତ୍ର ନଷ୍ଟ ହୋଇଯାଇଥିବା କୁହାଯାଉଥିଲା । ପାକ ସେନା ଏହି ଅସ୍ତ୍ରଶସ୍ତ୍ରକୁ ସେଠାରେ ଲୁଚେଇ ରଖିଥିଲା। ଏଭଳି ପରିସ୍ଥିତିରେ ସେମାନେ ଆମେରିକାରୁ ନୂତନ ଅସ୍ତ୍ରଶସ୍ତ୍ର ଏବଂ ଟ୍ରକ ପାଇବେ, ଯାହା ନିଶ୍ଚିତ ଭାବରେ ଏକ ଭୁଲ ଉପାୟରେ ବ୍ୟବହୃତ ହେବ ବୋଲି ଯୋଜନା କରାଯାଇଥିଲା।

### ଜାମିନ ନିଷ୍ପତ୍ତିରେ...

ଉପରେ ସର୍ବୋଚ୍ଚ ଅଦାଲତ ପୁଣିଥରେ ଜୋର ଦେଇଛନ୍ତି। ଜଣେ ଆବେଦନକାରୀଙ୍କ ଜାମିନ ଆବେଦନ ଗତବର୍ଷ ଅଗଷ୍ଟରୁ ଆଲ୍ଲାହାବାଦ ହାଇକୋର୍ଟରେ ବିଚାର ଅପେକ୍ଷାରେ ପଡ଼ିରହିଥିବା ବେଳେ ଏଥିରେ କୌଣସି ଅଗ୍ରଗତି ଘଟି ନ ଥିବାରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ବିନା ଜାମିନ ଆବେଦନକୁ ବାରମ୍ବାର ସ୍ଥଗିତ ରଖାଯାଉଥିବା ସେ ଅଭିଯୋଗ କରିଥିଲେ। ସର୍ବୋଚ୍ଚ ଅଦାଲତ ତାଙ୍କ ପିଟିସନର ଶୁଣାଣି କରିବା ଅବସରରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ହାଇକୋର୍ଟରେ ନଭେମ୍ବର ୧୧ରେ ଜାମିନ ଆବେଦନର ଶୁଣାଣି ହେବାକୁ ଥିବାରୁ ସେହିଦିନ ଏହାର ବିଚାର କରି ଯଥାସମ୍ଭବ ନିଷ୍ପତ୍ତି ନେବା ପାଇଁ ସମ୍ପୃକ୍ତ ବିଚାରପତିଙ୍କୁ ଖଣ୍ଡପୀଠ ଅନୁରୋଧ କରିଛନ୍ତି । ସେହିଦିନ ନିଷ୍ପତ୍ତି ନେବା ସମ୍ଭବ ନ ହେଲେ ୨ ସପ୍ତାହ ମଧ୍ୟରେ ରାୟ ପ୍ରଦାନ କରିବାକୁ ଖଣ୍ଡପୀଠ କହିଛନ୍ତି।

### ପିପିଲି ଚାନ୍ଦୁଆ...

ନେଇଛନ୍ତି । ଆମର ଏହି ଅମୂଲ୍ୟ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ କେନ୍ଦ୍ର ସରକାରଙ୍କର ଏହି ପଦକ୍ଷେପ ଯୁଗାନ୍ତକାରୀ ବୋଲି ସମ୍ବିତ ପାତ୍ର କହିଛନ୍ତି ।

### ଖଲିସ୍ତାନୀଙ୍କୁ ସୁରକ୍ଷା...

ଏହି ବିବୃତିରେ ଆହୁରି କୁହାଯାଇଛି ଯେ 'ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ବ୍ରମ୍ପଟନର ୩୫ ବର୍ଷ ବୟସ୍କ ଇନ୍ଦ୍ରଜିତ ଗୋସାଲ ବୋଲି ଜଣାପଡିଛି। ନଭେମ୍ବର ୩ରେ ତାଙ୍କୁ ଅସ୍ତ୍ରଶସ୍ତ୍ରରେ ଆକ୍ରମଣ ଅଭିଯୋଗରେ ଗିରଫ କରାଯାଇଥିଲା। ତାଙ୍କୁ ସର୍ତ୍ତ ଅନୁଯାୟୀ ମୁକ୍ତ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ବ୍ରମ୍ପଟନର ଅନଟାରିଓ କୋର୍ଟରେ ହାଜର ହେବାର ଯୋଜନା ରହିଛି। ପୋଲିସ କହିଛି ଯେ ଘଟଣାର ଶତାଧିକ ଭିଡିଓର ଯାଞ୍ଚ ଅନୁସନ୍ଧାନକାରୀମାନେ ଜାରି ରଖିଛନ୍ତି ଏବଂ ଏହି ଅପରାଧରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା କରୁଛନ୍ତି। ଏନେଇ ଶନିବାର କାନାଡାର ହିନ୍ଦୁ ସାଂସଦ ଚନ୍ଦ୍ର ଆର୍ଯ୍ୟ ହିନ୍ଦୁ ସଭା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଉପରେ ଖଲିସ୍ତାନୀ ଉଗ୍ରବାଦୀଙ୍କ ଆକ୍ରମଣକୁ ନିନ୍ଦା କରିଥିଲେ। ଏହା ସହ ସେ ଦେଶର ନେତାମାନଙ୍କୁ ଏହି ଘଟଣାକୁ ନେଇ ହିନ୍ଦୁ ବନାମ ଶିଖ କରୁଥିବାରୁ ସମାଲୋଚନା କରିଥିଲେ । ସେ କହିଥିଲେ କାନାଡାର ମୂଳ ହିନ୍ଦୁ ଓ ଶିଖ ଗୋଟିଏ ପଟେ ଏବଂ ଖାଲିସ୍ତାନୀମାନେ ଅନ୍ୟ ପଟେ ଅଛନ୍ତି।

### ସାକ୍ଷୀଗୋପାଳ ମନ୍ଦିରରେ...

ବିଭାଗୀୟ ମନ୍ତ୍ରୀ, ଉଚ୍ଚ ଅଧିକାରୀ, ବିଚାରପତି ଠାକୁରଙ୍କ ଦର୍ଶନ କରି ଆଶିଷ ନେଇଥିଲେ। ମନ୍ଦିର ବେଢା ପରିକ୍ରମା ଓ ଅଁଳା ବୃକ୍ଷକୁ ଶ୍ରଦ୍ଧାଳୁ ମାନେ ପୂଜାର୍ଚ୍ଚନା କରିଥିଲେ। ଓଡ଼ିଆ ଘର ବୋହୂମାନେ ପରିଧାନ କରୁଥିବା ଭଳି ପାଟଶାଢି କାଣିଆକଛା ମାରି ଶ୍ରୀରାଧା ପିନ୍ଧିଥିଲେ । ପାରମ୍ପରିକ ସୁବର୍ଣ୍ଣ ଗହଣା ଗୁଡିକ ମଧ୍ୟରେ ପାଦପଦ୍ମ, ପାଉଁଜି, ଝୁଣ୍ଟିଆ, ପାହୁଡ଼, ବାଙ୍କି, ଚନ୍ଦ୍ର ହାର ଶିକୁଳି, ବେଙ୍ଗପାଟିଆ, ତାବିଜ, ଅଁଳାମାଳ, ପୋହଳାମାଳ, ଚମ୍ପସରୀ, ପଣସକଣ୍ଟା ଖଡୁ, ବାହୁଟି, ବଟଫଳ ମାଳ, ଦ୍ରାବିଡ଼ଚନ୍ଦ୍ର, ମୟୂରସା ଗୁଣା, ନୁଥ, ସେତିହାର, ପୋହଳାହାର, ଡେଉଁରିଆ ମାଳ, କିରିଟି ଆଦି ଗହଣା ଲାଗି କରାଯାଇଥିଲା। ଫୁଲହାର, ଅଁଳାଫଳ ମାଳ, ଦୁବ, ଅରୁଆ ଚାଉଳ ସହିତ କଜଳ, ସିନ୍ଦୁର, ଅଳତା ଓ ଚନ୍ଦନପାଟି ଲାଗି କରାଯାଇଥିଲା। ଏଥିସହିତ ସାକ୍ଷୀଗୋପାଳ ଠାକୁର ନଟବର ବେଶରେ ସଜ୍ଜିତ ହୋଇ ଛନ୍ଦାଚରଣରେ ନୃତ୍ୟରତ ଭଙ୍ଗିରେ ଶୋଭା ପାଉଛନ୍ତି। ପୁରୀ ଜିଲ୍ଲାର ୨ୟ ବୃହତମ ଗଣପର୍ବ ମାନ୍ୟତା ଲଭିଥିବା ଅଁଳାନବମୀରେ ମନ୍ଦିର ରଙ୍ଗ, ଫୁଲମାଳ ଓ ସୁନ୍ଦର ଆଲୋକ ସଜ୍ଜା ହୋଇଥିଲା। ସାକ୍ଷୀଗୋପାଳ ବଜାରଠାରୁ ପଞ୍ଚସଖା ପଡିଆ ପର୍ଯ୍ୟନ୍ତ ଉଜ୍ଜ୍ୱଳ ଆଲୋକମାଳାରେ ଝଲସୁଥିଲା। ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ସମ୍ମୁଖରେ ଛାୟାପ୍ରଦ ବାରିକେଟ, ଯାନବାହନ ନିୟନ୍ତ୍ରଣ ଠାରୁ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା। ତହସିଲଦାର ସନ୍ତୋଷ ପାଣିଗ୍ରାହୀ ଏବଂ ବିଡ଼ିଓ ଲିପ୍ସା ରାୟ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିଲେ। ମେଳା ପଡିଆରେ ମିଶନଶକ୍ତି, ହସ୍ତଶିଳ୍ପ ଷ୍ଟଲ ଖୋଲାଯାଇଛି । ବଛା ବଛା ପୋଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ତୀକ୍ଷ୍ଣ ନଜର ରଖିଥିବା ଆଇଆଇସି ଉମେଶ କୁମାର ସାହୁ କହିଛନ୍ତି।

# ପଦ୍ମ ପୁରସ୍କାର ବିଜେତାଙ୍କୁ ଆର୍ଥିକ ସମ୍ମାନ ରାଶି ପୂର୍ବ ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିଲା : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟର ପଦ୍ମ ପୁରସ୍କାର ବିଜେତା ମାନଙ୍କୁ ମାସିକ ୩୦,୦୦୦ ଟଙ୍କା ଆର୍ଥିକ ସମ୍ମାନ ରାଶି ପ୍ରଦାନ କରାଯିବ ବୋଲି ନିକଟରେ କରାଯାଇଥିବା ଘୋଷଣାରେ କିଛି ନୂତନତ୍ୱ ନାହିଁ ଓ ଏହା ନବୀନ ସରକାରଙ୍କ ସମୟରେ ଘୋଷିତ ହୋଇଥିଲା ବୋଲି ବିଜୁ ଜନତା ଦଳ ତରଫରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି କହିଛନ୍ତି।ଡ଼ଃ ମହାନ୍ତି କହିଥିଲେ, ୧୩ ମାର୍ଚ୍ଚ ୨୦୨୪ରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଜାରି ହୋଇଥିବା ବିବୃତିରେ କୁହା ଯାଇଥିଲା ପଦ୍ମ ପୁରସ୍କାର ଦେଶର ଗୌରବମୟ ବେସାମରିକ ସମ୍ମାନ । ବିଭିନ୍ନ କ୍ଷେତ୍ରରେ ଦେଶକୁ ଗୌରବାନ୍ୱିତ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନ ମିଳିଥାଏ। ପଦ୍ମ ପୁରସ୍କାରପ୍ରାପ୍ତ କୃତୀ ସନ୍ତାନମାନେ ସେମାନଙ୍କ ପ୍ରତିଭା ଓ ସେବା କାର୍ଯ୍ୟ ଦ୍ୱାରା ଓଡିଶାର ଗୌରବ ବୃଦ୍ଧି କରିଛନ୍ତି ।ସମାଜକୁ ସେମାନଙ୍କ ବଳିଷ୍ଠ ଅବଦାନର ସ୍ୱୀକୃତି ସ୍ୱରୂପ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ



ପଟ୍ଟନାୟକ ସେମାନଙ୍କ ସମ୍ମାନାର୍ଥେ ମାସକୁ ୨୫ ହଜାର ଟଙ୍କା ଲେଖାଏ ଅର୍ଥ ସମ୍ମାନ ରାଶି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବା ଘୋଷଣା ହୋଇଥିଲା। ଚଳିତ ବର୍ଷ ଅପ୍ରେଲ ମାସ ଠାରୁ ଏହି ସମ୍ମାନ ରାଶି ପ୍ରଦାନ କରାଯିବ ବୋଲି ବିବୃତିରେ କୁହାଯାଇଥିଲା।ଆଜି ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଘୋଷଣା କେବଳ ପୂର୍ବ ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ପରିମାଣରେ ୫,୦୦୦ ଟଙ୍କା ବୃଦ୍ଧି କରାଯାଇଛି। ଏହି ଘୋଷଣା କରିବା ସମୟରେ ପୂର୍ବ ସରକାରଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଜାଣିଶୁଣି ଉଲ୍ଲେଖ କରାଯାଇନାହିଁ, ଯାହା ଏକ ଚଂଚକତା ଠାରୁ କମ ନୁହେଁ। ଏଥିରୁ ସ୍ପଷ୍ଟ ହେଉଛି ଯେ, ସରକାର ବାହାଦୁରି ନେବା ପାଇଁ ବହୁତ ବ୍ୟଗ୍ର ଅଛନ୍ତି। ତେଣୁ, ପୂର୍ବ ସରକାରଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ନିଜର କହି ବାହାଦୁରି ନେବାକୁ ଅପଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମହାନ୍ତି କହିଥିଲେ। ନିଜେ ନିଷ୍ପତ୍ତି ନେଇ ବାହାଦୁରି ନେବାରେ କିଛି ଅସୁବିଧା ନାହିଁ କିନ୍ତୁ, ପୂର୍ବ ସରକାରଙ୍କ କାମକୁ ନିଜର କହି ବାହାଦୁରି ନେବା ରାଜ୍ୟବାସୀଙ୍କୁ ଭଣ୍ଡାଇବା ସଦୃଶ୍ୟ।ପୂର୍ବ ସରକାରଙ୍କ ବିଭିନ୍ନ ଯୋଜନାର ନାମ ଓ ରଙ୍ଗ ପରିବର୍ତ୍ତନ କରୁଥିବା ବର୍ତ୍ତମାନର ସରକାର କେବଳ ଏହି ପ୍ରସଙ୍ଗରେ ନୁହେଁ, ବରଂ ଏଭଳି ଅନେକ ପୂର୍ବ ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ନିଷ୍ପତ୍ତିକୁ ପୁଣି ଥରେ ଘୋଷଣା କରୁଛନ୍ତି। ନିକଟରେ ମହିଳା କର୍ମଚାରୀ ମାନଙ୍କ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷିତ ହୋଇଥିବା ବର୍ଷକୁ ୧୦ ଦିନର ବିଶେଷ ଛୁଟିକୁ ବର୍ତ୍ତମାନର ସରକାର ବର୍ଷକୁ ବାର ଦିନ ଛୁଟିର ଘୋଷଣା କରିଛନ୍ତି। ସେହିପରି, ୩୪ଟି ନୂତନ ଏନଏସି ଓ ୫ଟି ଏନଏସି କୁ ମୁନିସିପାଲିଟି କରିବା ପାଇଁ ପୂର୍ବ ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିଲା। ନିକଟରେ ପୁଣି ଥରେ ସମାନ ଘୋଷଣା ନୂତନ ଭାବେ କରାଯାଇଛି ବୋଲି ଡ଼ଃ ମହାନ୍ତି କହିଥିଲେ।

# ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ବୌଦ୍ଧ-ପୁରୁଣାକଟକ ରେଳ ସେକ୍ସନ ମହାପ୍ରବନ୍ଧକଙ୍କ ଦ୍ୱାରା ନିରୀକ୍ଷଣ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶନିବାର ଦିନ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରିବା ପାଇଁ ବୌଦ୍ଧ ଏବଂ ପୁରୁଣାକଟକ ମଧ୍ୟରେ ନୂତନ ଭାବେ ନିର୍ମିତ ରେଳ ଲାଇନର ନିରୀକ୍ଷଣ କରିଛନ୍ତି । ଏହି ନିରୀକ୍ଷଣ ପ୍ରକଳ୍ପର ଠିକ ସମୟରେ ସମାପ୍ତି ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ଓଡିଶାର ଉପାନ୍ତ ତଥା ଆକାଂକ୍ଷୀ ଅଂଚଳରେ ସଂଯୋଗକୁ ସୁଦୃଢ଼ କରିବାକୁ ପଦକ୍ଷେପ ନିଆଯାଇଅଛି ।

ଟ୍ରାକ୍ ବିଛାଇବାରେ ଅଗ୍ରଗତି: ନିର୍ମାଣ ୟୁନିଟ୍ ଦ୍ୱାରା ବୌଦ୍ଧ ଏବଂ ପୁରୁଣାକଟକ ମଧ୍ୟରେ ଥିବା ନୂତନ ନିର୍ମିତ ଟ୍ରାକ୍ ରେ ଇଞ୍ଜିନ ଗଡ଼ିବା ଏବଂ ପରୀକ୍ଷଣ ସଫଳତାର ସହିତ ସମାପ୍ତ ହୋଇସାରିଛି ।

ପ୍ରକଳ୍ପ ସମାପ୍ତି: ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ମୋଟ ୩୦୧ କିଲୋମିଟର ଦୈର୍ଘ୍ୟ ମଧ୍ୟରୁ ଆଜି ପର୍ଯ୍ୟନ୍ତ ୨୨୬ କିଲୋମିଟରର କାର୍ଯ୍ୟ ଶେଷ ହୋଇଛି ଏବଂ ତନ୍ମଧ୍ୟରୁ ୧୯୯ କିଲୋମିଟର କାର୍ଯ୍ୟକ୍ଷମ ହୋଇସାରିଛି ।

ନୂତନ ସେକ୍ସନ ରେପ୍ରକଳ୍ପର ଅଗ୍ରଗତି: ପୁରୁଣାକଟକ ଏବଂ ବୌଦ୍ଧ ମଧ୍ୟରେ ୨୭ କିଲୋମିଟରର ଦୂରତା ସମାପ୍ତ ହେବା ସହିତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରାଯାଇଥିଲା । ପୁରୁଣାକଟକ ଏବଂ ଚମ୍ପାପୁର ମଧ୍ୟରେ ନୂତନ ଭାବେ ନିର୍ମିତ ରେଳ ଷ୍ଟ୍ରେଚରେ ୯ ଟି ପ୍ରମୁଖ ସେତୁ, ୨ ଟି ରୋଡ୍ ଓଭର ବ୍ରିଜ୍ , ୧୫ ଟି ରୋଡ୍ ଅଣ୍ଡର ବ୍ରିଜ୍ ଏବଂ ୩୫ ଟି ଛୋଟ ବ୍ରିଜ୍ ଅନ୍ତର୍ଭୁକ୍ତ, ଯାହା ନିରାପତ୍ତା ଏବଂ ଦକ୍ଷ ରେଳ ଚଳାଚଳ ପାଇଁ ସହଜ ଅଟେ ।

ଚାଲୁରହିଥିବା ନିର୍ମାଣ ପ୍ରୟାସ: ବଡ ଦୈର୍ଘ୍ୟର ଅଂଶ ଭାବରେ ବୌଦ୍ଧ ଠାରୁ ଚମ୍ପାପୁର ପର୍ଯ୍ୟନ୍ତ ରେଳ ଲାଇନ ସେକ୍ସନରେ ନିର୍ମାଣ କାର୍ଯ୍ୟ ମେ ୨୦୨୪ ରେ ଶେଷ ହୋଇଥିଲା ଏବଂ ଅବଶିଷ୍ଟ ବିଭାଗରେ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଦ୍ରୁତ ଗତିରେ ଆଗକୁ ବଢୁଛି । ନିର୍ମାଣ କାର୍ଯ୍ୟର ସମାପ୍ତିକୁ ତ୍ୱରାନ୍ୱିତ କରିବାକୁ, ପ୍ରକଳ୍ପର ଉଚ୍ଚାଭିଳାଷୀ ସମୟସୀମାକୁ ପାଳନ କରିବା ସୁନିଶ୍ଚିତ କରି ଏକକାଳୀନ ଉଭୟ ପ୍ରାନ୍ତରୁ କାର୍ଯ୍ୟ ଚାଲୁରହିଛି ।

ଅବଶିଷ୍ଟ ବିଭାଗ: ସମୁଦାୟ ୩୦୧ କିଲୋମିଟର ମଧ୍ୟରୁ ପୁରୁଣାକଟକ ଏବଂ ଦଶପଲ୍ଲା ମଧ୍ୟରେ ଅବଶିଷ୍ଟ ୭୫ କିଲୋମିଟର ରେଳ ସେକ୍ସନ ଯାହା ଘଂଚ ଜଙ୍ଗଲ ଏବଂ ଅଭୟାରଣ୍ୟ ମଧ୍ୟରେ ଗତିକରୁଛି ସେଥିରେ ଟନେଲ ନିର୍ମାଣର କଠିନ କାର୍ଯ୍ୟ ଅନ୍ତର୍ଭୁକ୍ତ ଅଛି । ଏହି ଟନେଲଗୁଡିକର ସମାପ୍ତି, ପ୍ରକଳ୍ପ ପାଇଁ ଏକ ପ୍ରମୁଖ ସଫଳତା ହେବ ବୋଲି ଆଶା କରାଯାଉଛି ।

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ପରିବହନ ତଥା ଅର୍ଥନୈତିକ ବିକାଶକୁ ବିଶେଷ ଭାବରେ ଓଡିଶାର ଅଧିକ ଉପାନ୍ତ ତଥା ଆକାଂକ୍ଷା ଅଂଚଳରେ ବୃଦ୍ଧି କରିବାକୁ ପ୍ରସ୍ତୁତ ହେଉଛି । ପ୍ରମୁଖ ସହର ମାନଙ୍କ ସହିତ ସଂଯୋଗକୁ ଉନ୍ନତ କରି ଏହି ରେଳ ଲାଇନ ଟ୍ରେନ୍ ଯାତାୟାତକୁ ସୁଗମ କରିବା ସହିତ ଆଂଚଳିକ ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ସହାୟକ ହେବ ।

ଶ୍ରୀ ଫୁଙ୍କୱାଲ ତାଙ୍କ ଯାଂଚ ସମୟରେ ନିର୍ମାଣର ଗତିଧାରା ବଜାୟ ରଖିବା ଏବଂ ସମସ୍ତ ପ୍ରସ୍ତାବିତ ଷ୍ଟେସନରେ ଆବଶ୍ୟକ ଯାତ୍ରୀ ସୁବିଧା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଆହୁରି ମଧ୍ୟ ଆତ୍ମବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ କଠିନ ଭୂମି, ବିଶେଷକରି ଟନେଲ ଥିବା ରେଳ ସେକ୍ସନ ମାନଙ୍କରେ ଇଂଜିନିୟରିଂ ଆହ୍ୱାନ ସତ୍ତ୍ୱେ ଏହି ପ୍ରକଳ୍ପ ଠିକ ସମୟରେ ଶେଷ ହେବ ।

ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ନିର୍ଦ୍ଧାରିତ ସମୟରେ ସମ୍ପାଦନ କରିବାକୁ ପୂର୍ବତଟ ରେଳପଥ ପ୍ରତିଶ୍ରୁତିବଦ୍ଧ ଥିବାବେଳେ ଏହା ରେଳ ମନ୍ତ୍ରଣାଳୟର ଦୃଷ୍ଟି ଆକର୍ଷଣରେ କାର୍ଯ୍ୟକାରୀ କରାଯାଉଅଛି । ବୌଦ୍ଧ-ପୁରାଣକଟକ ରେଳ ସେକ୍ସନର ସଫଳ ସମାପ୍ତି ହେଉଛି ଏକ ପ୍ରମୁଖ ପଦକ୍ଷେପ ଏବଂ ସବୁଠାରୁ କଠିନ ପରିବେଶରେ ଜଟିଳ ଭିତ୍ତିଭୂମି ବିତରଣ ପାଇଁ ଇଞ୍ଜିନିୟରିଂ ଚ୍ୟାଲେଞ୍ଜକୁ ଦୂର କରିବାରେ ଭାରତୀୟ ରେଳବାଇର ଉତ୍ସର୍ଗୀକୃତ ପ୍ରଦର୍ଶନ କରୁଅଛି ।

ରେଳ ସୁରକ୍ଷା ଆୟୁକ୍ତ (କମିଶନର) ଙ୍କ ସଫଳ ନିରୀକ୍ଷଣ ଓ ତାଙ୍କର ଅନୁମତି ପାଇବା ପରେ ଏବଂ ଆନୁସଙ୍ଗିକ ଭିତ୍ତିଭୂମି ତଥା ଯାତ୍ରୀ ସୁବିଧା ଗୁଡିକର କାର୍ଯ୍ୟ ସମାପ୍ତ ହେବା ପରେ ନୂତନ ଭାବେ ନିର୍ମିତ ରେଳ ସେକ୍ସନ ଗୁଡ଼ିକରେ ଟ୍ରେନ୍ ସେବା ଚଳାଇବାକୁ ନିଷ୍ପତ୍ତି ନିଆଯିବ । ନିୟମିତ କାର୍ଯ୍ୟ ପାଇଁ ଟ୍ରାକର ଫିଟନେସ୍ ସୁନିଶ୍ଚିତ କରିବାକୁ ଏକ ହାଲୁକା ଇଞ୍ଜିନ୍ ଟ୍ରାଏଲ୍ ରନ୍ ପୂର୍ବରୁ ପରୀକ୍ଷଣ କରାଯାଇ ଅଛି ।

ଏହି ପ୍ରକଳ୍ପ ଅଗ୍ରଗତି ଜାରି ରଖିଥିବାରୁ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ସଂଯୋଗୀକରଣ ବୃଦ୍ଧି ତଥା ଓଡିଶାରେ ଅର୍ଥନୈତିକ ବିକାଶ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ ହୋଇ ରହିଛି।

## ମାଣ୍ଡିଆ ଦିବସର ଶୁଭେଚ୍ଛା ଜଣାଇଲେ ନବୀନ ପଟ୍ଟନାୟକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମାଣ୍ଡିଆ ଦିବସର ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ଆମ ପାରମ୍ପରିକ ଖାଦ୍ୟ ମଧ୍ୟରେ ମାଣ୍ଡିଆ ସ୍ୱତନ୍ତ୍ର। ଏଥିରେ ଥିବା ପୁଷ୍ଟିକର ତତ୍ତ୍ୱ ସୁସ୍ଥ ଜୀବନଯାପନରେ ବଡ଼ ମହତ୍ତ୍ୱପୂର୍ଣ୍ଣ। ଆମ ଦୈନନ୍ଦିନ ଖାଦ୍ୟଶୃଙ୍ଖଳାରେ ଏହାକୁ ସାମିଲ କରିବା ଦିଗରେ ଅନେକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛୁ; ଯାହା ବିଶ୍ୱ ଦରବାରରେ ଏହାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମାଣ୍ଡିଆ ଦିବସରେ ଆସନ୍ତୁ ଏହାକୁ ଆହୁରି ବ୍ୟାପକ କରିବା ଦିଗରେ ସଙ୍କଳ୍ପବଦ୍ଧ ହେବା ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. MCSW-FurACCoach-24-25-26

କାର୍ଯ୍ୟର ନାମ : 24(ଚବିଶ) ମାସ ସମୟାବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ଏସି BG କୋଚ୍‌ଗୁଡ଼ିକର ସାଜସଜ୍ଜା (Furnishing) ।

ବିଜ୍ଞାପିତ ମୂଲ୍ୟ (₹) : 1,80,89,694.72, EMD (₹): 2,40,500.00, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.11.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.12.2024 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର (POH),
PR-716/P/24-25 ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

# ଆଜି ଝାଡ଼ଖଣ୍ଡ ଯିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାଡଖଣ୍ଡ ଗସ୍ତରେ ଯିବେ । ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ବିଜେପି ପ୍ରାର୍ଥୀ ପ୍ରଚାର କରିବେ। ମୁଖ୍ୟମନ୍ତ୍ରୀ ଏହି ଗସ୍ତରେ ମାରାଥନ୍ ସଭା ଓ ରୋଡ୍ ସୋ' କରିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀ ଷଢ଼େଇକଳା ଖରସୁଆଁ ଓ ସିଂହଭୂମିରେ ସଭା କରିବେ ।

## ବିଜେଡି ଦ୍ୱାରା ଜୟୀ ରାଜଗୁରୁଙ୍କ ଜୟନ୍ତୀ ପାଳିତ

# ଜୟୀ ରାଜଗୁରୁ ଥିଲେ ସ୍ୱାଧୀନତା ବିଦ୍ରୋହର ଅମଳିନ ବହ୍ନି ଶିଖା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜୟୀ ରାଜଗୁରୁ ଥିଲେ ଆଜନ୍ମ ମାତୃଭୂମିର ପୂଜାରୀ । ଦେଶ ଓ ଜାତି ପାଇଁ ତାଙ୍କ ତ୍ୟାଗ ଆଜି ବି ଓଡ଼ିଆ ଜାତିର ଏକ ଲୋମହର୍ଷଣକାରୀ ଇତିହାସ ବୋଲି ରବିବାର ଜୟନ୍ତୀ ସଭାରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଜୟୀ ରାଜଗୁରୁ ଙ୍କ ୨୮୫ ତମ ଜୟନ୍ତୀ ଉତ୍ସବ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ପାଳନ କରାଯାଇଅଛି ।ପ୍ରଥମେ ବରପୁତ୍ର ଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସତ୍ୟବ୍ରତ ଜେନା, ଗିରିଜା ଶଙ୍କର ମହାପାତ୍ର, ଚନ୍ଦନ ନାୟକ, ଅମିତ୍ ପାତାଳ ସିଂ, ଦେବାଶିଷ ନାୟକ, ଗୁରୁଚରଣ ସାହୁ, ସୁଶାନ୍ତ ସାହୁ ପ୍ରମୁଖ ଯୋଗଦାନ କରିଥିଲେ।



ଭୁବନେଶ୍ୱର
୧୧ ନଭେମ୍ବର
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

# ୧୪ ଦିନିଆ ବିଦେଶ ଗସ୍ତରୁ ଫେରିଲେ ବାଚସ୍ପତି ସୁରମା ପାଢ଼ୀ



**ଭୁବନେଶ୍ୱର ୧୦।୧୧ ନ୍ୟୁଜ ବ୍ୟୁରୋ**

୧୪ ଦିନିଆ ବିଦେଶ ଗସ୍ତ ସାରି ଓଡ଼ିଶା ଫେରିଲେ ବାଚସ୍ପତି ସୁରମା ପାଢ଼ୀ । ଅଷ୍ଟ୍ରେଲିଆ ସିଡ୍‌ନୀ ଠାରେ ମିଳିତ ଜାତିସଂଘ ସଂସଦୀୟ ସଂଗଠନ ବୈଠକ ୩ରୁ ୮ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଜାପାନର ଟୋକିଓ ଏବଂ ସାଉଥ୍ କୋରିଆର ସିଓଲ ଠାରେ ପ୍ରବାସୀ ଓଡ଼ିଆମାନଙ୍କୁ ଶ୍ରୀମତୀ ପାଢି ସାକ୍ଷାତକରିଥିଲେ। ଏହି ସମୟରେ ଭାରତୀୟ ଦୂତବାସ ସହିତ ସାକ୍ଷାତ କରିବା ସହିତ ସ୍ଥାନୀୟ ପର୍ଯ୍ୟଟନ ଓ ଧାର୍ମିକ ସ୍ଥଳ ବୁଲିଥିଲେ । ବୈଠିକ ବହୁତ ଗୁରୁତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରିବା, ଏଆଇର ବ୍ୟବହାର ଏବଂ ବ୍ୟବହାର ସମୟରେ ଆସୁଥିବା ସମସ୍ୟା ଓ ତା'ର ସମାଧାନକୁ ନେଇ ଆଲୋଚନା ହୋଇଥିଲା । ଅନେକ ମହିଳା ସାଂସଦ ମଧ୍ୟ ବୈଠକରେ ଯୋଗ ଦେଇଥିଲେ । ଦକ୍ଷତା ବିକାଶ ସହିତ ସେମାନଙ୍କୁ କିପରି ସୁରକ୍ଷା ପ୍ରଦାନ କରିବା ସେ ବିଷୟରେ ଆଲୋଚନା ହୋଇଥିଲା । ଏହି ବୈଠକ ବେଶ୍ ସଫଳ ଓ ଫଳପ୍ରଦ ଥିଲା ବୋଲି ସୁରମା ପାଢୀ କହିଛନ୍ତି ।

# ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବିଦେଶୀ ବାନର ଖୁଆଡ଼ ଉଦ୍‌ଘାଟିତ

**ଭୁବନେଶ୍ୱର,୧୦/୧୧ ନ୍ୟୁଜ ବ୍ୟୁରୋ**

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ରବିବାର ଅପରାହ୍ନରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ନିର୍ମାଣ କରାଯାଇଥିବା ନୂତନ ବିଦେଶୀ ବାନର ଖୁଆଡକୁ ଉଦ୍‌ଘାଟନ କରିଛନ୍ତି । ବିଶ୍ୱ ବାନର ଜଗତକୁ ଦୃଷ୍ଟିରେ ରଖି ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ନୂତନ ବିଦେଶୀ ବାନର ଖୁଆଡ ନିର୍ମାଣ କରାଯାଇଛି। ଏହି ପ୍ରାକୃତିକ ଖୁଆଡରେ ବିଶ୍ୱର ସାତ ପ୍ରଜାତିର ବାନର ରଖାଯାଇଛି । ସେଗୁଡିକ ତୁଳା ମୁଣ୍ଡିଆ ଟାମାରିନ, ସୁନେଲି ହାତ ଟାମାରିନ, ସିଆମଙ୍ଗ, କଳାକାନ ମାର୍ମୋସେଟ, ଧଳାକାନ ମାର୍ମୋସେଟ, ଜିଓଫ୍ରେ ମାର୍ମୋସେଟ ଏବଂ ଗୁଣ୍ଡୁଚି ମାଙ୍କଡ। ଏହି ସାତୋଟି ବାନର ପ୍ରଜାତି ମଧ୍ୟରୁ ଚାରଟି ପ୍ରଜାତି ଯଥା-ତୁଳା ମୁଣ୍ଡିଆ ଟାମାରିନ, ସିଆମଙ୍ଗ, ଧଳାକାନ ମାର୍ମୋସେଟ ଓ ଜିଓଫ୍ରେ ମାର୍ମୋସେଟ ଉଦ୍ୟାନରେ ନୂତନ ଆକର୍ଷଣ ଭାବରେ ଯୋଡାଯାଇଛି । ଏସ.ଏନ. ମହାନ୍ତି ଗ୍ରୁପ, ବଡବିଲ, କେନ୍ଦୁଝର ପ୍ରୋତ୍ସାହନଦାତାଙ୍କ ମାଧ୍ୟମରେ ଏହି ନୂତନ ପ୍ରଜାତିଗୁଡିକ ସଂଗ୍ରହ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଖୁଆଡ ସମୂହଟି ୧୩ ହଜାର ୬୬୫ ବର୍ଗ ଫୁଟ ଭୂମିରେ ବିକଶିତ ହୋଇଛି । ଏଥିରେ ସାତଟି ପ୍ରାକୃତିକ ପରିବେଶ ବେଷ୍ଟିତ ଖୁଆଡ, ୧୮ଟି ଖାଦ୍ୟଗ୍ରହଣ ଗୃହ, ୧୦ଟି ବ୍ୟାକ୍‌କ୍ରଲ ଅନ୍ତର୍ଭୁକ୍ତ। ଏହି ବିଦେଶୀ ବାନର ଖୁଆଡ଼ ସମୂହଟି ୧ କୋଟି ୭୫ ଲକ୍ଷ ଟଙ୍କା ବିନିଯୋଗରେ ନିର୍ମାଣ କରାଯାଇଛି । ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ବାନର ଖୁଆଡ଼ଟିରେ ଉନ୍ନତମାନର ରାସ୍ତା, କାଚବାଡ଼ଯୁକ୍ତ ପ୍ରଦର୍ଶନୀ ଖୁଆଡ, ଜଳ ଫୁଆର, ପ୍ରାକୃତିକ ସୌନ୍ଦର୍ଯ୍ୟବେଷ୍ଟିତ କରାଯାଇଛି ।



# ଡିସେମ୍ବର ୪ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

**ଭୁବନେଶ୍ୱର, ୧୦/୧୧ ନ୍ୟୁଜ ବ୍ୟୁରୋ**

ଡିସେମ୍ବରରେ ପୁଣି ଓଡ଼ିଶା ଆସିବେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ। ପୁରୀରେ ନୌସେନା ଦିବସ ପାଳନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେବେ । ପୁରୀ ବ୍ଲୁ ଫ୍ଲାଗ ବିଚ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ନୌସେନାର 'ଅପରେସନ ଡେମୋନଷ୍ଟ୍ରେସନ' ପ୍ରଦର୍ଶିତ ହେବ । ଏଥିପାଇଁ ନୌସେନା ପକ୍ଷରୁ ପ୍ରସ୍ତୁତି ଜାରି ରହିଛି । ଏହି 'ଅପରେସନ ଡେମୋନଷ୍ଟ୍ରେସନ' ବା ପରିଚାଳନାଗତ ପ୍ରଦର୍ଶନୀରେ ନୌସେନା ନିଜର ଅଜେୟ ସାମୁଦ୍ରିକ କ୍ଷମତା ଓ ଶକ୍ତି ପ୍ରଦର୍ଶନ କରିବା ଲାଗି ପ୍ରସ୍ତୁତ କରିଛି । ଏହି କାର୍ଯ୍ୟକ୍ରମରେ ନୌସେନା ବହୁମୁଖୀ କ୍ଷମତାକୁ ପ୍ରଦର୍ଶିତ କରିବ। ନାଗରିକଙ୍କ ମଧ୍ୟରେ ସମୁଦ୍ରକୁ ନେଇ ସଚେତନତା ବୃଦ୍ଧି କରିବ ଏବଂ ଭାରତର ସମୃଦ୍ଧ ସାମୁଦ୍ରିକ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ କରିବାରେ ସହାୟକ ହେବ । ତେବେ ନୌସେନା ପକ୍ଷରୁ ହେଉଥିବା ଏହି 'ଅପରେସନ ଡେମୋନଷ୍ଟ୍ରେସନ୍' କାର୍ଯ୍ୟକ୍ରମକୁ ସମୁଦ୍ର କୂଳରୁ ଲାଇଭ ପ୍ରଦର୍ଶନକୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ପାଇଁ ବସିବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

# କଟକ ପ୍ରସିଦ୍ଧ ବାଲିଯାତ୍ରାକୁ ଉଦ୍‌ଘାଟନ୍ କରିବେ ମୁଖ୍ୟମନ୍ତ୍ରୀ

**କଟକ ୧୦/୧୧ ନ୍ୟୁଜ ବ୍ୟୁରୋ**

ବାଲିଯାତ୍ରା ଉଦ୍‌ଘାଟନ ଉତ୍ସବରେ କେଉଁ ଭିଆଇପି ଅତିଥି ଭାବେ ଯୋଗ ଦେବେ ତାକୁ ନେଇ ଦ୍ୱନ୍ଦ୍ୱ ଲାଗିରହିଥିଲା। ଫଳରେ ବାଲିଯାତ୍ରା ଅୟୋଜକ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ନିମନ୍ତ୍ରଣ କାର୍ଡରେ କୌଣସି ଅତିଥିଙ୍କ ନାଁ ରଖାଯାଇନଥିଲା । ଏମିତିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାଲିଯାତ୍ରାକୁ ଆସିବାର ସମ୍ଭାବନା ଥିବା କୁହାଯାଉଥିବା ବେଳେ ଏନେଇ କିଛି ଦ୍ୱନ୍ଦ୍ୱ ଦୂର ହୋଇଛି ବୋଲି କୁହାଯାଇପାରେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଯାତ୍ରା ଉତ୍ସବ ଉଦ୍‌ଘାଟନ କରିବେ । ୧୫ତାରିଖ ସନ୍ଧ୍ୟା ସାଢେ ୫ଟା ବେଳକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କଟକ ଆସି ବାଲିଯାତ୍ରାର ଶୁଭାରମ୍ଭ କରିବେ ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପ୍ରକାଶ କରିଛନ୍ତି । ତାଙ୍କ ସହିତ ଅନ୍ୟ କୌଣସି ମନ୍ତ୍ରୀ ଯୋଗ ଦେଇପାରନ୍ତି ବୋଲି କୁହାଯାଉଛି । ତେବେ ଦୀର୍ଘ ବର୍ଷ ପରେ ବାଲିଯାତ୍ରା ଉତ୍ସବ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଲାଗି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଜିଲ୍ଲାପାଳ ଶିନ୍ଦେଙ୍କ ସମେତ ଡିସିପି ଜଗମୋହନ ମୀନା, ସିଏମ୍‌ସି କମିସନର ଅନାମ ଚରଣ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶିବ ଟାପୋ, ଡ. ଦିବ୍ୟଲୋଚନ ମହାନ୍ତ, ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟଙ୍କ ସମେତ ସଦର ଓ ବାଙ୍କୀ ଉପଜିଲ୍ଲାପାଳ, ଟିପିସିଓଡିଏଲ୍, ୱାଟକୋ, ପୂର୍ତ୍ତ, ଜନସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଯନ୍ତ୍ରୀ, ସିଏମ୍‌ସି ଅଧିକାରୀ, ପୁଲିସ, ଅଗ୍ନିଶମ ବିଭାଗ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବାଲିଯାତ୍ରା ଉଦ୍‌ ?ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ଅତିଥିମାନେ ଆସିବେ । ତେବେ ଅତିଥିମାନଙ୍କୁ ପାରମ୍ପରିକ ଢଙ୍ଗରେ ମହାନଦୀରେ ବୋଇତ ମାଧ୍ୟମରେ ମଞ୍ଚ ନିକଟକୁ ଅଣାଯିବ । ଏନେଇ ସୁସଜ୍ଜିତ ୫ଟି ବୋଇତ ପ୍ରସ୍ତୁତ କରାଯାଉଛି । ଅତିଥିମାନେ କଟକ ସିଲଭର ସିଟି ବୋଟିଂ କ୍ଲବ୍ ? ନିକଟରେ ଏକାଠି ହେବେ । ସେଠାରୁ ମଞ୍ଚ ନିକଟକୁ ପାଖାପାଖି ୫ଶହ ମିଟର ବୋଇତରେ ଅଣାଯିବାକୁ ଜିଲ୍ଲା ପ୍ରଶାସନ ବ୍ୟବସ୍ଥା କରିଛି । ଗତ କିଛିବର୍ଷ ଧରି ଅତିଥିମାନଙ୍କୁ ଏଭଳି ବ୍ୟବସ୍ଥାରେ ଅଣାଯାଉଥିବା ବେଳେ ପ୍ରାଚୀନ ନୌବାଣିଜ୍ୟ ପରମ୍ପରାକୁ ଜୀବନ୍ତ କରୁଛି ।




**୫ ବୋଇତରେ ଆସିବେ ଅତିଥି**

# ଭାରତରେ ବନ୍ଦ ହେଲା ପୁରୁଣା ୫ ଟଙ୍କିଆ କଏନ

**ମୁମ୍ବାଇ ୧୦।୧୧**

ଭାରତୀୟ ବଜାରରେ ୫ ଟଙ୍କିଆ କଏନର ଯଥେଷ୍ଟ ଗୁରୁତ୍ୱ ରହିଛି । ହେଲେ ଏବେ ବଜାରରେ ଆଉ ପୁରୁଣା ୫ ଟଙ୍କିଆ କଏନ ମିଳୁ ନାହିଁ। ଆପଣ ବି ମୋଟା ୫ ଟଙ୍କିଆ କଏନର ଅଭାବ ଏବେ ଅନୁଭବ କରୁଥିବେ। ପୁରୁଣା ୫ ଟଙ୍କିଆ କଏନ ବେଶ୍ ମୋଟା ଥିଲା। ଏହାକୁ ତିଆରି କରିବା ପାଇଁ ଅନେକ ମାତ୍ରାରେ ଧାତୁ ଆବଶ୍ୟକ ହେଉଥିଲା। ଏହି ଧାତୁର ଉପଯୋଗ ଅନ୍ୟ ଉତ୍ପାଦ ଯେପରି ବ୍ଲେଡ ତିଆରି କରିବାରେ ବି ହେଉଥିଲା। ଏଣୁ ଏହି କଏନ ଗୁଡିକର ଦୂରୁପଯୋଗ ମଧ୍ୟ ଆରମ୍ଭ ହୋଇଯାଇଥିଲା। ଏହି ମୋଟା ୫ ଟଙ୍କିଆ ମୁଦ୍ରାର ଅବୈଧ ତସ୍କରୀ ମଧ୍ୟ ଚିନ୍ତାଜନକ ହୋଇଥିଲା। ଖାସ କରି ବାଂଲାଦେଶରେ ଏହି ମୁଦ୍ରାଗୁଡିକୁ ତରଳାଇ ଏହି ଧାତୁରେ ବ୍ଲେଡ ଭଳି ସାମଗ୍ରୀ ତିଆରି ହେଉଥିଲା। ଗୋଟିଏ ମୁଦ୍ରାରୁ ୬ଟି ବ୍ଲେଡ ତିଆରି ହେଉଥିଲା ଓ ସେଥିରୁ ହେଉଥିବା ଉପାର୍ଜନ ଏହାର ଦୂରୁପଯୋଗକୁ ଆହୁରି ବଢେଇ ଦେଇଥିଲା। ଯେତେବେଳେ ଏହି ସୂଚନା ଭାରତୀୟ ରିଜର୍ଭବ୍ୟାଙ୍କ (ଆରବିଆଇ)ଙ୍କୁ ମିଳିଲା ସେ ତତ୍କାଳ ଏହା ଉପରେ ଧ୍ୟାନ ଦେବା ସହ ଏହି ମୁଦ୍ରା ଉତ୍ପାଦନକୁ ରୋକି ଦେଇଥିଲେ। ଏହା ପରେ ବଜାରରୁ ଧିରେ ଧିରେ ଏହି ମୁଦ୍ରା ଗାୟବ ହେବାରେ ଲାଗିଲା। ଆରବିଆଇ ନୂଆ ମୁଦ୍ରା ତିଆରିରେ ଅନେକ ପରିବର୍ତ୍ତନ କରିଛନ୍ତି। ନୂଆ ମୁଦ୍ରା ପୂର୍ବାପେକ୍ଷା ପତଳା ଓ ବଡ ରହୁଛି। ଏଥି ପାଇଁ ପୂର୍ବରୁ ବ୍ୟବହାର ହେଉଥିବା ଧାତୁକୁ ମଧ୍ୟ ବଦଳାଇ ଦିଆଯାଇଛି, ଯେପରି ଏହାର ଦ୍ୱିତୀୟବାର ଦୂରପଯୋଗ ନ ହୁଏ। ନୂଆ ମୁଦ୍ରାର ମେଟେରିଆଲରୁ ବ୍ଲେଡ ଭଳି ଜିନିଷ ତିଆରି ହୋଇ ପାରିବନି। ଏଣୁ ଏହାର ତସ୍କରୀ ଏବେ ବନ୍ଦ ହୋଇଯାଇଛି। ଆରବିଆଇ ଓ ଭାରତ ସରକାର ଏହା ସୁନିଶ୍ଚିତ କରିଛନ୍ତି ଯେ ମୁଦ୍ରା ଏପରି ଧାତୁରେ ତିଆରି ହେବ ଯାହା କେବଳ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ନୁହେଁ ଯାହାର ଦୁରୁପଯୋଗ ମଧ୍ୟ ହୋଇ ପାରିବନି। ଏହା ଦ୍ୱାରା ଭାରତୀୟ ମୁଦ୍ରାର ସୁରକ୍ଷା ଆହୁରି ମଜଭୁତ ହେବ ବୋଲି ଆରବିଆଇର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି।



# ଡମ୍ବର ଚଢାଇ ଦୁଇ ଜଣଙ୍କୁ ହତ୍ୟା

**ଆନନ୍ଦପୁର, ୧୦/୧୧**
**ନ୍ୟୁଜ ବ୍ୟୁରୋ**

ଘସିପୁରା ଥାନା ନଦୁଆଁ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ବ୍ୟକ୍ତି ଡମ୍ବର ଚଢାଇ ଜଣେ ବୃଦ୍ଧା ଓ ଜଣେ ମହିଳାଙ୍କୁ ହତ୍ୟା କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ମୃତକ ନାମ ଉକ୍ତ ଗ୍ରାମର ପାଣ୍ଡୁ ପୃଷ୍ଟି ଓ ସଞ୍ଜୁ ପଲେଇ ବୋଲି ଜଣା ପଡିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଘଟଣା ଘଟାଇ ଥିବା କୁହାଯାଇଛି । ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଛି । ଏହାକୁ ନେଇ ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଚାପା ଉତ୍ତେଜନା ଲାଗି ରହିଛି । ଗ୍ରାମବାସୀ ଅଭିଯୁକ୍ତ ଡ୍ରାଇଭର ଭଞ୍ଜ ପୃଷ୍ଟିକୁ ଧରି ପୋଲିସ ଜିମା ଦେଇଥିବା ବେଳେ ଘସିପୁରା ପୋଲିସ ଅଟକ ରଖି ଘଟଣାର ତଦନ୍ତ କରୁଛି । ଘଟଣାର ପ୍ରକୃତ କାରଣ ଜଣାପଡି ନ ଥିଲେ ସୁଦ୍ଧା ପୂର୍ବରୁ ଭଞ୍ଜଙ୍କ ସହିତ ପାଣ୍ଡୁଙ୍କ ବିବାଦ ଥିଲା । ତାଙ୍କୁ ଓ ତାଙ୍କ ଘରକୁ ଗାଡି ଚପାଇ ଦେବାକୁ ଧମକ ଦେଇ ଆସୁଥିଲା । ରବିବାର ଦିନ ପୁଣି ଝଗଡା ହେବାରୁ ଉତକ୍ଷିପ୍ତ ହୋଇ ଏଭଳି କାଣ୍ଡ ଭିଆଇ ଥିବା ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ମିଳିଛି । ଏନେଇ ଘସିପୁରା ଥାନା ଅଧିକାରୀ ରମାକାନ୍ତ ସଏ କହିଛନ୍ତି ଯେ, ଚାଳକକୁ ଅଟକ ରଖାଯାଇଛି । ଏତେଲା ମିଳିବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ରାଜ୍ୟରେ ରହିବନି ଆଳୁ ସଙ୍କଟ, 'ଆଳୁ ମିଶନ' ମାଧ୍ୟମରେ ଉତ୍ପାଦନ ହେବ ତିନି ଗୁଣ



**ବଲାଙ୍ଗୀର, ୧୦/୧୧**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଆଉ ରହିବନି ଆଳୁ ସଙ୍କଟ। ଏଣିକି ରାଜ୍ୟରେ 'ଆଳୁ ମିଶନ' ଜରିଆରେ ଉତ୍ପାଦିତ ହେବ ତିନି ଗୁଣ ଆଳୁ । ଚାଷୀଙ୍କୁ ଆଳୁ ବିହନ ବଣ୍ଟନ ଜାରି ରହିଥିବା ନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ରାଜ୍ୟରେ ଆଳୁର ଚାହିଦା ଅଧିକ ଥିବା ବେଳେ ଉତ୍ପାଦନ କମ୍ ରହିଆସିଛି । ଆଳୁ ପାଇଁ ରାଜ୍ୟକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ତେବେ ଆଗକୁ ଯେମିତି ଆଳୁ ସଙ୍କଟ ରାଜ୍ୟରେ ହେବ ନାହିଁ, ତା'ପାଇଁ ସରକାର 'ଆଳୁ ମିଶନ' ଯୋଜନା ଆରମ୍ଭ କରିଛନ୍ତି । ଏଥି ପାଇଁ ଚାଷୀଙ୍କୁ ଆଳୁ ବିହନ ବଣ୍ଟନ ଜାରି ରହିଛି । ତେବେ ଏହି କ୍ରମରେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିରୁ ଆଳୁ ବିହନ ବଣ୍ଟନ ଆରମ୍ଭ ହୋଇଛି । ଯାହାର ଶୁଭାରମ୍ଭ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କରିଛନ୍ତି । ସେହିପରି ଏହି କାର୍ଯ୍ୟକ୍ରମରେ ତାଙ୍କ ସହ ବଲାଙ୍ଗୀର ସାଂସଦ ସଂଗୀତା କୁମାରୀ ସିଂହଦେଓ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଓ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ଉପସ୍ଥିତ ଥିଲେ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି,'ରାଜ୍ୟରେ କିଛି ମାସ ଆଗରୁ ଆଳୁ ସଙ୍କଟ ଦେଖା ଦେଇଥିଲା । ସରକାର ପଶ୍ଚିମବଙ୍ଗ ଉପରେ ଆଳୁ ପାଇଁ ନିର୍ଭର କରୁଥିବା ବେଳେ ପଶ୍ଚିମବଙ୍ଗ ଯୋଗାଇ ନଥିଲା । ତେଣୁ ରାଜ୍ୟ ସରକାର ଉତ୍ତର ପ୍ରଦେଶରୁ ଆଳୁ ଆମଦାନୀ କରିଥିଲେ । ତେବେ ସବୁ ବର୍ଷ ଏହି ସମସ୍ୟା ଲାଗି ରହିଥିବା ବେଳେ ଆଗକୁ ଯେମିତି ଆଳୁ ସଙ୍କଟ ନହେବ ସେଥିପାଇଁ ଆଳୁ ମିଶନ ଜରିଆରେ ରାଜ୍ୟ ସରକାର ଆଳୁ ଚାଷକୁ ଗୁରୁତ୍ୱ ଦେଇଛନ୍ତି ।

ସବୁ ଜିଲ୍ଲାରେ ୧୪ ହଜାର ହେକ୍ଟର ଜମିରେ ଆଳୁ ଚାଷ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକର । ଯାହାଦ୍ୱାରା ରାଜ୍ୟର ଆଳୁ ଉତ୍ପାଦନ ତିନି ଗୁଣ ବଢିବ ଓ ଆଳୁ ସଙ୍କଟ ହେବ ନାହିଁ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି । ତେବେ ପୂର୍ବ ବର୍ଷ ମଧ୍ୟ ଏହି ସମସ୍ୟା ରହିଥିଲା। ଯାହାକୁ ନେଇ ପୂର୍ବ ସରକାର ଆଳୁଚାଷ କରିବାର କହି ବିଳମ୍ବରେ ଆଳୁ ବିହନ ବାଣ୍ଟି ଥିଲେ । ଯାହାଫଳରେ ଆଳୁ ଚାଷ ସଫଳ ହୋଇ ପାରିନଥିଲା। ହେଲେ ଏ ସରକାର ସମୟ ପୂର୍ବରୁ ଅର୍ଥାତ୍ ନଭେମ୍ବର ମାସ ଆରମ୍ଭରୁ ଆଳୁ ବିହନ ବଣ୍ଟନ କରିବା ଆରମ୍ଭ କରିଛନ୍ତି। ଏଯାବତ୍ ୫୦ ହଜାର କ୍ୟୁଣ୍ଟାଲ ଆଳୁ ବିହନ ପହଞ୍ଚି ସାରିଛି ଓ ତା'ର ବଣ୍ଟନ ମଧ୍ୟ ୩୦ଟି ଜିଲ୍ଲାରେ ଜାରି ରହିଛି ।'

# କଟକ ଗଣଦୁଷ୍କର୍ମ ଘଟଣାରେ ଡିସିପିଙ୍କୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ଭୁବନେଶ୍ୱର, ୧୦/୧୧ ନ୍ୟୁଜ ବ୍ୟୁରୋ**

କଟକ ଗଣଦୁଷ୍କର୍ମ ମାମଲାରେ ରବିବାର ବିଜୁ ଜନତା ଦଳର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କଟକ ଡିସିପିଙ୍କୁ ଭେଟି ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଦାବି ଜଣାଇବା ସହିତ ରାଜ୍ୟରେ ମହିଳାମାନଙ୍କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇଛି ବୋଲି ମନ୍ତବ୍ୟ ରଖିଛନ୍ତି । ରାଜ୍ୟରେ ବିଜେପି ସରକାର ଆସିବା ପରେ, ଗତ ପାଞ୍ଚ ମାସରେ ସାତଟି ଗଣଦୁଷ୍କର୍ମ ଘଟଣା ଲୋକ ଲୋଚନକୁ ଆସିଛି, ଯାହା ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ସୂଚାଉଛି । କଟକର ବାଦାମବାଡ଼ି ପୋଲିସ ଥାନାରେ ନଭେମ୍ବର ୪ ତାରିଖରେ ରୁଜୁ ହୋଇଥିବା ଘଟଣାରେ, ଦଳିତ ପରିବାରର ଏକ ଝିଅକୁ କିଛି ଯୁବକ ପ୍ରାୟ ଏକ ମାସ ଧରି ବ୍ଲାକମେଲ କରିବା ସହିତ ଗଣଦୁଷ୍କର୍ମ କରି ଆସୁଥିଲେ ବୋଲି ଅଭିଯୋଗ ହୋଇଥିଲା। ଦୁଷ୍କର୍ମ କରିଥିବା ଯୁବକମାନେ ପୀଡ଼ିତାଙ୍କ କିଛି ଫଟୋ ରଖି ତାକୁ ବ୍ଲାକମେଲ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଛଅ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ଏହି ଘଟଣାର ଗୁରୁତ୍ୱ ଉପଲବ୍ଧି କରି ବିଜୁ ଜନତା ଦଳର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କଟକ ଡିସିପିଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଦଳ ତରଫରୁ ଦିଆଯାଇଥିବା ସ୍ମାରକ ପତ୍ରରେ କୁହାଯାଇଛି, ପୀଡିତାଙ୍କ ଅଭିଯୋଗ ବାଦାମବାଡ଼ି ପୋଲିସ ଥାନାରେ ଗ୍ରହଣ କରାଯିବା ପୂର୍ବରୁ ସେ ବାରଙ୍ଗ ଥାନା, ପୁରୀଘାଟ ଥାନା ଓ ସଦର ଥାନାକୁ ଯାଇଥିଲେ, କିନ୍ତୁ ସେଠାରେ ତାଙ୍କ ଅଭିଯୋଗ ଗ୍ରହଣ କରାଯାଇ ନଥିଲା। ଗୋଟିଏ ପଟେ ପୋଲିସ ତାଙ୍କ ଅଭିଯୋଗ ରଖୁ ନଥିଲା ବେଳେ, ଅପର ପକ୍ଷରେ ଦୁଷ୍କର୍ମକାରୀମାନେ ତାଙ୍କୁ ବ୍ଲାକମେଲ କରି ବାରମ୍ବାର ଗଣବଳାତ୍କାର କରୁଥିଲେ। ମାମଲା ରୁଜୁ ହେବା ନେଇ ପୋଲିସର ଟାଳଟୁଳ ନୀତି ସରକାରୀ ଦଳର ଇଙ୍ଗିତରେ ହୋଇଥିଲା ବୋଲି ସନ୍ଦେହ ପ୍ରକାଶ ପାଇଛି। ଦୁଷ୍କର୍ମ ଘଟିଥିବା କାଫେଟି ଗତ ନିର୍ବାଚନ ସମୟରେ ବିଜେପି କାର୍ଯ୍ୟାଳୟ ହୋଇଥିଲା ବୋଲି ଜଣାପଡିଛି, ଯାହା ସନ୍ଦେହର ମୁଖ୍ୟ କାରଣ । ସ୍ମାରକ ପତ୍ରରେ ପୀଡିତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଏହି ସବୁ ଦିଗରୁ ଅନୁସନ୍ଧାନ ହେଉ ବୋଲି ଦାବି କରିବା ସହିତ ଯେଉଁ ପୋଲିସ ଅଧିକାରୀମାନେ ଅଭିଯୋଗ ରଖି ନଥିଲେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଡିସିପିଙ୍କ ନିକଟରେ ଦାବି କରାଯାଇଛି। ଡିସିପିଙ୍କୁ ଭେଟି ଫେରିବା ପରେ ବିଜୁ ଜନତା ଦଳର ସଭାନେତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଗଣମାଧ୍ୟମରେ ନିଜର ପ୍ରତିକ୍ରିୟା ଦେଇ କହିଥିଲେ, ଗତ ପାଞ୍ଚ ମାସରେ ସାତଟି ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିଛି ଯାହା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ଦର୍ଶାଉଛି। ଏହି ଘଟଣା ଘଟିଥିବା କାଫେଟି ଗତ ନିର୍ବାଚନ ସମୟରେ ବିଜେପିର ଅଫିସ ହୋଇଥିବା ବେଳେ ଏହି ଘରର ମାଲିକ ଜଣେ ବିଜେପି କର୍ମୀ। ସେହିପରି, କାଫେଟିର ପାଖ ଘର ହେଉଛି ବିଜେପି କର୍ପୋରେଟରଙ୍କର। ପୋଲିସ ଅଭିଯୋଗ ଗ୍ରହଣ କରିବାରେ ବିଳମ୍ବର କାରଣ ଏହି ରାଜନୈତିକ ବ୍ୟକ୍ତି ହୋଇଥାଇ ପାରନ୍ତି। ଏମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ନାହିଁ। ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ସହିତ ଉପଯୁକ୍ତ ସୁରକ୍ଷା ପାଇଁ ଆମେ ଦାବି କରିଛୁ। ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ରେ ସ୍ନେହାଙ୍ଗିନୀ ଛୁରିଆଙ୍କ ବ୍ୟତୀତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଲୋପାମୁଦ୍ରା ବକ୍ସିପାତ୍ର, ଗୀତା ବସ୍ତିଆ, ଭାରତୀ ସିଂ, ମାନସୀ ସୁନ୍ଦରାୟ, ଇପ୍ସିତା ସାହୁ, ସୁମିତ୍ରା ଜେନା, ତନ୍ମୟା ରାୟ ଓ କଟକ ମହାନଗର ମହିଳା ସଭାପତି ପୂର୍ଣ୍ଣିମା ସିଂଙ୍କ ସହିତ ବହୁ ମହିଳା ନେତ୍ରୀ ଯୋଗ ଦେଇଥିଲେ ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଡି.ୱାଇ.ଚନ୍ଦ୍ରଚୁଡ଼ ଦେଇଥିବା ରାୟ ଭବିଷ୍ୟତରେ କୋର୍ଟ ପ୍ରକ୍ରିୟାରେ ଏକ ଉଦାହରଣ ହେବ

**ନୂଆଦିଲ୍ଲୀ,୧୦/୧୧**

ଦେଶର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୁଡ଼ଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଦେଶର ପରବର୍ତ୍ତୀ ସିଜେଆଇ ହେବେ ଜଷ୍ଟିସ ସଞ୍ଜୀବ ଖାନ୍ନା। ଡି.ୱାଇ ଚନ୍ଦ୍ରଚୁଡ଼ଙ୍କ କାର୍ଯ୍ୟକାଳ ଅତ୍ୟନ୍ତ ଆକର୍ଷଣୀୟ ଥିଲା, କାରଣ ସେ କେବଳ ଦୁଇବର୍ଷ ପାଇଁ କାର୍ଯ୍ୟଭାର ସମ୍ଭାଳିଛନ୍ତି। ତାଙ୍କ ଶେଷ କାର୍ଯ୍ୟ ଦିବସରେ ଚନ୍ଦ୍ରଚୁଡ଼ଙ୍କ ନେତୃତ୍ୱରେ ବସିଥିବା ଖଣ୍ଡପୀଠ ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟର ସଂଖ୍ୟାଲଘୁ ସ୍ଥିତି ସମ୍ପର୍କରେ ନିଜର ରାୟ ଦେଇଛନ୍ତି ଏବଂ ବିଶ୍ୱବିଦ୍ୟାଳୟର ସଂଖ୍ୟାଲଘୁ ମାନ୍ୟତା ବଜାୟ ରଖିଛନ୍ତି। ତେବେ ସିଜେଆଇଙ୍କ ଦ୍ୱାରା ପରିଚାଳିତ ୭ ଜଣିଆ ଖଣ୍ଡପିଠ ୪:୩ ବହୁମତରେ ଏହି ରାୟ ଦେଇଥିଲେ। ସିଜେଆଇଙ୍କ ବ୍ୟତୀତ ଏହି ସାମ୍ବିଧାନିକ ଖଣ୍ଡପୀଠରେ ଆଗାମୀ ସିଜେଆଇ ଜଷ୍ଟିସ୍ ଖାନ୍ନା, ସୂର୍ଯ୍ୟ କାନ୍ତ, ଜେବି ପାରଦୀୱାଲା, ଦୀପଙ୍କର ଦତ୍ତ, ମନୋଜ ମିଶ୍ର ଏବଂ ସତୀଶ ଚନ୍ଦ୍ର ଶର୍ମା ରହିଥିଲେ। ସୂଚନାଯୋଗ୍ୟ ଯେ, ସମ୍ବିଧାନର ଧାରା ୩୦ ଅନୁଯାୟୀ ଧାର୍ମିକ ଏବଂ ଭାଷା ସଂଖ୍ୟାଲଘୁ ସମ୍ପ୍ରଦାୟର ଶିକ୍ଷାନୁଷ୍ଠାନ ଗଠନ ତଥା ପରିଚାଳନା କରିବାର ଅଧିକାର ରହିଛି। ସିଜେଆଇ ଚନ୍ଦ୍ରଚୁଡ଼ଙ୍କ କାର୍ଯ୍ୟକାଳ ଶେଷ ହୋଇଛି, କିନ୍ତୁ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଅନେକ ବଡ଼ ରାୟ ଦେଇଛନ୍ତି, ଯାହା ଭବିଷ୍ୟତରେ କୋର୍ଟ ପ୍ରକ୍ରିୟାରେ ଏକ ଉଦାହରଣ ହେବାକୁ ଯାଉଛି। ସେହି ନିଷ୍ପତ୍ତି ତଥା ରାୟଗୁଡ଼ିକ ହେଲା- ଅଯୋଧ୍ୟାରେ ରାମ ଜନ୍ମଭୂମିରେ ଚାଲିଥିବା ମନ୍ଦିର ଉପରେ ସୁପ୍ରିମକୋର୍ଟଙ୍କ ରାୟ ପ୍ରଦାନ କରିଥିବା ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠଙ୍କ ମଧ୍ୟରେ ଚନ୍ଦ୍ରଚୁଡ଼ ଥିଲେ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ହିଁ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଯେଉଁଠାରେ ରାମଲାଲାଙ୍କ ପ୍ରତିମା ଚଳିତ ବର୍ଷ ୨୨ ଜାନୁଆରୀରେ ପ୍ରାଣପ୍ରତିଷ୍ଠା କରାଯାଇଥିଲା। ରାଜନୈତିକ ଦଳଗୁଡିକୁ ପାଣ୍ଠି ଯୋଗାଇବା ପାଇଁ ଭାରତ ସରକାର ନିର୍ବାଚନୀ ବଣ୍ଡ ଆରମ୍ଭ କରିଥିଲେ। ଏହି ବ୍ୟବସ୍ଥା ମାଧ୍ୟମରେ ବିଜେପି ଏବଂ କଂଗ୍ରେସ ସମେତ ସମସ୍ତ ଦଳ କୋଟି କୋଟି ଟଙ୍କା ପାଇଥିଲେ ମଧ୍ୟ ପ୍ରଧାନ ବିଚାରପତିଙ୍କ ନେତୃତ୍ୱରେ ହୋଇଥିବା ଖଣ୍ଡପୀଠ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହି ବ୍ୟବସ୍ଥା ସ୍ୱଚ୍ଛ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ। ଏହି କାରଣରୁ, ନିର୍ବାଚନ ବଣ୍ଡ୍ ବ୍ୟବସ୍ଥାକୁ ବନ୍ଦ କରାଯାଇଥିଲା। ସମଲିଙ୍ଗୀ ବିବାହର ଚାହିଦା ମଧ୍ୟ ଭାରତରେ ବୃଦ୍ଧି



ପାଇବାରେ ଲାଗିଛି। ଏହି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୁଡ଼ କରିଥିଲେ। ସମଲିଙ୍ଗୀ ବିବାହକୁ ଅନୁମୋଦନ କରିବାକୁ ମନା କରୁଥିବାବେଳେ ତାଙ୍କ ଖଣ୍ଡପୀଠ କହିଥିଲେ ଯେ ଆମେ ଏହି ନିଷ୍ପତ୍ତି ସଂସଦକୁ ଛାଡ଼ିଛୁ। ଭବିଷ୍ୟତରେ ଯଦି ସମାଜ ଅନୁଭବ କରେ ଯେ ଏହା କରିବା ଆବଶ୍ୟକ ତେବେ ଏନେଇ ନିଷ୍ପତ୍ତି ନିଆଯିବ। ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୁଡ଼ଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଜମ୍ମୁ କଶ୍ମୀରରୁ ଧାରା ୩୭୦ ହଟାଇବା ବିରୋଧରେ ଦାଖଲ ହୋଇଥିବା ଆବେଦନ ଉପରେ ମଧ୍ୟ ଦୀର୍ଘ ଶୁଣାଣି କରିଥିଲେ। ସମ୍ବିଧାନ ଅନୁଯାୟୀ ଧାରା ୩୭୦କୁ ହଟାଇବାକୁ କୋର୍ଟ ବିଚାର କରିଥିଲେ। ଏହି ମାମଲାରେ ପ୍ରଧାନ ବିଚାରପତି କହିଥିଲେ ଯେ,' ବିଚାରପତିମାନେ କେବଳ ସମ୍ବିଧାନ ଏବଂ ଆଇନର ଆଭିମୁଖ୍ୟ ମଧ୍ୟରେ ଏହି ନିଷ୍ପତ୍ତି ନେଇଛନ୍ତି। ଦିଲ୍ଲୀ ସରକାରୀ ପ୍ରଶାସନ ଏବଂ ଅଧିକାରୀଙ୍କ ବିବାଦ ଏବଂ ସ୍ଥାନାନ୍ତର ନିଯୁକ୍ତି ଉପରେ କାହାର ଚୂଡ଼ାନ୍ତ ନିଷ୍ପତ୍ତି ବୈଧ ହେବ ଏହି ପ୍ରସଙ୍ଗରେ ଦିଲ୍ଲୀ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିଲା। ସୁପ୍ରିମକୋର୍ଟରେ ମଧ୍ୟ ଏ ସମ୍ପର୍କରେ ଏକ ଦୀର୍ଘ ଶୁଣାଣି ହୋଇଥିଲା। ଏହା ଉପରେ ଡି.ୱାଇ ଚନ୍ଦ୍ରଚୁଡ କହିଥିଲେ ଯେ, କେବଳ ଦିଲ୍ଲୀର ନିର୍ବାଚିତ ସରକାର ଏପରି ମାମଲାରେ ନିଷ୍ପତ୍ତି ନେବାର ଅଧିକାର ରହିଛି, ଯାହା ଏହାର ଅଧୀନରେ ଆସେ। କେରଳର ପ୍ରସିଦ୍ଧ ହଦିଆ ବିବାହ ମାମଲାରେ ଏହି ରାୟ ଦେଇଥିବା ଖଣ୍ଡପୀଠରେ ମଧ୍ୟ ଜଷ୍ଟିସ୍ ଡି.ୱାଇ ଚନ୍ଦ୍ରଚୁଡ଼ ଥିଲେ। ଖଣ୍ଡପୀଠ କହିଥିଲେ ଯେ, ଯଦି ଜଣେ ଝିଅ ବୟସ୍କ ତେବେ ସେ କାହାକୁ ବିବାହ କରିବେ ତାହା ବାଛିବା ତାଙ୍କର ଅଧିକାର। ଏହା ବ୍ୟତୀତ, ଯଦି ସେ ନିଜ ଧର୍ମକୁ ସ୍ୱଇଚ୍ଛାରେ ପରିବର୍ତ୍ତନ କରିଛନ୍ତି ତେବେ କେହି ଏହାକୁ ବିରୋଧ କରିପାରିବେ ନାହିଁ। ଧର୍ମ ପରିବର୍ତ୍ତନକୁ ବ୍ୟକ୍ତିଗତ ଅଧିକାର ବୋଲି କୋର୍ଟ କହିଥିଲେ। ସେହିପରି କେରଳର ପ୍ରତିଷ୍ଠିତ ସବରିମାଳା ମନ୍ଦିରରେ ମାସିକ ଋତୁସ୍ରାବ ମହିଳାଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଥିବା ନିଷ୍ପତ୍ତି ଉପରେ ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡଙ୍କୁ ସୁପ୍ରିମକୋର୍ଟର ଖଣ୍ଡପୀଠରେ ସାମିଲ କରାଯାଇଥିଲା। ଚନ୍ଦ୍ରଚୁଡ଼ ଏହି ରାୟ ପ୍ରଦାନ କରିବାବେଳେ ସେ ମତ ଦେଇଥିଲେ ଯେ ଏହା କରିବା ଅସାମ୍ବିଧାନିକ ଅଟେ। ସମ୍ବିଧାନର ଅନେକ ଧାରା ଏହାକୁ ନିଷେଧ କରିଛି ଏବଂ ଏହିପରି ଅଭ୍ୟାସ ଜାରି ରଖିବା ଭୁଲ୍। ଏହାପରେ ନ୍ୟାସନାଲ ଜୁଡିସିଆଲ୍ କମିଶନ ବନାମ କଲେଜିୟମ୍‌ର ବିତର୍କ ସମ୍ପର୍କରେ ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୁଡ଼ ଏହା ମଧ୍ୟ କହିଥିଲେ ଯେ କଲେଜିୟମର ବ୍ୟବସ୍ଥା ସମ୍ପୂର୍ଣ୍ଣ ସ୍ୱଚ୍ଛ। ସେ କହିଥିଲେ ଯେ ଆମେ ଏଭଳି ପଦକ୍ଷେପ ନେଇଛୁ ଯେ କଲେଜିୟମ ବ୍ୟବସ୍ଥା ସ୍ୱଚ୍ଛ ରହିଛି। ସେ କହିଥିଲେ ଯେ ଆମେ ସୁପ୍ରିମକୋର୍ଟରେ ଜଣେ ବିଚାରପତି ନିଯୁକ୍ତ କରିବା ଉଚିତ୍। ପ୍ରଧାନ ବିଚାରପତି ଡି.ୱାଇ.ଚନ୍ଦ୍ରଚୁଡ଼ଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ବା ଯେକୌଣସି କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନକୁ ନେଇ ରାୟ ଦେଇଥିଲେ। ସେ ଏହା ମହିଳାଙ୍କ ମୌଳିକ ଅଧିକାରର ଉଲ୍ଲଂଘନ ବୋଲି ତାଙ୍କ ଖଣ୍ଡପୀଠରେ କହିଥିଲେ। ଏହା କିପରି ମହିଳାମାନଙ୍କୁ କାମ କରିବାକୁ ଉତ୍ସାହିତ କରିବ ବୋଲି କୋର୍ଟ ପ୍ରଶ୍ନ କରିଥିଲେ।